ସୂଚନା

ସୂଚନା

[ଓଡ଼ିଶାର ଏକ ଅବହେଳିତ (ଅଥଚ ସୁପରିଚିତ !) ଜାତିର ସମସ୍ୟା ଉପରେ ଲିଖିତ ସର୍ବପ୍ରଥମ ଓଡ଼ିଆ ଉପନ୍ୟାସ] :—

ଲେଖକ :—

ଶ୍ରୀ ଭଗୀରଥି ନେପାକ

ପ୍ରଥମ ସଂସ୍କରଣ

୧୯୬୩

ପ୍ରକାଶକ :—

ଷ୍ଟୁଡେଣ୍ଟସ୍ ବୁକ୍ ଷ୍ଟୋର

ବ୍ରହ୍ମପୁର (ଗଞ୍ଜାମ)

ମୂଲ୍ୟ ଟ ୧.୭୫ ନୂ. ପ.

... ... କବି ଗଙ୍ଗାଧର ମେହେରଙ୍କ
ଶତବାର୍ଷିକ ସ୍ମୃତି ଉପଲକ୍ଷେ ... ...

୦।।୭୩। ୧୨.୫.୭୦

—ଏକ—

ତ୍ରିଲୋଚନ ମେହେରଙ୍କର ଡାକ ନାଁ ଲୋଚନ ମେହେର । ବାପ ଅଜା ବ୍ରାହ୍ମଣ ଡକାଇ ଲଗ୍ନ ଦେଖି ନାଁ ଦେଇଥିଲେ 'ତ୍ରିଲୋଚନ' । କିନ୍ତୁ ମେହେର ଘରେ ଏତେ ବଡ଼ ଯୁକ୍ତାକ୍ଷର ମିଶା ନାଆଁଟା ପାଟିକୁ ପଇଠିଲା ନାହିଁ । ସେମାନେ ଡାକିଲେ ଲୁଚନ ବୋଲି । ବିନିକା ସହରରେ ସେ ପରିଚିତ ହେଲା ଲୁଚନ ମେହେର ନାଁରେ । ତାର ଝିଅ ଚନ୍ଦ୍ରଲେଖା ।

କମବନ୍ଧା ସୂତା ଫାନ୍ଦକୁ ନାଲରଙ୍ଗରେ ବୁଡ଼ାଇ ଦେଇ ଘଡ଼ିଏକାଳ ଅପେକ୍ଷା କରିଥିଲା ଚନ୍ଦ୍ରଲେଖା—

କମବନ୍ଧା ଅଂଶ ଛୁଡ଼ିଦେଲେ ଫାନ୍ଦର ହୁଗୁଳା ସୂତାତକ ବାହୁରିବାକୁ ବେଶୀ ସମୟ ଲାଗେ ନାହିଁ, ଦୁଇ ତିନି ମିନିଟ ଭିତରେ ଓଦା ହୋଇ ତଳକୁ ତଳକୁ ବସିଯାଏ । ତା'ପରେ ଟିକିଏ ଖୋଲାଇ ଦେଇ ଭିଡ଼ିଆଣିବା କଥା । କମ ଭିତରେ ରଙ୍ଗ ଯଦି ଭେଦିଗଲା, ସେ ଆଉ କାମରେ ଲାଗିବ ନାହିଁ ।

ଚନ୍ଦ୍ରା ତରବର ହୋଇ ସୂତାକୁ ଖୋଲାଇ ନେଲା—ହୁଗୁଳା ସୂତାତକ ରଙ୍ଗୀନ ହେଲା କି ନାହିଁ ସତର୍କରେ ପରୀକ୍ଷା କରିନେଲା । ସୂତା ଫାନ୍ଦର ଶେଷ ଅଂଶଟା ବାସନ ଉପରେ ରହିଛି । ସେ ବୁଡ଼ିବ ନାଲ-ରଙ୍ଗ ଭିତରେ ।

ସୂତା ଏଥର ମନ୍ଦାର ପରି ଲାଲ ପଡ଼ିଯାଇଛି । କମଳା ରଙ୍ଗଟା ମନ୍ଦ ନୁହେଁ । ବାପା କହୁଥିଲେ, ସିଝା ଚେରର ରସ ପରି ସେ ଗାଢ଼ା ଧରିବ ନାହିଁ । ଏ ସୂତାଟିକ ଦେଖାଇ ଦେଲେ କଣ କହିବ ?

ଚନ୍ଦ୍ରଲେଖାର ହାତ ପାପୁଲିଟା ଲାଲ ଧରିଯାଇଛି । ଆଙ୍ଗୁଠିର ପବ ଭିତରେ ଗାଢ଼ାରଙ୍ଗଟା ଚମତ୍କାର ଦେଖା ଯାଉଛି । ନିଜ ହାତକୁ ପରୀକ୍ଷା କରୁ କରୁ ଚନ୍ଦ୍ରା ମନକୁ ମନ ହସିଲା । କେଡ଼େ ସୁନ୍ଦର ଦିଶୁଛି ? ଏ ରଙ୍ଗ ଯଦି ସବୁଦିନ ରହନ୍ତା ?

ଚନ୍ଦ୍ରଲେଖାର ମନେପଡ଼ିଲା ମଧୁମନ୍ତି କଥା । ମଧୁମନ୍ତି ନିତି ତା' ପାପୁଲିରେ ରଙ୍ଗ ଦିଏ । ସେ କଣ ବଜାରରୁ ସସ୍ତା ରଙ୍ଗକଣ୍ଠା କିଣେ ? ତା' ହାତ ଆଉ ଗୋଡ଼ର ନଖଗୁଡ଼ିକ ମନ୍ଦାରଠୁ ଅଧିକ ଲାଲ । ସେ ସେତେ ସୁନ୍ଦର ଦିଶେନାହିଁ !

ଚନ୍ଦ୍ରଲେଖା କଣ୍ଠା ପାଣିକୁ ନେଇ ପାଦନଖ ଉପରେ ଟିପିଟିପି କରି ପକାଇଲା । ତା'ପରେ ତା' ଦେହର କୁମ୍ଭଶାଢୀଟିରେ ଆସ୍ତେ କରି ପୋଛିନେଲା ।

ମଧୁମନ୍ତିର ନଖ ପରି ଗାଢ଼ା ଲାଲ ହୋଇ ନଥିଲେ ବି କେମିତି ଏକ ଗୋଲାପୀ ରଙ୍ଗ ଧରିଛି । ହାତ ଓ ପାଦର ନଖସବୁ ଏକାଠି କରି ଏକ ଲମ୍ଫରେ ସେ ଅନାଇଲା । ମନ ଭିତରଟା ଉଲ୍ଲସି ଉଠୁଛି । ସତେ ଅବା ଶିରରେ-ଶିରରେ ଆସନ୍ତା ବସନ୍ତର ଲଘୁ କବିତାଟିଏ ଆତ୍ମପ୍ରକାଶ କରୁଛି । ମଧୁମନ୍ତି ଘର ଝରକା ଖୋଲା ଅଛି । ସେ ଯଦି ଏତିକବେଳେ ଆସି ତାର ରଙ୍ଗକରା ନଖସବୁ ଦେଖିନିଏ ?

ଚିତ୍ରଲେଖା ମନକୁମନ ଲାଜ କଲା । ନଖସବୁ ଶାଢ଼ୀପଣତରେ ଲୁଚାଇ ନେଲା ।

ମାଁ ମଙ୍ଗାଢରୁ ପାଟି କରୁଛନ୍ତି, 'କମ ରଙ୍ଗ କଣ ସରନି ? ସୂତା ଆସି ସରିବା ଉପରେ । ଆରବେଳା ବୁଣିବେ କଣ ?'

ଚିନା ନାଲିରଙ୍ଗ ଧରିଥିବା ଫାନ୍ଦ ସୂତାକୁ ବାଉଁଶ ଉପରେ ଶୁଖାଇ ନେଲା । ତହିଁରେ ସକାଳୁଆ ଖରା ବାଜି ପୋହଲା ପରି ଝଟକୁଛି । ସେ ରଙ୍ଗଟା ପୁଣି ଫେରି ଆସୁଛି ଦେହ ଉପରକୁ । ନଖ-ପାଟଳ ନାଲି କନାଟିଏ ସତେ ଅବା ଅଗଣା ଉପରେ କିଏ ପକାଇ ଦେଲା !

'ମଧୁ'ର ଶାଢ଼ୀଟା ଏଥର ଚମତ୍କାର ହେବ । ବାପା କେତେ ଯତ୍ନକରି ବୁଣୁଛନ୍ତି । ଶାଢ଼ୀର ଖିଏ ଖିଏ ତାଙ୍କ ମନ ଓ ପ୍ରାଣକୁ ଢାଳି ଦେଉଛନ୍ତି । ଶାଢ଼ୀ ତ ନୁହେ, ସେ ହେବ ବିଖ୍ୟାତ ବୁଣାକାର ଲୁଚନ ମେହେରର ଏକ ସାର୍ଥକ ସୃଷ୍ଟି !

ଶାଢ଼ୀ ବୁଣିଲା ବେଳେ ଆର ସାହିର କେତେ ବୁଣାକାର ଆସି ଦେଖି ଯାଉଛନ୍ତି । ଦେହର ବୁଟା, ଧଡ଼ିର ଛବି ଦେଖି ପ୍ରଶଂସା କରୁଛନ୍ତି । ପାଲିସ୍ ବୁଣା । କଲମ ଚଲାଇଲେ ଗୁଳିବ । ଦର୍ପଣ ପରି ମୁହଁ ଦିଶିବ ଶାଢ଼ୀ ଉପରେ । ବୁଣା ସରିଗଲେ, ବୟନକାର ବୁଣାଳୀ ସମ୍ପ୍ରଦାୟର ସେ ହେବ ଏକ ଅପୂର୍ବ କୃତି ।

ଆଃ, ମଧୁମତି ଏ ଶାଢ଼ୀ ଖଣ୍ଡିକ ପିନ୍ଧିଲେ କେତେ ସୁନ୍ଦର ଦେଖାଯିବ ନାହିଁ ! ତାର ପୂରିଲା ଦେହଟା ଉପରେ ଶାଢ଼ୀ ରଙ୍ଗଟା ଅଳ୍ପକେ ଚହଟିଯିବ । ମଧୁ ଯଦି ମୁଣ୍ଡରେ ଓଢ଼ଣା ଦିଏ, ତେବେ

ଧଡ଼ୀ ଉପରର ଗ୍ଲେଟ ଗ୍ଲେଟ ନାଚଲା ହଂସ ଦୁଇଟି। ଠିକ୍ କପାଳ ଉପରେ ପଡ଼ିବ । ବେକ ଓ ମୁଣ୍ଡ ଉପରର ବୁଟାସବୁ ଫୁଲମାଳପରି ଝଟହଟହ ଦେଖାଯିବ ।

ଚନ୍ଦା ମଧୁମନ୍ତର ଶାଢ଼ୀ-ପିନ୍ଧା ଦେହଟାକୁ ସ୍ପଷ୍ଟ ଦେଖି ପାରୁଥିଲା ।

ମଧୁର ଅନେକ ଭାଗ୍ୟ ! ସେ ଧନୀ ଘରେ ଜନ୍ମ ହୋଇଛି । ଯେତେ ଟଙ୍କା ଖର୍ଚ୍ଚ ହେଲେ ବି' ସେ ବଢ଼ିଆ ଶାଢ଼ୀ ପିନ୍ଧିବ ।

ଚନ୍ଦା ନିଜ ଅଲକ୍ଷରେ ତାର ଦେହ ଶାଢ଼ୀଟାକୁ ଦେଖିନେଲା । ବୁଟା ନାହିଁ କି ହଂସ ନାହିଁ । ଖାଲି କୁମ୍ଭପକା ସରଳ ଶାଢ଼ୀ ଖଣ୍ଡେ । କୁମ୍ଭ ଭିତରେ ବି'ଧାଡ଼ିଆ ଫୁଲ । ଦାମିକା ସୂତା ନୁହେ । ତଥାପି ଏ ଶାଢ଼ୀ ଖଣ୍ଡିକ ବୁଣାହେଲା ଦିନ ତାଙ୍କ ଘରେ ଭିଡ଼ ହୋଇଥିଲା । କାରଣ, ଲୁଚନ ମେହେରର ଶାଢ଼ୀରେ କିଛି ନା କିଛି ସ୍ୱତନ୍ତ୍ରତା ଥାଏ । ସେଇ ଏକା ସୂତା, ଏକା ରଙ୍ଗ । ତଥାପି ତହିଁରେ ନୂଆ ଡିଜାଇନ୍ ଦେଇ ସେ ଏମିତି ଭାବରେ ବୁଣି ନେଇଥାଏ ଯେ, ମନେ-ହୁଏ ସାଧା ସୂତା, ସାଧା ରଙ୍ଗରେ ତିଆରି ଶାଢ଼ୀ ଭିତରେ ବି' ଜୀବନ ଅଛି । ସେ ଜୀବନ ଅନ୍ୟ ବୁଣାକାରମାନଙ୍କୁ ପାଖକୁ ଡାକି-ଆଣେ । ଶତ୍ରୁ ବି' ଦି'ପଦ ପ୍ରଶଂସା କରି କହେ ।

ଚନ୍ଦ୍ରଲେଖା ତରତର ହୋଇ ଝୁଲା ହୋଇଥିବା ରଙ୍ଗଭିଜା ସୂତା ଫାନ୍ଦକୁ ବାଂଛିବାକୁ ଲାଗିଲା । ଗୋଟିଏ ପାଖ ଶୁଖିଗଲେ ଆର ପାଖଟା ରଙ୍ଗ ହେବ ।

—*—

—ଦୁଇ—

ଲୁଚନ ମେହେରର ମଙ୍ଗାଶାଳରୁ ଅଗଣାକୁ ଗୋଟିଏ ବାଟ । କବାଟ ଖୋଲାଥିଲେ, ଅଗଣାକୁ ସ୍ପଷ୍ଟ ଦେଖିହୁଏ । 'ଶାଳ'ର ପଛ-ପଟେ ଗୋଲ, ଗୋଲ କାଠ ତିଆରି ଝରକା । ତାକୁ ଖୋଲିଦେଲେ ପିଠି ପାଖରେ ପବନ ବାଜେ । ନୁଣିଆ ବେଳର ଗରମ ମୋଟେ ଜଣାଯାଏ ନାହିଁ । କାମରେ ମନ ନ ଲାଗିଲେ, ମୁହଁ ବୁଲାଇ ସେ ଝରକା ଆରପଟେ ଚାହେଁ ।

ଝରକା ଆରପଟେ ବନିକା ସହରର ବଡ଼ଦାଣ୍ଡ । ନୂଆଁ-ପଡ଼ାର ଜୀବନସ୍ପନ୍ଦନକୁ ଏହି ଦାଣ୍ଡ ଦେହରୁ ମାପିହୁଏ । ଦାଣ୍ଡ ଉପରେ ପଡ଼ାର ନାବାଳକ ବାଳକାମାନେ ମନ ଆନନ୍ଦରେ ବୁଲୁ-ଥାନ୍ତି । ଧୂଳିଘର କରି ଭବିଷ୍ୟତ ଜୀବନର ରୂପ ଦେଉଥାନ୍ତି । ତାରି ଭିତରେ ବର୍ଷ ପୁରାଣି ସବୁ ହୁଏ । ମେହେରର ଝିଅ ବୁ ହୁନବର ଧୂଳିଘରକୁ ବୋହୂ ହୋଇ ଆସେ । ଫୁଲ ଫଳ ଓ ପିଠାପଣାରେ ଦାଣ୍ଡ ଉଜ୍ଜ୍ୱଳ ଯାଏ । କିଏ କେମିତି କାଗଜର ବେଲୁନ୍ ଆଉ ଉଡ଼ାଜାହାଜ ତିଆରି କରି ଆକାଶକୁ ଗୁଡ଼ିଦିଅନ୍ତି । ମହାନଦୀ ପଟୁ ପିଟୁଥିବା ଖୋଲା ପବନରେ ସେ ମୁଣ୍ଡ ଉପରେ ଭଉଁରୀ କାଟେ ।

ଲୁଚନ ମେହେର ଲୁଗାବୁଣା ଗୁଡ଼ି ପିଲାଙ୍କର ଏ ଖେଳ, ଜୀବନରେ ଉପଭୋଗ କରେ । ବୁଢ଼ା ମନଟା ହଠାତ୍ ପିଲା ପାଲଟି ଯାଏ । ଥୁଣ୍ଟାଚଛରେ ପଣ କଅଁଳିବା ପରି ତାର ସ୍ଥିର ଓ ସ୍ଥବିର କଳ୍ପନାଗୁଡ଼ିକ ହଠାତ୍ କୁସୁମିତ ହୋଇ ଉଠନ୍ତି । ପିଲାଦିନର ସରଳିଆ କଥାତକ ମନେପଡ଼େ ।

କେତେ ସୁନ୍ଦର ଥିଲା ସେ ଅତୀତ ! ବେପରୁଆ ଜୀବନ, ନିର୍ଦ୍ଧିକ ମନ । ସଂସାରର ଭଲମନ୍ଦ ପ୍ରତି ଖିଆଲ ନାହିଁ । କିଏ ରୋଜଗାର କରୁଛି, କେମିତି ଘର ଚଳୁଛି ସେ କଥା ବୁଝିବା ଦରକାର ନାହିଁ ।

ଅଭାବ ବା' କଣ ଥିଲା ଯେ ? ବାପ ମଙ୍ଗୀଶାଳରେ ବସିଲେ ଅଭାବ କଣ ? ଦଶକୋଶରୁ ଲୋକ ଆସି ଶାଢ଼ୀ ସକାଶେ ବରାଦ କରି ଯିବେ । ଆଗତୁରା ପଇସା ଗଣି ଦୁଆର ମୁହଁରେ ଧାରଣା ଦେବେ । ସତେ ଅବା ଦଶକୋଶ ଯାକର ବାହା ପୁଆଣି ତାଙ୍କର ଘରର ଶାଢ଼ୀକୁ ଅନାଇ ଥାଏ । ଶାଢ଼ୀ ହୋଇ ନ ପାରିଲେ ବାହା ଅଟକି ଯିବ । ବାପବୁଢ଼ା କାହାରି ମନ ମାରିନାହିଁ । ବରାଦ ମୁତାବକ ଶାଢ଼ୀ ବୁଣିଛି । ମନ ଦେଇ କାମ କରିଛି । ମନ ମାନିଲେ ପଇସା କଥା ପଚରିବ କିଏ ? ଧାନ ଗୁଡ଼ାଏ କୁଟେଇ ଦେଇ ଯିବେ । ହସି ହସି କହିବେ, ଭୋଜି ଦିନ ଆମ ଘରକୁ ନିଶ୍ଚୟ ଆସିବ ମେହେରପୁଅ । ତୁମର ବୁଣା ଶାଢ଼ୀଟା ଝିଅ ଦେହକୁ କେମିତି ମନାଇଲା ଦେଖି ଯିବ ।

ଦେଖୁ ଦେଖୁ ବାରଟି ବର୍ଷ ବିତିଗଲା । ମାଇନର ଇସ୍କୁଲର ସବୁ ପାଠ ସରି ପାରିଲା ନାହିଁ । ଲୁଚନ ମେହେର ବାପ ପାଖରୁ ତାଲିମ ନେଲା ।

ତା' ପୂର୍ବରୁ ଯେ ସେ ବାପକୁ ତାର ସାହାଯ୍ୟ ନ କରିଛି, ଏମିତି ନୁହେ । କିନ୍ତୁ ଫୁଲପାଙ୍କିଆ କାମ । 'ପାଙ୍କମା' କଲାବେଳେ ବା 'କମ' ବାନ୍ଧିଲାବେଳେ, ଇଚ୍ଛା ଅନୁସାରେ ଘଡ଼ିଏ, ଘଡ଼ିଏ ବସିବା କଥା । ଯେମିତି ମେହେର ଘରର ସବୁ ପୁଅଝିଅ କରିଥାନ୍ତି । ଅନ୍ୟ ଘରେ ତ ପାଞ୍ଚ ସାତ ବରଷରୁ ତାଲିମ ନେବାକୁ ହୁଏ ।

ବାର ବର୍ଷ ବେଳକୁ ପୂରା ଓସ୍ତାଦ । କାହାରି ସାହାଯ୍ୟ ନ ନେଇ ସାଧା ଧୋତି କି ଶାଢ଼ୀ ଖଣ୍ଡେ ବୁଣିଦେବେ । ବାରବର୍ଷର ମେହେର ଝିଅ ଗୋଟିଏ ଶାଢ଼ୀର ସବୁ ସୂତା ବୁଲାଇ ସଜାଡ଼ି ଦେବ, ସବୁ କମ ବାଛି ଯୋଗାଇ ଦେବ । ଚଳପ୍ରଚଳ ଘର ବୋଲି ଲୁଚନ ମେହେର ଏତେଗୁଡ଼ିଏ ଦାୟିତ୍ୱ ନେଇନାହିଁ ।

କିନ୍ତୁ ବାର ବର୍ଷ ବେଳକୁ ବୁଢ଼ାବାପର ତାଗିଦ୍ ବଢ଼ିଲା । ଲେଖାପଢ଼ା କେତେବର୍ଷ ଆଉ ଅନେଇ ଥିବ ? ସେ ଇଂରାଜୀ ପାଠରୁ ବା' ମିଳିବ କଣ ? ଧନ୍ଦା ଶିଖିନେଲେ ଚେଣିକି ଭୟ ନାହିଁ । ତିନିଦିନକୁ ନ ପାରିଲେ ତିନିମାସରେ ତ' ଶାଢ଼ୀ ବୁଣିବ । ଆସ୍ତେ ଆସ୍ତେ ଶିଖିନେଲେ ଚେଣିକି ଘରର ଅଧେ ଦାୟିତ୍ୱ ଗଲା । ଜଣକର ରୋଜଗାର ସଙ୍ଗରେ ଆଉ ଜଣକର ରୋଜଗାର ମିଶିବ । ଦୁଇ ହାତ ସଙ୍ଗରେ ଆଉ ଦୁଇଟି ହାତ ସହଯୋଗ କରିବ । କେତେବେଳେ ହେଲେ ପରିବାରର ଅସୁବିଧା ରହିବ ନାହିଁ । ଲୁଚନ ମେହେର ବାପ ପାଖରେ ବସି ତାଲିମ ନେଲା । ବାପର କାରିଗରୀ ସବୁ ଗୋଟି ଗୋଟି କରି ଆୟତ୍ତ କରିନେଲା ।

ଠିକ୍ ସେତିକିବେଳେ ଲୁଚନ ମେହେର ପାଇଁ ବିବାହ ପ୍ରସ୍ତାବ ଆସିଲା ଲଚ୍ଛିପୁରରୁ ।

ବାର ବର୍ଷର ଲୁଚନ ମେହେର ବଡ଼ ମଣିଷଟିଏ ପରି ବଢ଼ି ଯାଇଥାଏ । ନାକତଳର କହରା ନିଶ ସଙ୍ଗକୁ ବାବୁରୀ ବାଳ ଖେଳାକ ସୁନ୍ଦର ମନାଉଥାଏ । ବିନିକା ସହରର ସବୁ ମେହେରଝିଅ ଲୁଚନ ମେହେରକୁ ଅନାଇଥାନ୍ତି । ସେମାନଙ୍କ ଚୁହାଣୀରେ କେତେ ଇଙ୍ଗିତ, କେତେ ଆହ୍ୱାନ !

କିନ୍ତୁ ଲୁଚନ ମେହେର କାହାରିକି ଦେଖେନାହିଁ । ଆପଣା କାମରେ ଚାଲିଯାଏ । ପାଠପଢ଼ା ଶିକ୍ଷିତ ଲୋକ ହୋଇ ସେ ପୁଣି ପର ଝିଅ ବୋହୂକୁ ଦେଖିବ ?

ମେହେର ଘରର ବାରବର୍ଷରେ ପୁଅ ବିବାହ କରେ । ଝିଅକୁ ସେମିତି ବାରବର୍ଷ ହେଲାବେଳକୁ ଶାଶୁଘରେ ଯୋଗାଡ଼ ସରିଥାଏ । ସେମାନେ ସବୁ ଗାଇରେ ଗାଇରେ ବଢ଼ି ଅସମୟରେ ବି ଖୁବ୍ ବଡ଼ ଦେଖାଯାନ୍ତି । ଅନ୍ୟାନ୍ୟମାନଙ୍କ ପରି ତ ଖରାରେ ତରାରେ ବୁଲିବେ ନାହିଁ ! ଘରେ ବସି, ଘର ଭିତରର ବ୍ୟବସାୟକୁ ଆଦର ନେବା କଥା ।

ବୁଢ଼ା ଲୁଚନ ମେହେର ତାର ବାରବର୍ଷିଆ କଥାସବୁ ମନେ ପକାଉଛି, ଦାଣ୍ଡରେ ଧୋଘା ପାଣି ହେଲା ।

ଲୁଚନ ମେହେରର ଭାବନାସବୁ ଏପଟେ ସେପଟେ ହୋଇଗଲା । ସେ ଆଖିବୁଲାଇ ଦେଖିଲା, ପିଲାମାନଙ୍କର ଖେଳଘର ଭାଙ୍ଗିଯାଇଛି । କେତେଟିଏ 'ଶ୍ରେଷ୍ଠ ବୋହୂ'କୁ ଦ'ଟା 'ପିଲାବର' ବାହାହେବେ ବୋଲି ବାଦ କରୁଛନ୍ତି । ଯିଏ ଯାହାର ଦଳ ଧରି ମାଡ଼ ଦେବାକୁ ତିଆର !

ପିଲାଖେଳ ! ଘଡ଼ିକୁ ଭାଇ, ଆଉ ଘଡ଼ିକ ଭଗାରି ! ଏ ଓଳିର କଥା ଆଉ ଓଳିକି ନାହିଁ । ଲୁଚନ ମେହେର ମଙ୍ଗା ଗୁଣ୍ଡ ପିଲାମେଳ ଭିତରେ ପଶିଗଲା । ଦ'ଦଳକୁ ବୁଝାଇ ସୁଝାଇ ଏକାଠି କଲା ।

ବାପର ଢଙ୍ଗ ଦେଖି ଦେଖି ଚନ୍ଦ୍ରଲେଖା ଦୁଆରବନ୍ଧ ଉପରେ ପାଦରଖି ହସୁଛି । ସେ ହସ ଉପହାସର ନୁହେ, କି ପ୍ରଶଂସାର ନୁହେ । ସେ ଗୋଟାଏ ଆଉ ପ୍ରକାର ହସ ।

ଲୁଚନ ମେହେର, ଝିଅ ଚନ୍ଦାକୁ ଦେଖି ଫେରିଆସିଲା । ଚନ୍ଦା ଯାଇ ପିଲାଙ୍କ ପାଇଁ ଧୂଳିଘର ତିଆରି ଦେଇ ଖେଳାଇ ବସିଲା ।

ଚନ୍ଦାର ଧୂଳିଖେଳ ଦିନ ସରିଯାଇଛି । ସେ ଏଇ ଛୋଟ ଛୋଟ ଝିଅ ପୁଅଙ୍କ ଭିତରେ ବାଛି ହୋଇ ଯାଉଛି । ଦିଶୁଛି, ପରିବାର କଥା ବୁଝୁଥିବା ପାରିଲା ବୋହୂଟିଏ । ପୁଅଝିଅଙ୍କୁ ପାଖରେ ରଖି ଖେଳୁଛି ।

ଚଂନ୍ଦା ସଙ୍ଗର କେତେ ଝିଅ ଶାଶୁଘରକୁ ଗଲେଣି । ସକାଳ ପାହିଲେ କାଖରେ ପିଲା ଧରି ବାପଘରକୁ ଆସିବେ । ମେହେରଘର ଝିଅ ଗୃହିଁ ଗୃହିଁ ବଢ଼େ । ଅସମୟରେ ବେଧୂ ଆଉ ମାଆ ହୁଏ । ଜନମ ହେବାର ବରଷକ ଭିତରେ ବି' ସେ ବୋହୂ ହେବାର ଉଦାହରଣ ରହିଛି । ଥାଳୀରେ ବସାଇ ସନ୍ତାନର ବିବାହର କରିବାକୁ ମେହେର ଦମ୍ପତ୍ତି ପୁଣ୍ୟ ମନେ କରନ୍ତି ।

କିନ୍ତୁ ଆଶ୍ଚର୍ଯ୍ୟର କଥା, ଧୂଳିଘରୁ ଉଠି ଝିଅ ଶାଶୁଘରକୁ ଯିବା ସଙ୍ଗେ ସଙ୍ଗେ ସଂସାର ଦାୟିତ୍ୱ ତୁଲାଇବାକୁ ସକ୍ଷମ ହୁଏ । ସ୍ୱାମୀର ଲୁଗାବୁଣା ପାଇଁ ସୂତାରେ ରଙ୍ଗ ଦିଏ, ଅଲଗା ସୂତାଖିଅ ସଜାଇ ରଖେ ଓ କମ ବାନ୍ଧେ । ପରିବାର ପାଇଁ ନିଜକୁ ଗୋଟାପଣେ ବୁଡ଼ାଇ ରଖିବାକୁ ଜୀବନର ଏକମାତ୍ର ଧର୍ମ ମନେକରେ ।

ଲୁଚନ ମେହେର ଭାବୁଥିଲା, ତାର ବାପ ଅମଳର ଧନ ଓ ସମ୍ପତ୍ତି ଥିଲେ ଚନ୍ଦା ଆଜିପର୍ଯ୍ୟନ୍ତ ଅବିବାହିତା ହୋଇ ରହିନଥାନ୍ତା । ପିଠିର ଭାର ଥିଲେ ବି ଚିନ୍ତା ନଥିଲା । ଘରେ ପୁଅ ସିଏ, ଝିଅ ସିଏ । ମାଆ ପାଦରେ ପାଦ ମିଶାଇ ଅଧେ କାମ ବୁଝୁଛି । କାମ କରୁକରୁ ଥକିଗଲେ ରନ୍ଧାଘରେ ବସି ଭାତ ବାଢ଼ୁଛି ।

ଚିନା ନଥିଲେ ଘରର ମେରୁଦଣ୍ଡ ଦୋହଲି ଯାଆନ୍ତା !

କିନ୍ତୁ ସେ ଝିଅ ପିଲା ବୋଲି ଲୋକେ କହନ୍ତି । କେତେ ଦିନ ଆଉ ଘରେ ବସିବ ? ଅଭାବ ବୋଲି ସିନା ବାହାଘର ଡ଼େରି ହେଉଛି, ନ ହେଲେ ତାର କଣ ବୟସ ହୋଇନାହିଁ !

—ଃ✳ଃ—

—ଚିନି—

'ଚିନା' କମାର ଘରର ଚକପରି ଘୂରୁଥାଏ । ତା' ହାତରେ ସବୁକାମ ହୁଏ । ଭାତରନ୍ଧା ଠାରୁ ଘର ଲିପାଯାଏ । ବାପର ବୁଣା କାମକୁ ସବୁ ଜିନିଷ ତୁଲାଏ ।

ଚିନାକୁ ଦେଖିଲେ ବାପର ଗୁଣ୍ଡଭିତରଟା କରତି ହୋଇ-ଯାଏ । ଚିନା ଝିଅ ନ ହୋଇ ପୁଅଟିଏ ହୋଇଥାନ୍ତା କି ! କିଛି ନ ହେଲେ ଦମ୍ଭ ଲାଗନ୍ତା । କଥା ପଡ଼ିଲେ ପାଖକୁ ଆସି ଛିଡ଼ା ହୁଅନ୍ତା । ଚିନ୍ତା ପଡ଼ିଲେ ହାତଧରି କହନ୍ତା, ମୁଁ ଅଛିପରା ! ତମେ ନିଧକ ରହ । ମୁଁ ସେକଥା ବୁଝିବି ।

ଝିଅ ସିନା ସବୁ କରିବ, ମଙ୍ଗ ଭିତରେ ପଶି ହାତେ କ ଲୁଗାଖଣ୍ଡେ ତ ବୁଣି ପାରିବ ନାହିଁ ! ନିଜ ହାତରେ ଯେତିକି ବୁଣାହେବ ସେତିକି । ଜଣକ ଆଦାୟକୁ ତିନି ତୁଣ୍ଡର ଆହାର । ନାଁ ଅଛି ବୋଲି ସିନା ଠିକାକି ଦରବ ପାଁହୁକା ଦେଇ ନେଇ ଯାଉଛନ୍ତି ନ ହେଲେ କଣ ଚଳନ୍ତୁଅନ୍ତା ?

ଆଃ, ଚିନା ଯଦି ପୁଅଟିଏ ହୋଇଥାନ୍ତା ! ଲୁଚିନ ମେହେରଙ୍କ ଉପାସିଆ ଗୁଣ୍ଡଟା ଦୋହଲି ଉଠେ । ବାରବର୍ଷର ଚିନାକୁ ଦେ

ପୋଖତ ବୁଣାକାରଟିଏ କରିଦିଅନ୍ତି । ତାର ଟିକଟିକ ହାତରେ 'ନରି' (ଯା ଦେହରେ ସୂତା ରଖି ବୁଣାଯାଏ) ଧରାଇ ପ୍ରନ୍ତ ଭାଗ (ଖିଅ) କୁ ଜଗି ରହନ୍ତି । କେତେ ଖିଅ ନାଲରଙ୍ଗର ସୂତା ପରେ ଗୋଲାପୀ ସୂତା ଦେଲେ କୁମ୍ଭ ହେବ କି ଫୁଲ ପଡ଼ିବ କାନେ କାନେ ଶିଖାଇ ଦିଅନ୍ତି । ହଥା (ହାତ ଦେଇ ବୁଣିବା ଉପକରଣ) ରେ ହାତ ଦେଲେ ଚନା ଆଖିପଲକରେ କୁହୁକ ସୃଷ୍ଟି କରନ୍ତି ।

କିନ୍ତୁ ଚନାଟା ପୁଅ ହେଲା ନାହିଁ । ତଥାପି ତାର ଅଦ୍ଭୁତ ମନଯୋଗ । ଗୋଟିଏ କଥା ଥରେ ଦେଖିଲେ ସବୁଦିନକୁ ମନେ-ରଖେ । କେଉଁ ଭାଗ ପରେ କାହାକୁ ବଦଳାଇ ନେଲେ ମାଛ ହେବ କି ପ୍ରଜାପତି ହେବ ସବୁ ମନେ ରଖିଛି । ବେଳେବେଳେ ଅନ୍ୟମନସ୍କ ହୋଇ ମାଛ କରୁ କରୁ ହାଣ୍ଡିର ଭାଗଟା ଧରିନେଲେ, ସେ ହଠାତ୍ ହାତ ଧରି କହେ, ଏଇଟା ଭୁଲ ହେଲା କି କଣ ବାପା ? ଆଉଥରେ ଦେଖ । ମୋର ମନେହେଉଛି ତମେ ମାଛ ଜାଗାରେ ହାଣ୍ଡି କରୁଛ ।

ଚନାର ମୁଣ୍ଡ ଭିତରେ ଏତେ ବୁଦ୍ଧି କିଏ ପୁରାଇଲା ? ଲୁଚନ ମେହେର ନିଜ ଭୁଲ ଠଉରାଇ ନେଇ ଚନା ମୁହଁକୁ ବିସ୍ମୟ ଆଖିରେ ଚାହେଁ । ଦୋଷ ମାନି କହେ, ସତେ ଲୋ ଝିଅ ! ତୁ ପାଖରେ ନଥିଲେ ମାରାତ୍ମକ ଭୁଲଟିଏ ହୋଇଥାନ୍ତା । ଶାଢ଼ୀ ଦେଖି ପୁରୁଖା ମେହେର-ମାନେ କହିଥାନ୍ତେ, ଲୁଚନ ମେହେରର ଭୁଲ ଦେଖ ! ସେ ବୁଢ଼ା ହୋଇଗଲାଣି । ସେଇଥିପାଇଁ ସବୁ ଭୁଲିଯାଇଛି । ଏପଟ ସେପଟ କରି ଲୁଗା ବୁଣୁଛି ।

ଚନା ହସେ । କହେ, ଏ ସାମାନ୍ୟ ଭୁଲଟା ପାଇଁ······

'ସାମାନ୍ୟ ନୁହେ ଝିଅ ! ଖୁବ୍ ବଡ଼ ।' ଲୁଚନ ମେହେର ଝିଅ ମୁହଁରୁ କଥା ଛଡ଼ାଇ ଉତ୍ତର ଦିଏ ।

ସେ ଭୁଲଟା କଣ ସ୍ଥାୟୀ ଭୁଲଟିଏ ? ଲୁଗା ଚରିଗଲେ ସବୁ ଭଲ, ସବୁ ଭୁଲ ସରିଗଲା । କେଇଟା ଦିନପାଇଁ······

ସେ କେଇଟା ଦିନ ତ ମୋ ପକ୍ଷରେ ଅତି ମୂଲ୍ୟବାନ । ଶାଢ଼ୀ ଖଣ୍ଡେ ବିକିଲାବେଳେ ମୋ'ମନର କିଛିଟା ଅଂଶ ବି ବିକିଦିଏ । ସେମାନେ ମୋ' ଶାଢ଼ୀ କିଣିବା ସଙ୍ଗେ ମୋର କୃତିତ୍ୱକୁ ବି କିଣି ନିଅନ୍ତି । ଶାଢ଼ୀର ଭଲମନ୍ଦ ସଙ୍ଗେ ମୋ' ବୁଣାକାର ଜୀବନର କାହାଣୀଟା ବି ଯୋଡ଼ି ହୋଇଥାଏ ।

ଚମ୍ପା ନୀରବ ରହେ । ତା' ଛୋଟ ମୁଣ୍ଡ ଭିତରେ ବାପର ଜୀବନ ଦର୍ଶନ କଥାଟି ଓଲଟ ପାଲଟ ହୋଇଯାଏ । ସେ ବୁଝେନାହିଁ, ସାମାନ୍ୟ ଶାଢ଼ୀଟିଏ ଭିତରେ ବାପ ଲୁଚନ ମେହେରର ବୁଣାକାର ଜୀବନର ଜୟପରାଜୟ କେଉଁଠି ଲୁଚି ରହିଲା । ସାହିର ଆଉ କେହି ତ ବୁଣିଲାବେଳେ ଏତେ କଥା ଭାବନ୍ତି ନାହିଁ । ଯେମିତି ଦାମ ଦେବ, ସେମିତି ଶାଢ଼ୀ ପାଇବ । ଏଥିରେ ବୁଣାକାରର ମାନ ସମ୍ମାନ ରହିଲା କେଉଁଠି ?

କିନ୍ତୁ ଲୁଚନ ମେହେର ସମୁଦାୟ ମେହେର ସମ୍ପ୍ରଦାୟ ଭିତରେ ଏକ ଉଲ୍ଲେଖ ଯୋଗ୍ୟ ବ୍ୟତିକ୍ରମ । ଲୁଗାବୁଣାଟା ତାର ପୁରୁଷାନୁକ୍ରମିକ ପେଶା । ବାପ, ଜେଜେବାପ ଅମଳରୁ ପରିବାର ପୋଷି ହୋଇଛନ୍ତି ଲୁଗାବୁଣି । ଏହି ଲୁଗାବୁଣା ଭିତରେ ସେ ପରିବାରର ଆଭିଜାତ୍ୟଟା ସତେ ଅବା ଅଟକି ଯାଇଛି ।

ବନକା ସହର କହିଲେ ନୂଆ ଓ ପୁରୁଣା ପଡ଼ାକୁ ହିଁ ବୁଝାଏ । 'ବନକାପଡ଼ା' ଓ 'ଗାଲପଡ଼ା' ଏଇନେ ସିନା ବନକା ସହରର ଅଂଶ ହୋଇ ଯାଇଛି, ନ ହେଲେ ଲୋକେ କହନ୍ତି ବହୁବର୍ଷ ପୂର୍ବେ ସେ ଦୁଇଟି ସାହି ବନକାର ଦୁଇଟା ସ୍ୱତନ୍ତ୍ର ପଲ୍ଲୀ ବା ପଡ଼ା ଗାଁ ଥିଲେ । ସୋନପୁର ରାଜଧାନୀ ହେବା ପୂର୍ବରୁ ପ୍ରଥମେ ବନକାଟା ହିଁ ଥିଲା ଚଉଦ କୋଶର କେନ୍ଦ୍ର ପୀଠ । ବନକାରେ ରାଜା, ବନକାରେ ରାଜଧାନୀ । ନହର ଗଢିବା ପରେ ନହର ସଂଲଗ୍ନ ପଡ଼ଆ ଜନ-ବସତିରେ ପରିଣତ ହେଲା । ସେ ହେଲା 'ଗଡ଼ ଭିତର' ।

ନୂଆ ଓ ପୁରୁଣା ପଡ଼ା ଭିତରେ ଖୁନ୍ଦାଖୁନ୍ଦି ହୋଇ ଘର ତାଲଛନ୍ତି ମେହେରମାନେ । ଏମାନଙ୍କ ପୂର୍ବ ବଂଶଧର ପ୍ରଥମେ ଛତିଶଗଡ଼ର କେଉଁ ଅଖ୍ୟାତ ପଲ୍ଲୀମାଳ ଭିତରୁ ଚାଲିଆସି ଏଇଠି ଆସ୍ଥାନ ଜମାଇଥିଲେ । ସେମାନଙ୍କ ହାତବୁଣା ଲୁଗା ଦେଖି ବିସ୍ମିତ ହୋଇ ରଜା ଆନନ୍ଦରେ ଜମିବାଡ଼ି ଯୋଗାଇ ଦେଇଥିଲେ । ସେଇ କେତୋଟି ପରିବାର ଏଇନେ ବଢ଼ି ବଢ଼ି ଶହ ଟପି ହଜାର ହେବା ଉପରେ । ଲୁଚନ ମେହେରର ପୂର୍ବ ବଂଶଧରମାନେ ଛତିଶ-ଗଡ଼ର କେଉଁ-ପରିବାରର ଅନ୍ତର୍ଭୁକ୍ତ ସେ କଥା ଲୁଚନ ମେହେର ନିଜେ କହିପାରିବ ନାହିଁ । କିନ୍ତୁ ମେହେରମାନଙ୍କର ଘରେ ଘରେ ଯେଉଁ ଭାଷାର ଚଳପ୍ରଚଳ ହୁଏ, ସେ ଖାଣ୍ଟି ଲରିଆ ନ ହେଲେ ବି ଲରିଆ ମିଶା ବିକୃତ ଲରିଆ ଭାଷା । ଶୁଣିବାକୁ ଖୁବ୍ ଭଲଲାଗେ । କଥା କହିଲେ ଗୀତ ଗାଉଥିବାପରି ଜଣାଯାଏ ।

ଏଇ ମେହେରମାନଙ୍କ ସକାଶେ, ବିବାହ ଲଗ୍ନ ଆଗରୁ ଦଳ ଦଳ ହୋଇ ଲୋକ ଆସନ୍ତି ବନକା ସହରକୁ । ଶାଢ଼ୀକଥା ପଚାରି ଦେଲେ ବନକାର ଯେ କୌଣସି ଲୋକ ଠିକଣା ବତାଇ ଦେଇ

କହେ, ନୂଆପଡ଼ାକୁ ଚାଲିଯାଅ । ବଡ଼ କୋଠା ପାଖକୁ ଗୋଟେ ମାଟିଘରଟିଏ ଦେଖିବାକୁ ପାଇବ । ସେଇଠି ଆମଗାଁର ମେହେର-ମାନଙ୍କ ଭିତରେ ବଡ଼ ନାଁକରା ଲୁଚନ ମେହେର ରହେ । ତା' ପାଖରୁ ଭଲ ଶାଢ଼ୀ ପାଇବ । ଜିନିଷ ଭଲ ଚାହିଁଲେ ପଇସା କଥା ଭାବିବ ନାହିଁ । ଲୁଚନ ମେହେର ତା' ଜୀବନରେ କାହାକୁ ଠକିନାହିଁ ।

ଲୁଚନ ମେହେର ପାଇଁ ଏଇ କେତେପଦ କଥା କଣ ଯଥେଷ୍ଟ ନୁହେ ? ନିଜର ପ୍ରଶଂସା ଶୁଣି ଲୁଚନ ମେହେର କାନରେ ହାତ ଦିଏ । କହେ, ମୁଁ ଯାହା ଶିଖିଲି ସେସବୁ ମୋ ବାପଅଜାଙ୍କର ଧର୍ମରୁ । କୃତିତ୍ୱ ମୋର ନୁହେ, ମୋ ବାପର । ସେଇ ମୋତେ ହାତ ଧରି ଶିଖାଇଥିଲା, ମୋ କାନ ମୋଡ଼ି ବୁଝାଇଥିଲା ।

କେହି କେହି ପ୍ରଶଂସା କରି କହନ୍ତି, ତମେଇ ମେହେର ଜାତିର ମଉଡ଼ମଣି ।

ମଉଡ଼ମଣି ମୁଁ ? ଲୁଚନ ମେହେର ହସେ । ଉତ୍ତର ଦିଏ, ଲୁଗାବୁଣା ମୋର ପେଷା । ପେଷା ହିସାବରେ ମୋର କର୍ତ୍ତବ୍ୟ ମୁଁ କରିଯାଏଁ । ଯୁଗ ଯେତେବେଳେ ବଦଳୁଛି, ଲୁଗାବୁଣାରେ ବି'ଧାଡ଼ି ନୂଆ ଚକ ନ ଦେଲେ ବି ନୂଆ କାମ ନ ଦେଖାଇଲେ କଣ ଚଳିବ?

ସେ ବୁଦ୍ଧି ଜାଣିଲା ଦିନୁ ଲୁଗା ବୁଣି ଆସିଛି ଆଖି ବୁଜିଦେଇ ବି' ଯେଉଁ ହାତେ କି ଚାଖଣ୍ଡେ ବୁଣିପିବ ତହିଁରେ ଭୁଲ ରହିବ ନାହିଁ ।

କିନ୍ତୁ ଆଉ କେତେଦିନ ?

ଆଖି ବୁଜିଦେଲେ ଏ ମଙ୍ଗା ନିଷ୍କର୍ମା ପଡ଼ିଯିବ । ଏ ନରଗୁଡ଼ିକ ଅକର୍ମଣ୍ୟ ହୋଇ ଉଠିବେ । 'ହଥା' ଆଉ 'ଥୁନ୍‌ର' କାମ ହେବନାହିଁ ।

ଭଗବାନ କି ନିଷ୍ଠୁର ହେଲେ ? ଅନେକ ଅପେକ୍ଷା କଲାପରେ କୋଳକୁ ଯେଉଁ ଏକମାତ୍ର ସନ୍ତାନକୁ ପଠାଇ ଦେଲେ ସେ ପୁଅ ନ ହୋଇ ହେଲା ଝିଅଟିଏ ।

ତଥାପି ଚନ୍ଦା ବେଳେବେଳେ ପୁଅର ସାହସ ଧରେ । ରାତ୍ତରେ ଲୁଗା ବୁଣୁବୁଣୁ ଆଖି ପଡ଼ି ଆସିଲେ କହେ, ମୋତେ କହିଲେ ମୁଁ କଣ ହାତେ ଅଧେ ବୁଣି ଦିଅନ୍ତି ନାହିଁ ?

ତୁ ବୁଣିବୁ ? ଲୁଚନ ମେହେର ଆଶ୍ଚର୍ଯ୍ୟ ହୋଇ ପଚାରେ ।

ମଙ୍ଗା ଗୁଡ଼ି କ, ଦେଖିବ । ସାଙ୍ଗେ ସାଙ୍ଗେ ବୁଣିଦେବି । ତମ ପାଖରେ ବସି ବସି ସବୁ ଶିଖିଛି । ପାଦରେ ବୁଣାକଠାଉ ମାଡ଼ି କଣ ନର ଚଲାଇ ପାରିବି ନାହିଁ ? ସବୁ ରଙ୍ଗ ସବୁ କମ ପରା ମୁଖସ୍ଥ ।

ତୁ ପାରିବୁ ଚନ୍ଦା, ପାରିବୁ । ଉତ୍ତର ଦେଉ ଦେଉ ଲୁଚନ ମେହେରର କଣ୍ଠଟା କେମିତି ଆର୍ଦ୍ର ହୋଇଯାଏ । ପୁଣି ଯୋଗ କରେ, ତୁ ଯଦି ଲୁଗା ବୁଣିବୁ, ଭାତ ରାନ୍ଧି ଶାଶୁ ଶ୍ୱଶୁରର ସେବା କରିବ କିଏ ?

ଏ ଅର୍ଥଭରା ଉତ୍ତରଟା ଶୁଣିବା ପରେ ଚନ୍ଦା ମଉନ ହୋଇଯାଏ । ସେ ଆଉ କିଛି କହିପାରେ ନାହିଁ ।

—॥✳॥—

--ଗୃହି--

ଚନାର ମାଁ କନ୍ତୁ ଆଉ ପ୍ରକାରେ ।

ବାପର ସ୍ନେହକୁ ମାଆର ଛାଟିଦ୍ ଚନାକୁ ବ୍ୟତିବ୍ୟସ୍ତ କରିଦିଏ ।

ଏତେବଡ଼ ଝିଅଟା ହେଲଣି, ସେ ଖାଲି କଣ ହେଁ ହେଁ, ପେଁ ପେଁ ହେବ ? ଘରକରଣା ଶିଖିବ ନାହିଁ ? ଚନାର ବାପ ଆଗରେ ସେ ଫେରାଦ ବାଢ଼େ ।

ଆଉ କେତେ କାମ କରନ୍ତା ଯେ ! ବାପ ଚନାର ପକ୍ଷ ସମର୍ଥନ କରେ ।

ତୁମର ଶିଖାଣରେ ଝିଅର ମୁହଁ ବଢିଗଲଣି । ଏତେବଡ଼ ଝିଅଟା କଣ ଶିଖିଛି କହିଲ ?

ଝିଅର ପକ୍ଷ ନେଇ ସ୍ତ୍ରୀ ଆଗରେ ଝଗଡ଼ା କରିବାକୁ ଲୁଚନ ମେହେର ଅନୁଚିତ ମନେକରେ । ଝିଅର ମାଁ ସିଏ । ବୁଝାଇ, ଶିଖାଇ ତାକୁ ଛିଡ଼ା କରିବ । ଭଲମନ୍ଦ ତିଆରିବା ଦାୟିତ୍ୱ ତାର । ଏଥିରେ ବାପର ବା କଣ କହିବାର ଅଛି ।

ଲୁଚନ ମେହେରର ସ୍ତ୍ରୀ କନ୍ତୁ ଚନାର ସାମାନ୍ୟତମ ବ୍ୟତି-କ୍ରମକୁ ସହ୍ୟ କରିପାରେ ନାହିଁ । ତାକୁ ଗୋଡ଼େ ଗୋଡ଼େ ଜଗେ, ପ୍ରତି କଥାରେ ବାଧାଦିଏ ।

ଝନକା ସହରର ମେହେର ଝିଅମାନେ ବୟସମତ୍ତା ହୋଇ-ଛନ୍ତି । ପୃଥିବୀରେ ପାଦ ପଡ଼ୁନାହିଁ । ମନ ଯାଇ ମାଲ ଆକାଶ ଛୁଇଁଛି । କି ଯେ କାଳ ହେଲା !

ଚନ୍ଦାର ମାଁ ଭାବେ, କାହିଁ ତାଙ୍କ ଅମଳରେ ତ ଏତେ ଅମାନ୍ତ ଦେଖା ନଥିଲା । ଝିଅମାନେ କଣ ଯୁବତୀ ହୋଇ ନଥିଲେ ନାଁ ଏ କଞ୍ଚା ବଅସ କାହାରିକ ହୋଇ ନଥିଲା ? କିନ୍ତୁ ସେମାନେ ତ ପର ପୁରୁଷ ଆଗରେ ବେହାଡ଼ା ଢଙ୍ଗ ଦେଖାଇ ଛୁଡ଼ା ହେଉ ନଥିଲେ ! ଏବେ ଝନକାର ମେହେର ଝିଅଙ୍କୁ ଭୂତ ଛୁଇଁଛି । ଖାଲି ହସ, ଖେଳ ଆଉ ଗୀତ । ମୁହଁକୁ ମୁହଁ ଲଗାଇ ଜହ୍ନ ରାତିରେ କଥା ଲଗାଇଥିବେ ଯେ, ଜହ୍ନ ବୁଡ଼ିଯିବ ପଛକେ କଥା ସରିବ ନାହିଁ । ମହାନଦୀର ସାନଧାରଟା ସେମିତି ଏ ଝିଅଙ୍କ ପାଦ ପଡ଼ିଲେ ଝିମିଝିମି ହୋଇଯିବ ।

ଚନ୍ଦାର ମାଁ ଜୀବନରେ ଅନେକ ସୂର୍ଯ୍ୟୋଦୟ ଦେଖିଲାଣି । ତାର ଯୁବତୀ ଅମଳର ସେହି ସୁନ୍ଦର ସୂର୍ଯ୍ୟୋଦୟ କଥା ଭୁଲି ଯାଇଛି । ସେଦିନ ପୂର୍ବାକାଶର ସେହି କନକ-ଲୋହିତ ରଙ୍ଗ ମନେ ନାହିଁ । ଦଶଦିଗ ମଧ୍ୟରୁ କେଉଁ ଦିଗରୁ ଦେହ ଉଲୁସିଆ ପ୍ରମତ୍ତ ପବନ ଧାରିକ ବୋହି ତାର କୁମାରୀ ମନର କେଉଁ କୋଣରେ ରୂପର କବିତା ଧାଡ଼େ ଲେଖି ଦେଇଥିଲା, ସେକଥା ଭାବିବାର ବୟସ ଅତି-କ୍ରାନ୍ତ ହୋଇଯାଇଛି ।

ଲୁଚନ ମେହେର ଆଉ ତାର ସ୍ତ୍ରୀ ପ୍ରଥମ ଦର୍ଶନରୁ ହିଁ ପରସ୍ପରର ପ୍ରେମରେ ପଡ଼ିଯାଇଥିଲେ । ଯଦି ତାଙ୍କ ସମୟର ସମକକ୍ଷ ସ୍ତ୍ରୀ ପୁରୁଷ କେଏ ଲଚ୍ଛିପୁରରେ ବଞ୍ଚିଥାଆନ୍ତି, ସେମାନଙ୍କୁ ପଚାରିଲେ ଗୋଟିଏ ସୁନ୍ଦର କାହାଣୀ କହିବେ ।

ଅନେକ ଦିନ ତଳର କଥା.........

ସେତିକବେଳେ ଲୁଚନ ମେହେରର ନଶର ରଙ୍ଗଟା ଭଅଁର ପରି କଳା ଜରଜର ଥିଲା । କୁଞ୍ଚୁକୁଞ୍ଚିଆ ବାବୁର ବାଳତକ କାନ୍ଧ ଉପରେ ଲୋଟି ପଡୁଥାଏ । ତା' ଓସାରଆ ଗୁଡିର ବଳିଷ୍ଠ ମାଂସ-ପେଶୀତକ ଯେ କୌଣସି ତରୁଣୀ ଝିଅ ଗୁଡ଼ିରେ ଚମକ ସୃଷ୍ଟି କରୁଥାଏ ।

ବନକାର ଲୁଚନ ମେହେର ଦିନେ ଲଚ୍ଛିପୁର ଗାଆଁର ଅତିଥି ହେଲା ।

ଲଚ୍ଛିପୁର ଆଉ ବନକା

ତିନକୋଶ ବ୍ୟବଧାନରେ ଦୁଇଟି ମିଠୁଆ ଉଠୁଆ ଭଉଣୀ । ଲଚ୍ଛିପୁରର ଝିଅ ଯେମିତି ବଡ଼ହୋଇ ବନକା ଗାଆଁର ବୋହୂ ହୁଏ, ବନକାର ଝିଅ ସେମିତି ବଢ଼େ ଲଚ୍ଛିପୁର ପାଇଁ । ଲଚ୍ଛିପୁରର ପ୍ରତିଟି ପରିବାର ଭିତରେ ବନକା ଗାଆଁର ଯେମିତି ସମ୍ବନ୍ଧ ଅଛି, ବନକାର ସେମିତି ପ୍ରତ୍ୟେକ ଗୃହସ୍ଥ ରକ୍ତରେ ଲଚ୍ଛିପୁରର ସମ୍ପର୍କ ଅଛି । ପ୍ରତ୍ୟେକ ଅପର ଗାଆଁର ଭାଇ ନ ହେଲେ ଭଉଣୀ, ଝିଆରୀ, ନହେଲେ ପୁତୁରା । ଲଚ୍ଛିପୁରର ଝିଅ ବଢ଼େ ବନକାରେ ବୋହୂ ହେବାକୁ ଆଉ ବନକାର ଝିଅ ଯେମିତି ବଡ଼ହୁଏ ଲଚ୍ଛିପୁର ଗାଁଆର ଭବିଷ୍ୟତ ନାଗରିକର ମାଆ ହେବାକୁ ।

ଅବିବାହିତ ଲୁଚନ ମେହେରକୁ ଦେଖି ଲଚ୍ଛିପୁର ଗାଆଁରେ ଧାରଣା ହୋଇଗଲା ଯେ, ସେ ଏ ଗାଆଁରୁ ଘାରୀ ଠିକଣା କରିବ । ବର ତାଲିକାରେ ନୂଆ ନାଁଟିଏ ଯୋଡ଼ାହେବ ।

ଅବଢ଼ାଡ଼ୀ ମେହେର ଝିଅମାନେ ବାଛୁବାଛୁ ଫେଂଗୁମକା ଶାଢ଼ୀ ପିନ୍ଧିଲେ । ଧଡ଼ୀର କୁମ୍ଭ ଓ ଫୁଲ ଗୁଡ଼ିକ ଉପରେ ଯେମିତି ଫୁଟି ଉଠେ, ସେଇଥି ପାଇଁ ସଜାଡ଼ି ହେଲେ । ତଳଆ ଖୋଷାର ଶେଷାଂଶକୁ ରୂପା ପାନପଣ ଖଞ୍ଜି ଗାଆଁ ଦାଣ୍ଡରେ ଏପାଖ ସେପାଖ ହେଲେ ।

ମେହେର ଝିଅ ବେଳେବେଳେ ବନାକାରଣରେ ବଦ୍ନସମସ୍ତା ହୁଏ । ବାହାର ମଣିଷ ତାର ମନର କଥାକୁ ଧରିପାରନ୍ତି ନାହିଁ । ବର୍ଷସାରା ଘର କାମରେ ବ୍ୟସ୍ତ ସରଳ ଝିଅର ଗୁଡ଼ିରେ ଚପଳ ହେବାର ଭାଷା କିଏ ଜଗାଇ ଦେଇଛି, ବୁଝିପାରନ୍ତି ନାହିଁ । ସବୁ କାମ ଛାଡ଼ି ସେ ରଙ୍ଗୀନ ଶାଢ଼ୀ ବେଢ଼ାଇ ହୋଇ ବଜାର ଦାଣ୍ଡରେ ଘିରିଘିରି ହୋଇ ବୁଲେ । 'ପଟ୍ଟୋଶୀ ଭାବରେ ଚଳୁଥିବା ବ୍ରାହ୍ମଣ, ଗୁଡ଼ିଆ, ଗଉଡ଼ ଯୁବକମାନେ ଭାବନ୍ତି, ଏ ମେହେର ଝିଅଙ୍କ ଗ୍ଳଳ-ଚଳନରେ ଟିକିଏ ହେଲେ ବାଡ଼ବତା ନାହିଁ । ନ ହେଲେ ଏମିତି ଅକାଗିଆ ହସ ହସନ୍ତେ ? ଏମିତି କଥାକୁହା ଗୃହାଣୀ ଗୁଟନ୍ତେ ? ସବୁ ବୟସ !

ବଯୁସୀ ମେହେର ଝିଅର ଆଖିରେ ଆଖିଏ ଆଖିଏ ରୂପକଥା । ତା' ମୁହଁରେ ଦେହରେ ନିପୁଣ ଶିଳ୍ପୀର ନିଖୁଣ ଶିଳ୍ପର ରୂପାୟନ । ରୂପ ଯୌବନକୁ ସେ କେବେହେଲେ ଲୁଚାଇବାର ଚେଷ୍ଟା କରନ୍ତି । ସବୁବେଳେ ସରଳ ଓ ସହଜ ।

ଲୁଚନ ମେହେରକୁ ଲଛିପୁରର ମେହେର ଝିଅମାନେ ଦେଖି ମିଛରେ ଏପଟ ସେପଟ ହେଲେ । କାମ ନାହିଁ, ଅଥଚ ଭିଭରର ହୋଇ ବୁଲୁଛନ୍ତି । ଜଣେ ଯାଉ ଯାଉ ବାଟ ଅଧରେ ଆଉ ଜଣଙ୍କ

ସାଙ୍ଗରେ ଦେଖାହେଲେ ଅଳ୍ପ ହସି ଦେଉଛି । ସେ ହସରେ କେତେ ଉତ୍ତେଜନା ! କେତେ ମାଦକତା !! ବିନା କାରଣରେ ଲୁଚନ ମେହେର ଅତିଥି ହୋଇଥିବା ଘର ସାମନାରେ ଘଡ଼ି ଘଡ଼ି ଛିଡ଼ା ହୋଇ କଥାବାର୍ତ୍ତା କରିବାକୁ ଭଲ ଲାଗୁଛି । କଥା କହୁ କହୁ ଗୋଟିଏ ଝିଅ ଆଉ ଗୋଟିଏ ଝିଅ କାନ୍ଧକୁ ଆଉଜି ପଡୁଛି । କଥା ମଝିରେ କାଶୁଛି, ହସୁଛି । ନ ଜାଣିଲା ପରି ଛାତିଉପରୁ କୁମ୍ଭପକା ପଣତଟା ଆଡ଼େଇ ଦେଉଛି । କବରୀର କନିଅର ଫୁଲଟାକୁ ହାତରେ ଧରି ବୁଲଉଛି । ପୁଣି ଝିଅ ଦୁଇଟି ହସାହସି ହେଉଛନ୍ତି । ହସଖୁସିର କାରଣ ପରସ୍ପରକୁ ଅଜଣା ନଥିଲେ ବି' କେହି ଜଣେ ହେଲେ କାହିଁକି ହସୁଛ ବୋଲି ପଚାରୁ ନାହିଁ ।

ଲକ୍ଷ୍ମୀପୁରର ଓସାରିଆ ଦାଣ୍ଡଟା ମେହେର ଝିଅର ମାଂସଳ ପାଦର ସ୍ପର୍ଶ ପାଇ ମୋହିତ ହୋଇ ଉଠୁଛି । ସାଦା ପବନଟା ସୁବାସରେ ଭରି ହୋଇଯାଉଛି । ମେହେର ଝିଅର ଢଳଢଳ ଢଳଢଳ ଦେଖାର ସୁଗନ୍ଧ ବୋଳହୋଇ ସତେ ଅବା ଶିହରି ଉଠୁଛି ।

ଲୁଚନ ମେହେର କିନ୍ତୁ ସ୍ଥିର, ନିର୍ବାକ ! କାହାକୁ ମୁହଁ ଉଠାଇ ଚାହୁଁନାହିଁ କି ଦି'ପଦ ଶାଗୁଆ କଥା କହୁନାହିଁ ।

ଅବହାଡ଼ୀ ଝିଅ ଭାବୁଛି, ବାନକା ସହରର ଯୁବକ ଜଣ ହସି ଜାଣେ ନ' ? ତା' ଦେହର ରକ୍ତ ଭୁଆସୁଣି ଝିଅ ଦେଖି ଝଲସି ଉଠେ ନ' ? ମନଟା କଣ ଏତେ ସାଦା, ଏତେ କଠିନ ? ଇଚ୍ଛା ହେଉଛି, ଏକୁଟିଆ ଦେଖିଲେ ହାତଧରି ପଚାରନ୍ତା, ଆମଗାଁକୁ ଆସିଛ ଅଥଚ ମୁହଁଟେକ କିଛି କହୁନ । ବାହା ନ ହେଲେ ନାହିଁ ପଛକେ, ଦିପଦ ମିଠାକଥା ଶୁଣାଇ ଯାଅ । ଭଲକରି ଥରେ ହସ ।

ଏମିତି ଅକାରଣଟାରେ ଦି ଦିନ କଟିଗଲା । ମେହେର ଝିଅର ମନର ନିଶାଟା ଫାଙ୍କି ଆସିଲା । ସେମାନେ ଆଉ ଲୁଚନ ମେହେର ପାଇଁ ବ୍ୟସ୍ତ ହେଲେନାହିଁ ।

କିନ୍ତୁ ତୃତୀୟ ଦିନ ପରେ ପରେ ଯେଉଁ ଝିଅଟି ପାଇଁ ଲୁଚନ ମେହେରର ଗୁପ୍ତ ଭିତରଟା ଆଉଟି ହେବାକୁ ବସିଲା, ସେ ଝିଅ ଆଉ କେହି ନୁହେ, ଆଜିର ଏଇ ସରଳ ଚନ୍ଦାର କଠୋର ମାଆ !

ଚନ୍ଦାର ମାଆ ପିଲାଦିନେ ଦେଖିବାକୁ ସେତେ ସୁନ୍ଦର ନଥିଲେ ମଧ୍ୟ, ଏକାବେଳକେ ଅସୁନ୍ଦରୀ ନଥିଲା । ମୁହଁ ସାମନାରୁ ଦେଖିଲେ ଯେତେ ସୁନ୍ଦର ଦେଖାଯାଏ ନାହିଁ, ପଛପଟୁ ଦେଖିଲେ ତାହାଠୁ ଅଧିକ ସୁନ୍ଦର ଦେଖା ଯାଉଥିଲା । ମୁଣ୍ଡର ଭଅଁର କଳା କେଶ ଗୋଛାକ ତାର ଚକ୍‌କଣିଆ କାନ୍ଧଟାକୁ ବୁଡାଇ ଦେଇଥାଏ । ବେକ ତଳର ଗହମ ରଙ୍ଗର ମାଂସରେ ଶଂଖ ପରି ସରୁ ସରୁ ଭାଙ୍ଗ ପଡ଼ି ଯାଇଥାଏ । ପନିମାଳୀ ସୂତାକ ସେ ମାଂସ ଭିତରେ ବୁଡ଼ି ଯାଇଥାଏ । ଫୁଙ୍ଗୁଳା ପିଠିଟା କଣେଇ ହୋଇଗଲେ ତା'ର ମାଂସଳ ଓ ବର୍ତ୍ତୁଳ ଗୁପ୍ତଟା ସ୍ପଷ୍ଟ ହୋଇଯାଏ । ତାର ହାତ ଓ ଗୋଡ଼ ପେଣ୍ଡାଗୁଡିକ ସ୍ୱତନ୍ତ୍ର ଗଢଣରେ । ବାଳ ମୁକୁଳା କଲେ ହୃଷ୍ଟପୁଷ୍ଟ ନିତମ୍ବ ଲୁଚିଯାଏ । ଦୂରରୁ ଦେଖିଲେ ମନେହୁଏ, ସତେ ଅବା ଲକ୍ଷ୍ମୀପୁରର ସାଦାଝିଅ ଭିତରେ ସହରର ପରୀଟିଏ ପଶି ଯାଇଛି ।

ଅଙ୍ଗନଦୀର ସାନ ଧାର ଭିତରେ ଗାଧୋଇବା ଅବସ୍ଥାରେ ଲୁଚନ ମେହେର ତାକୁ ସର୍ବପ୍ରଥମେ ଆବିଷ୍କାର କରିଥିଲା । ଲୁଚି ଲୁଚି ତାକୁ ଘଡ଼ିଏକାଳ ଚାହିଁଲା । ଅସତର୍କ ଅବସ୍ଥାରେ ତାର ନିଟୋଳ ଯୌବନକୁ ଦେଖିନେଲା ।

ମନ ଭିତରଟା ପୁଲକ୍ ଉଠୁଥାଏ । ଜୈବ ଗୃହାଣିରେ କେତେ ନିଶା, କେତେ ଆବେଗ । ଲୁଚନ ମେହେରର ମନେ ହେଲା ଲଚ୍ଛିପୁର ଗାଁଆର ସେଇ ଏକା ଝୁରୁଠୁ ବାଳ ସୁନ୍ଦରୀ । ଆଉମାନେ ତାର ପାଦ ତଳକୁ ହେବେ କ ନାହିଁ ସନ୍ଦେହ ! ସେ ଗାଧେଇ ଫେରଲା ବେଳେ ଝିଅଟିର ଅନୁଗମନ କଲା । ତା'ଠେରେ ପ୍ରକାଶ କଲା, ଯଦି ଲଚ୍ଛିପୁରରେ ସେ ବାହାହୁଏ ତେବେ ସେଇ ଝିଅଟିକୁ ହିଁ ବାହା ହେବ ।

ଏ କଥାଟା ଏ ସାହିରୁ ସେ ସାହିକି ବ୍ୟାପିଯିବାକୁ ବେଶୀ ସମୟ ଲଗିଲା ନାହିଁ । କୁତୁହଳୀ ଝିଅମାନେ ଦି ଓଠ ଚିପି ମୁରୁକ ମୁରୁକ ହସିଲେ । ଯାହାହେଉ ଶେଷକୁ ଲଚ୍ଛିପୁର ଝିଅଟିଏ ଲୁଚନ ମେହେରର ପରି ସାଧୁ ପୁରୁଷର ମନ ମୋହିଛି । କିନ୍ତୁ ଏତେଗୁଡିଏ ସୁନ୍ଦରୀ ଝିଅ ଥାଉଁ, ଥାଉଁ........

ସୁନ୍ଦର ଅସୁନ୍ଦର କେବଳ କଣ ଦେହରେ ଥାଏ ? ମନ ପାଇଥିଲେ ଅସୁନ୍ଦର ବି ହୁଏ ସୁନ୍ଦର । ଯୁବକ ଯୁବତୀର ଆଖିରେ ଥାଏ ସୌନ୍ଦର୍ଯ୍ୟ । ନହେଲେ ଲୁଚନ ମେହେରର ଆଖିକୁ ସେହି ଗୁମାମା ଝିଅଟି ସୁନ୍ଦର ଦେଖାଯାଇ ଥାନ୍ତା ?

ବରଷକ ପରେ ଶୁଭ ବାଜା ବାଜିଲା । ଲୁଚନ ମେହେର ହେଲା ଲଚ୍ଛିପୁରର ଜୁଆଇଁ, ଯେଉଁ ଝିଅମାନେ ପାଖରେ ଛିଡ଼ା ହୋଇ କଥା କହିବାକୁ ଡ଼ରୁଥିଲେ, ଭରସି କରି ଦି'ପଦ ପଚାରି ପାରୁ ନଥିଲେ । ସେମାନେ ଇଚ୍ଛା ଅନୁସାରେ ଢ଼ଗ ମେଲିଲେ । ହାତ ଧରି ଥଟ୍ଟା ଟାପରା କଲେ ।

ସମସ୍ତେ ଭାବିଥିଲେ ଲୁଚନ ମେହେର ପରି ମେଳାପୀ ପୁଅର ହାତ ଧରି ଗୁମାମା ଝିଅଟି ବଦଳି ଯିବ । କିନ୍ତୁ ପ୍ରକୃତି କଣ

ବଦଳେ ? ସବୁଦିନ ପରି ବାହାହେଲା ପରେ ବି ସେ ହେଲା ଗୁମାନୀ, ଅଭିମାନୀ । ଘରର ପ୍ରତ୍ୟେକ କାମ ବୁଝି ଚଳାଇ ନେଉଥିଲେ ବି ମନେହୁଏ ଚଳାଇବାରେ ଜୀବନ ନାହିଁ । ଯନ୍ତ୍ରପରି ଗୋଟିଏ ମାଇପୀ ଏପଟ ସେପଟ ହୋଇ ଯାନ୍ତ୍ରିକ ଗୃହିଣୀ ପକାଉଛି । ସେ ବା କିପରି ଗୃହାନ୍ତା, ଝିଅ ତାର ସମବୟସୀ ଝିଅ ପରି ଚପଳ ହେଉ ?

ଲୁଚନ ମେହେରର ଏସବୁ କଥା ଦେହସୁହା ହୋଇ ଗଲଣି । ପ୍ରଥମେ ପ୍ରଥମେ ସ୍ତ୍ରୀକୁ ମଉଜିଆ କଥା କହି ହସାଇବାକୁ ଚେଷ୍ଟା କରୁଥିଲା । ବିନା କାରଣରେ ନିଜେ ହସି ସ୍ତ୍ରୀ ମୁହଁକୁ ଚାହୁଁଥିଲା । କିନ୍ତୁ ଦାଣ୍ଡର କାଠ, ପଥର କଣ ହସିପାରେ ?

ଚିନାର ମାଆ ଖୁବ୍ କଠୋର । ଝିଅର ଅହେତୁକ ଆନନ୍ଦକୁ ସେ ବରଦାସ୍ତ କରିପାରେ ନାହିଁ । ଆସୁଣୁ ଯାଉଣୁ ବାରକଥା କହି ଛିଆରେ । ଟିକିଏ କେଉଁଠି ବ୍ୟତିକ୍ରମ ଦେଖିଲେ ସଙ୍ଗେ ସଙ୍ଗେ ଶୁଣାଇ ଦିଏ ।

ବାପର ସ୍ନେହ, ଆଦର ଓ ମାଆର କର୍କଶ ବ୍ୟବହାର ଭିତରେ ପେଷିହୋଇ ଚିନା ବଢ଼ୁଥିଲା । ସେ ବଢ଼ୁଥିଲା ଶୁକ୍ଳପକ୍ଷର ଚନ୍ଦ୍ର ପରି । ଦିନେ କେବେ ମାଆ ମୁହଁରୁ ଦି'ପଦ ପ୍ରଶଂସା କଥା ଦାବୀ କରି-ନାହିଁ । ଦିନେ କେବେ ମାଆର ମୁହଁ ସାମନାରେ ଛିଡ଼ାହୋଇ ହସିନାହିଁ ।

—ଃ*ଃ—

—ପାଞ୍ଚ—

'ନୂଆଁପଡ଼ା' ଭିତରେ କେତେ ଝିଅ ବୋହୂ ନାହାନ୍ତି, କିନ୍ତୁ ଚନ୍ଦ୍ରଲେଖା ପରି ବିଶିଷ୍ଟ କେହି ନାହିଁ ।

ସେ ଏକାଧାରରେ ସୁନ୍ଦର, ସଂଯତ, ଶାନ୍ତ ।

ପାଲପଡ଼ା ଓ ଗଡ଼ଭିତରର ଯୁବକମାନେ କୁହାକୁହି ହୁଅନ୍ତି, ମେହେର ଝିଅଟିଏ ହୋଇ କେତେ ରୂପ ନ ପାଇଛି ! ତାର ଲଲିଆ ଗାଲ ଦି'ଟାରେ କେତେ ରକ୍ତ ! କୁନ୍ଦିଲା ପରି ହଳଦିଆ କାନ୍ଧଟାରେ ମୁହଁ ଦେଖିଲେ ଦିଶିବ । ଆଉ ସେହି ଓସାରିଆ ଓସାରିଆ ଆଖି ! ସତେ ଅବା ମୌସୁମୀର ବାଉଳା କବିତା ଧାଡ଼ିଏ ସେଇଠି ଅଟକି ଯାଇଛି । ଗହଳ ଖୋଷାରେ ତାର କିଆଫୁଲ ଖଞ୍ଜି ଥିଲେ ମନେହୁଏ, ସହରର ଖ୍ୟାତିସମ୍ପନ୍ନ ରଙ୍ଗମଞ୍ଚକୁ ରୂପସୀ ନର୍ତ୍ତକୀଟିଏ ଓହ୍ଲାଇଛି ।

ଚନ୍ଦ୍ରଲେଖା କିନ୍ତୁ ନିଜ ପ୍ରତି ଏକ୍କା ଟିକିଏ ସଜାଗ ନୁହେ ନିଜ ରୂପ ପ୍ରତି କୌଣସି ଖିଆଲ ରଖିଲା ପରି ବି' ମନେ ହୁଏନାହିଁ ସାଥୀ ଝିଅମାନେ ଦେଖାଇ ହେବାକୁ ଭଲକଭଲ ବେଶ ହୁଅନ୍ତି ଆଖିରେ କଜଳ, ପାଦରେ ଅଳତା ଦେଇ ସାହିବୁଲା ବାହାରନ୍ତି ଗାଁର ମରଦ ପିଲାମାନେ ଯେଉଁଠି ବସିଥିବେ, ବିନା କାମରେ ବି ସେଇ ବାଟରେ ଥରକୁଥର ଯା'ଆସ କରୁଥାନ୍ତି । ଚାଲିଲାବେଳେ ମୁହଁ ପୋତି ଚାଲୁଥିବେ, ଅଥଚ ଚଟ୍ଟେଇକରି ଆଡ଼ଚାହାଣୀ ମାରି ଦେବେ । ତାଙ୍କ ଆଖିର ହସିଲା ହସିଲା ଭାଷା ଶୁଣି ଯଦି କେଉଁ ରୂପଗ୍ରାହୀ ଯୁବକ ହସିଦିଏ, ଆନନ୍ଦରେ ଫାଟିପଡ଼ିବେ । ଦଉଡ଼ିପା

ସାଙ୍ଗ କାନରେ କହିବେ, ଦେଖିଲୁ ! ଏ ମରଦଗୁଣ୍ଡା କି ନଷ୍ଟ ! ଝିଅ ଦେଖିଲେ କଣ ଯେ ହୁଅନ୍ତି………

ମାଆର ଆକଟ ଭିତରେ ରହି ବି ବେଳେବେଳେ ତାହାର କଅଁଳ ମନଟା ପ୍ରଣୟ-ସୁଗନ୍ଧ ପବନ ବାଜି ପୁଲକି ଉଠେ । ଗୁରୁ-ବାର ହାଟକୁ ଯାଉ ଯାଉ 'ହରିହାଟ' ମଧ୍ୟର ବେଢ଼ାର କଦମ୍ବଫୁଲ ଆଣି ପଣତ ଭିତରେ ଲୁଚାଇ ରଖେ । କଣିଖିଆ ପଇସାରୁ ବଳାଇ ବଳାଇ ଜରିଲଗା ହେୟାର୍‌ପିନ୍ କିଣେ । ପୁଣି ସମୟ ପାଇଲେ ପଡ଼ିଶା-ଘର ମଧୁମଞ୍ଜି ସଙ୍ଗରେ ପ୍ରଣୟ ସମ୍ବନ୍ଧୀୟ ଚୁପ୍‌ଚୁପ୍ କଥାଭାଷା ହୁଏ ।

ମଧୁମଞ୍ଜି ସମବୟସୀ । ଦେହରେ ପନ୍ଦରଟି ବସନ୍ତର ରୂପ ଯୌବନ ଲହଡ଼ା ଖେଳୁଛି । ଧନୀ ଓ ପ୍ରଭାବଶାଳୀ ପିତାର ସନ୍ତାନ ସିଏ । ସେ ଯାହା କୁହେ ବା କରେ, ବନିକା ଗାଁରେ ସମସ୍ତେ ପସନ୍ଦ କରନ୍ତି ।

ମଧୁମଞ୍ଜି ମିଲ୍ ଶାଢ଼ୀ ପିନ୍ଧେ । ଖୋଷା ପରିବର୍ତ୍ତେ ନାଗଫେଣିଆ ବେଣୀ ବାନ୍ଧେ । ବେଣୀର ଅଗ୍ରଭାଗରେ ସୁନାଫୁଲ ଓ ଶେଷାଂଶରେ ରେଶମୀ କଦମ୍ବ, ଖଞ୍ଜି ଘରଭିତରେ ଏପାଖ ସେପାଖ ହେଉଥାଏ । ବ୍ରାହ୍ମଣ ଘରର ଝିଅ ବୋଲି ସିନା ପଦାକୁ ବାହାରେ ନାହିଁ, ଘର ମୁହଁରେ ଛିଡ଼ାହେଲେ ଯେ କୌଣସି ଲୋକ ତାର କଳକଲ୍ଲୋଳ କଣ୍ଠସ୍ୱର ଓ ପ୍ରାଣମତାଣିଆ ହସ ଶୁଣିପାରେ ।

ଚନା ମଧୁମଞ୍ଜିର ଅୟୁସ ଦେଖି ଅହଙ୍କାର ହୁଏ । ତାର ବୟସର ଝିଅଟିଏ କେତେ ଆରାମରେ ଅଛି, ଅଥଚ ତାରବେଳକୁ ଶାନ୍ତିରେ ନିଃଶ୍ୱାସ ନେବାକୁ ବି ସମୟ ନାହିଁ । କିନ୍ତୁ ପରକ୍ଷଣରେ

ନିଜର ବାପ, ଆଉ ପରିବାର କଥା ମନେପକାଇ ସଙ୍କୁଚିତା ହୋଇ-ଯାଏ । ସେମାନେ ତ ଆଉ ମଧୁମଛି ଘରପରି ଧନୀ ହୋଇନାହାନ୍ତି । ଖଟିଲେ ଖାଇବେ ନ ହେଲେ ପଡ଼ିରହିବେ । ତାଙ୍କ ସଂସାରକୁ ମଧୁମଛିର ଅପୂର୍ବ ଶୋଭା ପାଇବ ନାହିଁ । ସେ ବାହାର ଦୁନିଆର ସୁଖ ଓ ସନ୍ତୋଷକୁ ଆଖି ବୁଜିଦେଇ ଆପଣା କାମରେ ଲାଗିଯାଏ । ନିଜର ପିତା ଓ ପରିବାର ପ୍ରତି ସହାନୁଭୂତିଶୀଳା ହୁଏ ।

ଯମୁନା ଓ ପାନେଶ୍ୱରୀ ଆସି ଟେପାଟାହୁଲି ମାରନ୍ତି । କହନ୍ତି, "ଆଜିଠୁ ଏତେ, ପାଣି ପାଇଲେ ହେବୁ କେତେ ?" ଶାଶୁଘରକୁ ଗଲେ ଘରଭିତରୁ ମୁହଁ ବି କାଢ଼ିବୁନି ନାଁ କଣ ? ଆମକୁ ଦେଖିଲୁ ? ଖେଳି ବୁଲି ମଉଜରେ ଅଛୁଁ । ମାଁ ଘରେ ଥିଲାଯାକ ଯିନା ମଉଜ ! ତା'ପରେ ତ ଘଣା ମୁହଁ । ଦେହକୁ ଟିକିଏ ସୁସ୍ତି ଦେଇଥା ।

ଯମୁନା ଓ ପାନେଶ୍ୱରୀକୁ ଚମ୍ପା ପଡ଼ିଲା ଆଖିରେ ଦେଖେ । ଦି'ଟାଯାକ ଖୁବ୍ ଆରାମ କରୁଛନ୍ତି । ସକାଳୁ ଉଠି ମୁଣ୍ଡ କୁଣ୍ଡାଉ କୁଣ୍ଡାଉ ଗାଧୁଆ ବେଳ । 'ପଥର ଘାଟ'ରେ ଦାନ୍ତ ଘଷି, ଦେହ ମୁହଁ ମାଜି ମାଜି ବେଳ ହେବ ମୁଣ୍ଡ ଉପରେ । କେତେ ରଙ୍ଗ ପରିହାସ । କଥାକଥାକେ ଗୀତ, କଥାକଥାକେ ଢଗ । ଅଳସେଇ ଅଳସେଇ ବୁଲିଆସି ଭାତକଂସା ପାଖରେ ବସିବା କଥା । କାମ କହିଲେ ଖାଲି ଏଘରୁ ସେଘର ବୁଲିବା ।

ଏତେ ଆରାମ କଲେ କଣ ହେବ, ଦେହରେ କଣ ମାଂସ ଅଛି ? ସବୁତକ ଶୁଖିଲା, ଶୁଖିଲା । ଆଖି ଦି'ଟା ଖାଲି ସାର । ଛନଛନ ହୋଇ ଚାହିଁବେ । ଟିକିକ କଥାରେ କନକନେଇ ଯିବେ ।

ଚମ୍ପା ନିଜ ଦେହକୁ ଆଖି ଆଗରେ ରଖି ଯମୁନା ଓ ପାନେ-ଶ୍ୱରୀକୁ ତୁଳନା କରେ । ଅଲକ୍ଷରେ ଅବୟବତକ ବଢ଼ିଯାଇଛି

ବର୍ଷ କେଇଟା ପୂର୍ବେ ଦେହରେ ରଙ୍ଗ ନଥିଲା କି ମାଂସ ନଥିଲା । କିଏ ଆସି ଏ ରୂପ ଦେଲା ? ଚମ୍ପା ଲଜ୍ଜେଇ ଯାଏ । ଲାଜୁଆ ହାତରେ ଦେହ ମୁହଁକୁ ଆଉଁସେ । ସ୍ଥାନବିଶେଷରେ ଭଙ୍ଗ ବସିଛି । ହଜି ପଡ଼ିକେ ନିଜ ହାତ, ଆଉଁସି ଦେଲା ମାତ୍ରକେ ଦେହସାରା ଉଲୁସି ଉଠୁଛି ।

ବାପର ଡାକ ଶୁଣି ଚମ୍ପା ସବୁ ଭାବନାକୁ ତଳେ ପକାଇ ଆଗେଇ ଆସେ । କେତେ ସ୍ନେହବୋଳା ସେ ଡାକ ! ଦୁନିଆରେ ଯଦି କେଉଁ କଣ୍ଠପ୍ରତି ତାର ଆକର୍ଷଣ ଓ ଆଦର ଥାଏ, ତାହାହେଲେ ସେ କେବଳ ତା ନିଜ ବାପର ଡାକ ।

ଚମ୍ପା ଦେଖେ, ବାପ ମଙ୍ଗାପାଖରେ ବସି ଛିଣ୍ଡା ସୂତା ଖିଅ ଯୋଡ଼ୁଛି । ଆଙ୍ଗୁଠିରେ ପାଉଁଶ ବୋଳି ଗ୍ରେଟ ଗ୍ରେଟ ସୂତାର ସମାନ ଖିଅ ଖୋଜି ଅତି ସନ୍ତର୍ପଣ ସହକାରେ ଗୋଟି ଗୋଟି କରି ଯୋଡ଼ି ଯାଉଛି । ବୁଣା ପାନିଆଟା ଏପାଖ ସେପାଖ ହୋଇଗଲା ବୋଧହୁଏ ! ସେ ଧାଇଁଯାଇ ବାପର ହାତ ପହଞ୍ଚୁ ନଥିବା ଛିଣ୍ଡା ସୂତାଖିଅକୁ ଯୋଡ଼ିଦିଏ ।

ଲୁଚନ ମେହେର ଝିଅକୁ ପ୍ରଶଂସା ଆଖିରେ ଅନାଇଁ ଅନାଇଁ ଭାବେ, ଚମ୍ପା ମେହେର ଘରର ଝିଅ ନୁହେ ଯେ ସରଗର ପରୀଟିଏ । ଯାହାଘରକୁ ଯିବ, ସେ ଘରଟା ଉଜ୍ଜ୍ୱଳ ହୋଇ ଉଠିବ । ତା' ହାଣ୍ଡିରେ ଚାଉଳ ପକାଇଛି କେଜାଣି ! କେତେ ସମ୍ବନ୍ଧ ଭାଙ୍ଗି ଗଲାଣି । ହାତରେ ଅଛି ମହିମାପଡ଼ାର ମହାଦେବ ମେହେରର ପ୍ରସଙ୍ଗ ।

କିନ୍ତୁ ମହାଦେବ ମେହେର ଘରଜ୍ୱାଇଁ ହେବାକୁ କଣ ମଙ୍ଗିବ ? ଦେଖାଯାଉ ! ଯଦି ସେ ମଙ୍ଗିଯାଏ ?

—ꞏ✻ꞏ—

—ଛଅ—

ମହାଦେବ ମେହେରର ଚନ୍ଦା ପ୍ରତି ଅନେକ ଲୋଭ ।

ଚନ୍ଦା ବି' ଜାଣେ, ମହାଦେବ ସଙ୍ଗରେ ତାର ସମ୍ବନ୍ଧ ପଡ଼ିଛି । ମହାନଦୀର 'ହାଣ୍ଡିପଥର'କୁ ଗାଧୋଇବାକୁ ଗଲାବେଳେ ରାସ୍ତା ମଝିରେ ମହାଦେବ ସଙ୍ଗରେ ଦେଖା ହେଲେ, ଗୋଡ଼ ଦୁଇଟି ତାର ଥରି ଥରି ଯାଏ । ମୁହଁଟା କେମିତି ଲାଲ ପଡ଼ିଯାଏ । ଦୂରୁବ ଦେହର ସବୁ ରଙ୍ଗ ଯେମିତି ମୁହଁ ଉପରକୁ ଉଛୁଳି ଆସିଲା । ସେ ବାଟଭାଙ୍ଗି ଚାଲିଯାଏ ।

ସଙ୍ଗରେ ଯମୁନା ଥିଲେ କହେ, ଦେଖୁଛୁ ଚନ୍ଦା ! ତୋ' ବର ଆସୁଛି ଲୋ ! କେମିତି କଣେଇ କଣେଇ ଚାହିଁଛି, ଦେଖି ନେଇଥା ।

'ହାତ୍', ଚନ୍ଦା ଫାଟିପଡ଼େ ଲାଜରେ ।

ସତେ ଲୋ ଚନ୍ଦା ! ବାହାହେଲେ ଖୁବ୍ ଭଲହେବ । ମଙ୍ଗାଶାଳରେ ବସି ବସି ତୋତେ ଯେତେବେଳେ ଶରଧାକରି ତାଙ୍କ ପାଖରେ ବସାଇବ ନାଁ.........

ତୁ' ବାହା ହଉନୁ ? ଚନ୍ଦା ରାଗରେ କହେ ।

ମହାଦେବ କଣ ମଙ୍ଗିବ ? ତୋ' ଦେହରେ ପରା ଗୁଡ଼ ଲାଗିଛି । ଆମ ଦେହ ସବୁ ଲୁଣ । ମିଠାକୁ ଗୁଡ଼ ପିମ୍ପୁଡ଼ି ପାଖକୁ କଏ ଆସୁଛି ?

ତୁ ଗୁଡ଼ ବୋଲି ହେଉନୁଁ ?

କଣ ମହାଦେବ ପାଇଁ ? ପିମ୍ପୁଡ଼ି ବେଢ଼ିଯିବେ ଲୋ, ଲାଲ-ମହଣିଆ ପିମ୍ପୁଡ଼ି । ଝୁଣାଝୁଣିକରି ଖାଇଯିବେ । ମହାଦେବ ମେହେରର ପ୍ରେମଠାରୁ ସେ ଦୁଃଖ ବଳିପଡ଼ିବ ।

ଯମୁନାକୁ କିଏ କଣ କଥାରେ ପାରିବ ? ଜଗତଜଣା ଝିଅ ସିଏ । ନୂଆପଡ଼ା ଓ ପାଳିପଡ଼ାର ପୁଅମାନଙ୍କୁ ଜବତ୍ କରି ରଖିଛି । କିନ୍ତୁ ଗଡ଼ଭିତରର କଥା କହିଲେ ବେଲଗାମ ମୁହଁଟା ତାର ଚୁପ୍ ପଡ଼ିଆସେ । 'ଗଡ଼ଭିତରି' ପ୍ରତି ଅନେକ ଶ୍ରଦ୍ଧା ତାର ।

କିଏ ସେଇ ମଣିଷ, ଯିଏ ଯମୁନା ପରି ଉଦ୍ଧତା ଝିଅ ମୁହଁରେ ଲଗାମ ଦେଲା ?

ଯମୁନା କଥା ଜାଣେ ପାନେଶ୍ୱରୀ । କିନ୍ତୁ ମୁହଁ ଫିଟାଇ କିଛି କହେନାହିଁ । ସାଙ୍ଗ ନାଁରେ ବଦନାମ ହେବ ବୋଲି ଆଶଙ୍କା କରେ । ତାହାହେଲେ ଯମୁନା କଣ ନିଘୃଣଛଡ଼ା ପ୍ରେମ କରୁଛି ? ଅଜାତିର ପିଲାକୁ ଆଦରି ନେଇଛି ?

ପାନେଶ୍ୱରୀ ଅଦ୍ଭୁତ ଝିଅଟିଏ । ଷୋହଳ ବର୍ଷ ଭିତରେ ଦୁଇଥର ବାହା ହେଲାଣି । ପ୍ରଥମଥର ବରକୁ ମନ ପାଇଲା ନାହିଁ । ଆଳ ଦେଖାଇ ମାଁ ଘରକୁ ଚାଲିଆସିଲା । ତା'ପରେ ଶାଶୁଘରୁ ଯେତେ ଡାକରା ଆସିଲେ ବି' ଗଲାନାହିଁ । କାହାପାଇଁ ସେ ମାଁଘର ଛାଡ଼ିବ ? ଯାହାସଙ୍ଗରେ ସଂସାର କରିବ ବୋଲି ଗୋଡ଼ ଲମ୍ବାଇ ଯାଇଥିଲା, ତାକୁ ଦେଖିଲେ ମନଟା ପୋଡ଼ିଜଳି ଯାଉଛି । ଆଉ କଥାରୁ କଣ ମିଳିବ ଯେ ? ପାନେଶ୍ୱରୀର ମନ ଜାଣି ଦେଖି 'ହରଜା' (କ୍ଷତିପୂରଣ) ଗଣିଦେଇ ବାପ ମାଁ ମାରିବ ରହିଲେ । କିନ୍ତୁ ଦ୍ୱିତୀୟ ଥର ବେଳକୁ

ପାନେଶ୍ୱରୀକୁ ତାର ବରର ମନ ପାଇଲା ନାହିଁ । ସେ ତାକୁ ଛାଡ଼ପତ୍ର ଦେଲା ।

ଷୋହଳ ବର୍ଷ ଭିତରେ ଦୁ'ଟା ମଣିଷକୁ ଚିହ୍ନିଛି । ଦୁ'ଟା ଘରର ସୁଖଦୁଃଖ ସଙ୍ଗେ ପରିଚୟ ହୋଇଛି । ଏଇନେ ବରଷେ ହେବ ମାଆଘରେ । ନୂଆ ଘର, ନୂଆ ବର ଖୋଜା ପଡ଼ିଛି । ମିଳୁନାହିଁ ।

କିନ୍ତୁ ବଢ଼ିଲା ଝିଅ ଥରଟିଏ ସ୍ୱାମୀସଙ୍ଗ ପାଇଲା ପରେ ତା' ମନ ଭିନେ ରଙ୍ଗ ଧରେ । ସେ ରଙ୍ଗକୁ ଯେତେ ଧୋଇଲେ ବି ରହେନାହିଁ । ଏକାକୀ ଜୀବନଟା କନକନେଇଯାଏ ।

ପାନେଶ୍ୱରୀ ବୟସ-ମତା ହୋଇଛି । ମରଦପିଲାକୁ ବାଟ-ଘାଟରେ ଦେଖି କଣିଆ ହସ ହସୁଛି । ଆଖିରେ ଡାକିଲା ଡାକିଲା ପରି ଅନାଉଛି ।

କଣ ଚାହେଁ ସେ ? ନିଜକୁ ନିଜେ ପଚାରି ହେଲେ କଣ ସହଜ ଉତ୍ତରଟିଏ ପାଆନ୍ତା ?

ଚନ୍ଦା ପାନେଶ୍ୱରୀ ସଙ୍ଗରେ ତାର ମନଟାକୁ ଚିହ୍ନିବାକୁ ଇଚ୍ଛା କରେ ।

ପାନେଶ୍ୱରୀ ! ସତର ବର୍ଷର ପାନେଶ୍ୱରୀ ଦେହରେ ଭର ଯୌବନ । ତା' ଖୋଷାରେ ଅସରନ୍ତି କାମନାର ଗନ୍ଧ ଭରିଛି । ତା' ମୁହଁରେ ଅକଳନ୍ତି ଇଚ୍ଛାର ରଙ୍ଗ ବୋଳା ହୋଇଛି । ସେ ତ ଆ କୁମାରୀ ଝିଅ ହୋଇ ରହିନାହିଁ, ହେଇଛି ଅପାର ତୃଷ୍ଣାର ଆଧାର । ସେଇଟି କଳ୍ପନାର ରଞ୍ଜିତ ଇନ୍ଦ୍ରଧନୁ, ବିନା ମେଘରେ ବି ଆକା

ଘଣ୍ଟା ବଜୁଛି ! ଥରକେ ଜଳେ, ଥରକେ ଲିଭେ । ଲିଭିବା ପୂର୍ବରୁ ଜୁଳୁଜୁଳୁ କରି ଅନାଇ, ବସୁଧାର କୋଟି କୋଟି ଇଚ୍ଛାକୁ ଶୋଷିନିଏ ।

ଆଉ ପ୍ରାଣେଶ୍ବରୀର ମନ ? ଶରୀରର କେଉଁ ଅନ୍ଧାରୁଆ ଅଂଶରେ ତା'ର ଅବସ୍ଥାନ । ସହଜେ ଦେଖି ହୁଏନାହିଁ କି ଚିହ୍ନି ହୁଏନାହିଁ । ତଥାପି ଶିରାପ୍ରଶିରା ଭିତରେ ଉଆଁ ମାରି ଆଖିର ଭ୍ରୂଲତା ଉପରେ କସରତ୍ କଲାବେଳେ ତାର ସଜଫୁଟା ଖିଆଲୀ ଅଂଶଟାକୁ ଚିହ୍ନି ହୋଇଯାଏ । ପ୍ରାଣେଶ୍ବରୀର ମନଟା ବିଳାସ-କାମନାରେ ଉତ୍ତପ୍ତ ହୋଇ ଉଠିଥାଏ ସେତେବେଳେ ।

ସେ ମନପାଖରେ ପୋଡ଼ି ହୋଇଯିବ ବୋଲି, ଚମ୍ପା ନିଜକୁ ସାବଧାନରେ ରଖେ । ନିଜେ ଭଲଥିଲେ ଦୁନିଆ ଭଲ । ପଙ୍କକୁ ଗଲେ ସିନା ଦାଗ ଲାଗିବ ! ନିର୍ମଳ ରାସ୍ତା ଉପରେ ଚାଲିଲେ ସେ ବିପଦ କାହିଁ ? ଉଲ୍ଲେଖଯୋଗ୍ୟ ବ୍ୟବଧାନରେ ଛିଡ଼ାହୋଇ ଯମୁନା ଓ ପ୍ରାଣେଶ୍ବରୀକୁ ଦେଖୁ ଦେଖୁ ନିଜକଥାକୁ ଗୁଣିହୁଏ ।

ପ୍ରାଣେଶ୍ବରୀ ଓ ଯମୁନା ! ଜଣେ ପୋଡ଼ି ଜଳି ଦଗ୍‌ଧ ହେଲା-ପରେ ବି ଆହୁରି ପୋଡ଼ିହେବାକୁ ମନ ବଳାଉଛି । ଆଉ ଜଣେ ସମ୍ପୂର୍ଣ୍ଣ ଅନଭିଜ୍ଞା । ଅଗ୍ନିର ଦହନ ଶକ୍ତିକୁ ଭୁଲିଯାଇ ତାର ଉତ୍ତାପ ପ୍ରତି ଆକର୍ଷିତା ହୋଇ ଉଠିଛି ।

ଏହାହିଁ ତରୁଣୀ ଜୀବନର ଆତ୍ମକଥା । ଯାହାକୁ ସେ ବିଳାସ ବୋଲି ଭାବେ ତାର ଅପର ନାମ ଆତ୍ମହତ୍ୟା । ଏ ଆତ୍ମହତ୍ୟା କରିବାକୁ ବି ମନ ଭିତରେ କେତେ ଆଗ୍ରହ ଆସେ ନାହିଁ ! ଖାଲି ଆଗ୍ରହତ ନୁହେଁ, ପରସ୍ପର ମଧ୍ୟରେ ପ୍ରତିଯୋଗିତା ବି ହୁଏ ।

ଗୋଟିଏ ତରୁଣ ଦେହର ତାତ୍ତ ମାଗିବାକୁ, ଦୁଇଟି ରୂପପାୟୀ ଆଖିର ଶିକାର ହେବାକୁ, କେଇଟି ମୁହୂର୍ତ୍ତର ମାଦକ ସ୍ପର୍ଶକୁ ଆକଣ୍ଠ ଉପ-ଭୋଗ କରିବାକୁ ତରୁଣୀର କେତେ ଆଗ୍ରହ, କେତେ ଅଭିସାର !

ଚମ୍ପା ବେଳେବେଳେ ଅସଂଯତ ଅବସ୍ଥାରେ ଭାବେ, ସେ ବି' ଯାଇ ମହାଦେବର ଛାତି ଉପରେ ଲେଟିଯାଆନ୍ତା । ତା ହାତ ଭିଡ଼ି ନାକର ମୁହଁରେ ଦେହରେ ବୋଳିଦିଅନ୍ତା । ପୁଣି' ପଚାରନ୍ତା, ଆମ-ଘରେ ପୁଅ ହେଲେ କ୍ଷତି କଣ ? ତମ ବାପମାଙ୍କୁ କହି ରାଜି କରାଉନା ?

ବାର ବର୍ଷର ଚମ୍ପା ମନରେ ଚମକ ଲାଗେ ! ହେମାଳ ପବନ ଧାରେ ବୋହିଗଲେ, ସେ ବାଉଳା ଆଖିରେ ମଦନଶା ଭରି ଚଉ-ଦିଗକୁ ନଠେଇ ନଠେଇ ଚାହେଁ । ନୂଆପଡ଼ାର ଓସାରିଆ ରାସ୍ତାଟା, ତା' ପୁଲକିତ ମନକୁ ଧରି ରଖିପାରେ ନାହିଁ । ଇଚ୍ଛାକରେ ପ୍ରଜା-ପତିଟିଏ ହୋଇ ପବନ ସୁଅରେ ଉଡ଼ିଯାଆନ୍ତା । 'ଆଡ଼ବନ୍ଧ'ର ଉଚ୍ଚ ବରଗଛ ଡାଳରେ କେମ୍ଭା ହରିହାଟ ମନ୍ଦିର ପାଖର ହାଟପଦାର ଆମ୍ବଗଛ ଉପରେ ବସନ୍ତା । ସେଇଠି ବସି ବସି ସମୁଦାୟ ବନକାଠାକୁ ଖାଲି ଆଖିରେ ଉପଭୋଗ କରନ୍ତିଅନ୍ତା ।

ଏ ମଣିଷ ଜାତିର କେତେ ଇଚ୍ଛା ସତରେ ! ବୟସ ବଢ଼ିବା ସଙ୍ଗେ ସଙ୍ଗେ ଇଚ୍ଛାଟା ବି' ବଢ଼ି ବଢ଼ି ଯାଏ । ତା'ପରେ ଦେହ ସଙ୍କଟରେ ଦିନେ ବିଲୀନ ହୁଏ । ଏତେ ଆଶା, ଏତେ ଅଭିଳାଷର କୌଣସି ମାନେ ହୁଏନାହିଁ ।

କିନ୍ତୁ ଚମ୍ପା ବା' ଏସବୁ ଭାବ ବସିବ କାହିଁକି ? ତାର ସେ ବୟସ ଆସିନି । ଏଇନେ ହସି ଖେଳି ସମୟ କଟାଇବା ଦିନ !

ନଜରକୁ, ନିଜ ବାଂଛିତ ଆଉକିଛି ଭାବ ଆନନ୍ଦରେ ଅଧୀର ହେବା ଦିନ ।

ଯମୁନା କ ପାତେନଶ୍ୱାସ ହେଲେ ଭଲ ହୁଅନ୍ତା । ଏ ବନିକା ସହରକୁ ତଟସ୍ଥ କରି ଦ'ଧେର ବୁଲିଆସିଲେ ଓଜନିଆ ମନଟା ହାଲୁକା ହୋଇ ଉଠନ୍ତା । କିଛି ନ ହେଲେ ତାର ଉପସ୍ଥିତିଟାକୁ ତ' ଗାଁଲୋକେ ବୁଝନ୍ତେ । କୌଣସି ସ୍ୱପ୍ନାତୁର ଯୁବକ ବାହାର ପାଞ୍ଚଜଣ ଅବିବାହିତା ଝିଅଙ୍କ କଥା ମନେ ପକାଇଲେ ଚନ୍ଦାକୁ ବି' ନଜରକୁ ନଅନ୍ତେ ।

କିନ୍ତୁ ତା'ପରେ ?

'ଚରଦା'ର କାଳସୀ ଯାତ୍ରାରେ ତା' ପିଛୁ ଧରି ଦଳଦଳ ଯୁବକ ଚାଲନ୍ତେ । ଟାପଷପୂଘାଟରେ ମେଳା ହେଲେ, ମେଳା ଗୁଡ଼ି ତାକୁହିଁ ଜନଗହଳ ଭିତରେ ଖୋଜି ହୁଅନ୍ତେ । ରଥଯାତ୍ରା ଭିଡ଼ଟା ତାର ଗୃହପାଖରେ ବଢ଼ି ଉଠନ୍ତା । ମହାଦେବ ମନ୍ଦିର ପାଖରେ ଶୀତଳଷଷ୍ଠୀ ଉତ୍ସବଟା ସରଗରମ ଜଣାପଡ଼ନ୍ତା । ସହରର ସବୁ ମରଦ ଗୁଣିହୋଇ ମହାନଦୀର ହାଣ୍ଡି ଆଉ ଚୋଳାପଥର ମଝିରେ ରହିଯାଆନ୍ତେ । ବାୟୁମଣ୍ଡଳଟା ଚପଳ ହୋଇ ଉଠନ୍ତା । ସମସ୍ତେ କହନ୍ତେ, ସହରର ସବୁଠୁ ସୁନ୍ଦରୀ ଝିଅ ଚନ୍ଦା ଏଇ ଛୁଡ଼ାହେଇଛି । ତା' ଦେହରେ ଘଷିହୋଇ ବୋହି ଆସୁଥିବା ପବନଟା ସେଇଥିପାଇଁ ଏତେ ମିଠାଳିଆ ଲାଗୁଛି ! ତା' ଖୋଷାର ମଲ୍ଲୀଫୁଲ ମାଳଟା ଶିଥିଳ ହୋଇ ପାଣିସୁଅରେ ପଡ଼ିଗଲା ବୋଲି ମହାନଦୀର ଏତେ ଉଚ୍ଛ୍ୱାସ, ଏତେ ଲଜ୍ଜା !

କ୍ଷଣକ ସକାଶେ ଚନ୍ଦାର ମନଟା ମହକି ଉଠେ । ତା'ପରେ ଭଲକରି କାଚ ଦର୍ପଣରେ ମୁହଁଟାକୁ ଚାହିଁନିଏ । ଗାଲମଝିଟା ଖାଲ

ହୋଇଯାଇଛି । ଖାଲି ଗୁରିପଟେ କଅଁଳ କଅଁଳ ମାଂସ, ନରମ ନରମ ରଙ୍ଗ । ଖାଲି ମାଂସ ଆଉ ରଙ୍ଗ । ଆଉ କିଛି ନାହିଁ । ଏଇଆକୁ ଦେଖି ବନକା ସହରରେ ଯଦି ଚହଳ ପଡେ, ବୁଝିବାକୁ ହେବ ସହରର ସମସ୍ତେ ସହଜ ଓ ଶସ୍ତା ହୋଇଯାଇଛନ୍ତି ।

ଚକ୍ଷୁ ସଂଯତ ହୁଏ ।

—:*:—

—ସାତ—

ମଧୁମଣିର ବାହାଘର ଆଉ ହପ୍ତାଏ.........

ବନକା ସହରରେ ଚହଳ ପଡିଯାଇଛି । ସମ୍ବଲପୁରରୁ ବର-ଯାତ୍ରୀ ଆସିବେ । ବାଣ ପଟୁଆରରେ ଗାଁ ଦାଣ୍ଡ ଉଚ୍ଛୁଳି ଉଠିବ । 'ଚନ୍ଦ୍ରେଇପଙ୍କ' ଯାଏ ମୋଟରରେ ଆସି ପଟୁଆରେ ମହାନଦୀ ପାର ହେବେ । 'ଡୁଙ୍ଗୁରିପାଲି' ସଡ଼କଟା ମରାମତି ହୋଇନାହିଁ । ନହେଲେ ମୋଟରସବୁ ସିଧା ଆସି ବନକାରେ ପହଞ୍ଚନ୍ତା । ଲୋକେ ବୁଝନ୍ତେ, ମଧୁମଣି କେଉଁବଡ଼ ଘରେ ବାହା ହୋଇଛି ।

ମଧୁମଣିର ବାପା ବାହାଘର ଲାଗି କରୁଛନ୍ତି । ଅନ୍ୟାନ୍ୟ ଉପକରଣ ସଙ୍ଗେ ପାଲା, ଦାସକାଠିଆ ଓ ସଖୀନାଚର ବ୍ୟବସ୍ଥା ହୋଇଛି । ମହାଦେବ ମେହେରର ମର୍ଦ୍ଦଳ ବଜାଇ ସଖୀ ନଚାଇବ । ଡାକବଜା ନାଚ । ଆଖପାଖର ଦଶଖଣ୍ଡ ମୌଜାରେ ସୁନାମ ଅଛି ।

ମହାଦେବ ମେହେର ମର୍ଦ୍ଦଳ ବଜାଉଥିଲେ ନୂଆପଡ଼ାର ବାଜା ପାଲପଡ଼ା ଟପି ଡଗାପୁର ଦୁର୍ଗକୁ ଶୁଭେ । ପାଲପଡ଼ାର ଆଟ୍ରସ୍ଥା

ସଦାଶିବ ମର୍ଦ୍ଦଳବାଜା ଦେଖିବ ! ବୋଲି ବସିଲା ଥାନରୁ ଦଉଡ଼ି ଆସେ । ବନକାପଡ଼ାର ଅକ୍ଷୟ ଓ ବସନ୍ତ ବି ସାଙ୍ଗ ହୋଇ ଆସି ମର୍ଦ୍ଦଳ ପାଖରେ ଠିଆ ହୁଅନ୍ତି । ମାଉଁଷ୍ଟାଡ଼ୀ ଯୁବକ ବୀରବଲ ଓ ଜଗଦୀଶ କନକନ ହୁଅନ୍ତି । ତରାଜୁଧରି ଓଜନ କଲାବେଳେ ଜିନଷ ପନ୍ଦରେ ଭୁଲ ହୁଏ । ଯିବାକୁ ସେମାନଙ୍କର ଷୋହଳ ଅଣା ଇଚ୍ଛା, ଅଥଚ ଦୋକାନ ଛାଡ଼ି ଯାଇ ହେଉନାହିଁ ।

ନୂଆପଡ଼ାର ରଘୁ ସାଆନ୍ତର ଓ ସେଠ୍‌ଟେଶି କପିଳ କଥା-ବାର୍ତ୍ତା ହେଉଛନ୍ତି, ମହାଦେବ ମର୍ଦ୍ଦଳ ବଜାଇଲେ ମଧୁମଞ୍ଚର ବାହାଘରଟା ବେଶ୍ ଜମିଉଠିବ । ସମ୍ବଲପୁର ସହରର ଆଠପଟ୍ଟିଆର ବି ହାର ମାନିଯିବ ।

ମହାଦେବ କଟ୍ଟିହନ ପାଇଁ ହୀରାକୁଦ ଯାଇଥିଲା ବୋଲି ପଡ଼ାର ଜମକ ଭାଙ୍ଗି ଯାଇଥିଲା । ମନେହେଉଥିଲା ସାହାର ଶିରା ନାହିଁ କି ଜୀବନ ନାହିଁ । ଜୀବନପ୍ରବାହ ଯାନ୍ତ୍ରିକ ହୋଇଯାଇଛି । ପ୍ରଥମ ସଞ୍ଜକୁ ଚମକାଇ ଦେଇ ମାଗୁଣିଘର ବାଡ଼ପଟୁ ଆଖଡ଼ାଘରର କଳଗୁଞ୍ଜନ ଶୁଭୁନାହିଁ । ରାତର ପ୍ରଥମ ପ୍ରହରକୁ ଆଘାତ କରି ସଖୀ-ମୁହଁରୁ ମାନଭଞ୍ଜନ ବାହାରୁ ନାହିଁ । ଯଦି ମହାଦେବ ମେହେର ଗାଁରେ ନ ରହି ଚାଲିଯାଏ, ତେବେ ନୂଆପଡ଼ାର ସବୁ ଗର୍ବ ଚୂର୍ମାର୍ ହୋଇଯିବ ।

ମହାଦେବ ମେହେର ମର୍ଦ୍ଦଳ ବଜାଇବ । ମର୍ଦ୍ଦଳ ବଜାଇଲା ବେଳେ ସେଲୁନ୍ ଡାଙ୍ଗାରେ କଟା ହୋଇଥିବା କୁଞ୍ଚୁକୁଞ୍ଚିଆ ବାଳତକ ଇତଃସ୍ତତ ହୋଇ ଉଠିବ । ବାହୁର ମାଂସପେଶୀତକ ଗୋଟାଳିଆ ପାଲଟିଯିବ । ତାର ଡ଼ିମା ଡ଼ିମା ଆଖିର କଳା କଳା ଡୋଳା ଦିଟା

ମର୍ଦ୍ଦଳର ତାଳେ ତାଳେ ଏକଡ଼ ସେକଡ଼ ହେଉଥିବେ । ଦେଖିଲେ ମନେହେବ, ମହାଦେବ ଆଉ ମର୍ଦ୍ଦଳ ଏକ ହୋଇଯାଇଛନ୍ତି । ମର୍ଦ୍ଦଳର ଘନ-ଗମ୍ଭୀର ସ୍ୱରରେ ମହାଦେବ ମନେହରର ମୁହଁର କଥା ଲେଖିହୋଇଛି । କେଡ଼େ ବାଗ୍ମିକ, କେଡ଼େ ଦୃପ୍ତ ସେ ଭାଷା !

ବନକାର ମେହେର ଝିଅମାନେ ବାଉଳା ଖାଇଯିବେ । ମହାଦେବର ଏହି ମହାନ୍ ପ୍ରାପ୍ତି ପାଇଁ ଛାତିଟାମାନ ଫୁଲି ଫୁଲି ଉଠିବ । କହିବେ, ଏ ଜାତିଟା ଖାଲି ଲୁଗା ବୁଣି ଜାଣେନାହିଁ, ସେ ବି ମର୍ଦ୍ଦଳ ବଜାଇ ଶିଖିଛି । ସୁର ଏବଂ ତାଳରେ ଦଶଖଣ୍ଡ ମୌଜାର ଲୋକଙ୍କୁ ମାତାଲ କରିଦେଇ ପାରୁଛି ।

ଯେଉଁ ହାତ ଏତେ ସୁନ୍ଦର ସୁନ୍ଦର ଶାଢ଼ୀ ବୁଣିପାରେ, ସେ ହାତ ସବୁକିଛି ଅସମ୍ଭବ ଜିନିଷ ବି କରିପାରିବ । ଦୁନିଆରେ ଏମିତି କିଛି କାମ ନାହିଁ, ଯାହା ମେହେର ପୁଅପାଇଁ ଅବାସ୍ତବ ।

ଆଃ, ବସୁମତୀର ବାହାଘରଟା ଚଞ୍ଚଳ ହୋଇଯାଆନ୍ତା କି ! ମହାଦେବକୁ ଘରଭିତରେ ବସି କବାଟ କୋଣରୁ ଦେଖିହୁଅନ୍ତା । ତାର ଅସତର୍କ ଅବସ୍ଥାରେ ଗୋଟାପଣେ ଉପଲବ୍ଧି କରିଯାଇ ପାରନ୍ତା । ଚନ୍ଦା ଖାଲି ଦିନ ଗଣେ ।

ମଧୁମତୀର କଅଁଳ ମନଟା ଉହକ ବିକଳ ହେଉଥାଏ । ତାର କୁଆଁରୀ ଛାତିଟା ଦୋହଲିଯାଏ । ଛୋଟଛୋଟ ଆଖିର ଜଳଜଳ ଜଳଜଳ ତୋଳା ଦିଟା ସଜଳ ହୋଇଉଠେ । ସମ୍ଭବ ଅସମ୍ଭବ ଅସଂଖ୍ୟ କଳ୍ପନାକୁ ମୁଣ୍ଡଭିତରେ ପୂରାଇ ସେ ଖାଲି ଭାବିହୁଏ । ଦୁନିଆର ସବୁତକ ଜିନିଷ ତାକୁ ନୂଆ ନୂଆ ମନେହୁଅନ୍ତି । ମନଭିତରେ ନୂଆ ଘର ଲାଗିଥାଏ ବୋଲି ଚିହ୍ନା ଜିନିଷଟିମାନ ବି ନୂଆ ମନେ ହୁଅନ୍ତି ।

ମଧ୍ୟମଣି ଭବେ, ସେ ବଦଳି ଯାଉଛି । ସମସ୍ତେ ତାକୁ ପର କରିଦେଉଛନ୍ତି । କାହାର ହେବ ସେ ?

ବସୁନ୍ଧରାର ଆଖିରେ ସେ ଅନେକ ସମୟ ଧରି ଆକାଶକୁ ଚାହେଁ । ବନକାର ଉଦାସିଆ ଆକାଶଟା ମଉନ ହୋଇଥାଏ । ନଈ ଆରପାଖର 'ମହୀପର୍ବତ'ଟା ସବୁଦିନ ପରି ଧ୍ୟାନମଗ୍ନ । 'ଘଣ୍ଟାଗୁଣୀ' ପାହାଡ଼ରେ ପ୍ରାଣନାହିଁ ଯେମିତି ।

ଅଥଚ ଦିନ କେଇଟା ପୂର୍ବରୁ ସମସ୍ତେ ଚପଳ ଥିଲେ । 'ମହୀପର୍ବତ' ଓ ଘଣ୍ଟାଗୁଣୀ' ପାହାଡ଼ ଡାକହାକ ହୋଇ କଥାବାର୍ତ୍ତା କରୁଥିଲେ । ସେମାନଙ୍କ କଥାବାର୍ତ୍ତାରେ ବନକାର ଅତୀତ ଗୌରବ ରୂପ ପାଉଥିଲା ! ଆକାଶର ରଙ୍ଗଟା ବି ଚମତ୍କାର ଦେଖା ଯାଉ-ଥିଲା । ମହାନଦୀର ଉସାସିଆ ଛାତିରେ ଚଲସୁଅର ପ୍ରାଣପୁଲକା ସଙ୍ଗୀତ ଭରିଯାଉଥିଲା । ବନକାର ଜୀବନଧାରକ କେତେ ଅଣ୍ଟା ଥିଲା !

ସବୁଦିନ ସମାନ ଯାଏନାହିଁ । ଏ ମନଟା ବି ବଦଳି ବଦଳି ଯାଏ । ସେଇଥିପାଇଁ ବୋଧହୁଏ ମର୍ତ୍ତ୍ୟର ମଣିଷକୁ ଭୁଲାଇ ରଖିବା ପାଇଁ ଗୋଟିଏ ଋତୁ ପରେ ଆଉ ଗୋଟିଏ ଋତୁ ଆସେ । ସାଙ୍ଗରେ ସେ ନୂତନ ରୂପ, ନୂତନ ଗନ୍ଧ ନେଇ ଆସିଥାଏ । ଭୁଲିଲା ମନର ଉଜଳା ଛବିଟା ସେଇ ନୂତନତା ଭିତରେ ଗୁଡ଼ାଇ ହୋଇ ରହିଯାଏ ।

ଆଠ

ମହାଦେବ ମେହେର କବାଟ କୋଣରୁ ଥାଇ ଶୁଣିଲା, ବାପମାଁ ତାର ସଙ୍ଗରେ ଚମ୍ପାର ବାହାଘର ସମ୍ବନ୍ଧ ପକାଇଛନ୍ତି । ଛାତିର କେଉଁ ସନ୍ଧିରେ ବିଜୁଳି ଲାଗିଗଲା ଯେମିତି । ମୁଣ୍ଡଟା ଚୁଉଁକନା ଲାଗିଲା । ସମୁଦାୟ ଶରୀରଟା କ୍ଲାନ୍ତିରେ ଭାଙ୍ଗି ପଡ଼ିଲା ।

ଖାଲି ଚମ୍ପାର ନାଁଟା ଶୁଣିବାକୁ ମନ ଭିତରେ ଆଗ୍ରହ ଆସେ । ତାର ସମ୍ବନ୍ଧରେ ସାଙ୍ଗସାଥୀ ମେଳରେ ଚର୍ଚ୍ଚା କରୁଥିଲେ ସମସ୍ତ ଜଣା ପଡ଼େନାହିଁ । ରାସ୍ତାରେ ତାର ଯିବା ଆସିବା କରୁଥିବା ଦେଖିଲେ, ହଜାର କାମ ପକାଇ ଦେଇ ଅନେଇ ଥିବାକୁ ଇଚ୍ଛାହୁଏ ।

ଏଇ ଚମ୍ପା ସମ୍ବନ୍ଧରେ ମହାଦେବ କେତେଥର ନ ଭାବିଛି ! କେତେ ନିର୍ଘୁମ ରାତିର ଶେଷ ପହରରେ ସେ ନିଦୁଆ ଆଖିକୁ ସପନ ବେଶରେ ଆସି ତାର ମନ ଭିତରଟା ଛିନ୍‌ଭିନ୍ କରି ଦେଇ ନାହିଁ !

ମହାଦେବ ମେହେର କବାଟ ସନ୍ଧିରେ ମିଶିଗଲା । ତାର ପ୍ରଖର ନିଃଶ୍ୱାସକୁ ଆୟତ୍ତକୁ ଆଣି ସେ ବାପମାଁର ପ୍ରତି କଥାକୁ ପିଇ ଯାଉଥିଲା ବୋଧହୁଏ । ଯେତେ ଶୁଣିଲେ ସେତେ ଆନନ୍ଦ ।

ଆଃ, ଚମ୍ପାଟା ତାର ସ୍ତ୍ରୀ ହେବ । ବନକାର ସବୁଠୁ ସୁନ୍ଦରୀ ଝିଅ ଚମ୍ପା । ତାଙ୍କର ପରିବାର ଭିତରେ ଆସି ମିଶିବ । ସେ ଦିନଟା କେତେ ସୁନ୍ଦର ହେବନାହିଁ !!

ପୂର୍ବରୁ ଏ ସମ୍ବନ୍ଧରେ କିଛି କିଛି ଆଭାସ ପାଇଥିଲା ମାନ । କିନ୍ତୁ ମୁହଁ ଫିଟାଇ ବାପାମାଆଙ୍କୁ ପଚାରି ନଥିଲା । ତା' ନିଜର ବିବାହ କଥାଟାକୁ କେମିତି ବା' ପଚାରନ୍ତା ? ଛିଃ, ଲାଜ ଲାଗନ୍ତା ନାହିଁ ?

ମହାଦେବର ମନେହେଲା, ଆଜିଦିନଟା ତା'ପକ୍ଷରେ ସବୁଠୁ ଆନନ୍ଦର ଦିନ । ବୁଦ୍ଧି ଜାଣିଲା ଦିନଠୁ ଏତେ ଆନନ୍ଦ ହେବାର ମନେ ପଡ଼ୁନାହିଁ । ମନେ ମନେ କୁତୁକି ଉଠୁଥିଲା ସେ ।

ଚିନ୍ତା ଏ ଘରକୁ ବୋହୂ ହୋଇ ଆସିବ । ତା' ବାପର ହାତବୁଣା ସବୁଠୁ ସୁନ୍ଦର ଶାଢ଼ୀ ଖଣ୍ଡେ ପିନ୍ଧିଥିବ । ତାର ମାଉଁସିଆ ପାଦ ଦି'ଟାରେ ଥମକ ଥମକ ଚାଲିଲାବେଳେ ,ଚକ୍‌କଣ ମାଟି ଚଟାଣ ଖଣ୍ଡିକ ବି' ଉଲୁସି ଉଠୁଥିବ । ସାରା ରାତି ଉଜାଗର ରହି ତା' ସୁନ୍ଦରିଆ ମୁହଁଟାକୁ ଅନାଉଥିଲେ, ଅନିଦ୍ରା ବାଧା ଲାଗିବ ନାହିଁ । ଚିନ୍ତାକୁ ସେ ନିଜ ହାତରେ ବେଶ କରିବ । ସାଦା ଖୋଷାଟାକୁ ଫିଟାଇ ଦେଇ ମଧୁମଞ୍ଚି ପରି ଲମ୍ବା ବେଣୀଟିଏ ପକାଇ ଦେବ । ବେଣୀର ଉପର ମୁଣ୍ଡରେ ରୂପାର ପାନପତ୍ରଟିଏ ଖଞ୍ଜିଦେଲେ ପିଠି ପଟଟା ଚମତ୍କାର ଦେଖାଯିବ । ବେକର ପୋହଳା ମାଳଟା ଓହ୍ଲାଇ ଦେଇ ସରୁ ସୁନାଚେନ୍‌ଟିଏ ପିନ୍ଧାଇ ଦେବ । ଚିନ୍ତା ପଢ଼ିଲା ପୋଥିର ଚିତ୍ରଟିଏ ପରି ଝଟକି ଉଠିବ ।

'ମହାଦେବ କଣ ଘରଜ୍ୱାଇଁ ହବ ? ଆମର ଅଭାବ କଣ ଯେ ଲୁଚନ ମେହେରର ଘରକୁ ତାକୁ ସବୁଦିନପାଇଁ ଛାଡ଼ିଦେବ ?'

'ମୁଁ ବି ସେୟା ଭାବୁଛି । ଚିନ୍ତା ନ ହେଲେ ପୁଅପାଇଁ ଆଉ ଗୋଟାଏ ଚିନ୍ତା ଯୋଗାଡ଼ କରିବାକୁ କଣ ଡେରିହେବ ? ମେହେର କୁଳରେ ଝିଅର ଅଭାବ ନାହିଁ ।'

ବାପମାଁଙ୍କର ଆଲୋଚନାର ଶେଷାଂଶ ଶୁଣି ମହାଦେବର ମନ ଭିତରଟା ମରିଗଲା । ପଲ୍ଲବିତ ହୋଇ ଉଠୁଥିବା ଅଭିଳାଷରେ ହଠାତ୍ ଯେମିତି ନିଆଁ ଲାଗିଗଲା । ମହାଦେବର ଛାତିରେ ବେଦନାର ପାହାଡ଼ ଛିଡ଼ାହେଲା । ଆର୍ତ୍ତନାଦରେ ଭାଙ୍ଗିପଡ଼ୁଥିଲା ଯେମିତି ?

କିନ୍ତୁ ବାପମାଁଙ୍କ କଥାକୁ ପ୍ରତିବାଦ କରିବାକୁ ଶକ୍ତି ନାହିଁ । ମେହେର କୁଳର କେଉଁ ପୁଅ ତା' ବାପମାଁର କଥାରେ ଅମାନିଆ ହୋଇଛି ? କେଉଁ ଝିଅ ପରିବାରର ଇଚ୍ଛା ଉପରେ ଆଘାତ ଦେଇଛି ?

ସମ୍ବନ୍ଧ ଅକସ୍ମାତ୍ ପଡ଼ି ଆଖିପଲକରେ ଭାଙ୍ଗିଯିବା ଦେଖି ମହାଦେବର ଛାତିକଲିଜାଟା ଟିକ୍ ଟିକ୍ ହୋଇଗଲା । ତାର ଅଲକ୍ଷରେ ଆଖି ଭିତରୁ ଦି'ଧାର ଗରମ ଲୁହ ନିଗିଡ଼ି ଆସିଲା । ପିନ୍ଧାଧୋତିରେ ସେତକ ପୋଛିପକାଇ ଅବେଳରେ ସେ ମହାନଦୀ ଭିତରେ ପଶିଲା ।

ମହାନଦୀର ପଥରଘାଟରେ ହାତିଉଚ୍ଚ ପଥର । ପଥରର ଅରଣ୍ୟ ଯିଏ । ମଝିରେ ମଝିରେ ପଥର ଘେରା ଘର । ଗାଲପଡ଼ାର ସ୍ତ୍ରୀ ପୁରୁଷ ପଥର ଖୋଲ ଭିତରେ ଥିବା ଅକାତକାତ ପାଣିରେ ଗାଧୋଉଥିଲାବେଳେ ଅକସ୍ମାତ୍ ବାଲଝଡ଼ି କି କୁଆପଥର ମାଡ଼ହେଲେ, ନିର୍ଭୟରେ ସେଠି ନବୁଜ ଘରଭିତରେ ଆଶ୍ରୟ ନିଅନ୍ତି ।

ବାଲଝଡ଼ି କି କୁଆପଥର ମାଡ଼ କରୁ ନଥିଲେ ବି' ମହାଦେବ ଅବେଳରେ ଆସି ପଥରଘାଟରେ ସେଇ ନବୁଜ ଘରମାନଙ୍କରୁ ଗୋଟାକରେ ବସିପଡ଼ିଲା । ଆଖି ସାମନାରେ ଚଇତସ୍ରୋତା ମହାନଦୀର କ୍ଷୀଣାଙ୍ଗୀ ଧାରଟିଏ କୁଳୁକୁଳୁ ହୋଇ ବୋହି ଚାଲୁଥାଏ । ବଡ଼ଧାରର ଅପେକ୍ଷାକୃତ ସରଳ ସ୍ରୋତରେ ବନିଜାର ବୃକ୍ଷ

କେଉଟଟିଏ ଜାଲ ପକାଇ ମାଛ ଧରୁଥାଏ । ଜାଲ ପାଖରେ ଛୁଞ୍ଚା-ହୋଇ ଦୁଇଟି ଲଙ୍ଗଳାପୁଅ ଜୁଳୁଜୁଳୁ କରି ଚାହିଁଥାନ୍ତି । ଛୋଟ ଛୋଟ ଜଉଲି ମାଛଟିମାନ ଜାଲ ଭିତରୁ ଡେଇଁପଡ଼ିଲେ ପଡ଼ିଉଠି ତାକୁ ଧରିବାକୁ ଚେଷ୍ଟା କରୁଥାନ୍ତି ।

ଆଖିଆଗରେ ଛୋଟ ନାହାଟିଏ ଚାଲିଗଲା । ପଥରର ନଦୀ-ଧାରଟା କ୍ଷିପ୍ର ଥିବାରୁ କେଉଟମାନେ ଆହୁଲା ଛାଡ଼ି କାତ ଧରିଲେ । ଅଙ୍କାବଙ୍କା ରାସ୍ତାରେ ନାହା ବାଜିଯିବ ବୋଲି ପଥର ଦେହରେ କାତଟିମାନ ଭରାଦେଲେ ।

ବନଜାର ମୁଣ୍ଡା ଝିଅଟିଏ ଶାଶୁଘରକୁ ଯାଉଛି । ନାହା ମଝିର ବାଉଁଶ ଛୁଞ୍ଚ ଉପରେ ପାଗିଲା ଲିଆ ମୁଡ଼ିର ଛୋଟ ବଡ଼ ପାଛିଆ । ସଙ୍ଗରେ ଛୋଟ ଭାଇ ବସିଛି । ଆଖିରେ ତାର ମୁରବୀ ପଣିଆ ଚାହାଣୀ । ଝିଅଟିର ଖୋଷାରେ ଗୋଛେହେବ ମଲ୍ଲୀଫୁଲ । କଜଳ ଧାରଟିମାନ ତାର ଓସାରିଆ ଆଖିକୁ ସୁନ୍ଦର ମନାଉଛି । ହାତର 'ବନ୍ଧରିଆ' 'କତରିଆ'କୁ ବାର୍‌ହାବାଲରେ ଘଷି ଚକ୍‌ଚକ୍ କରିଛି । 'ବଉଳ ଶାଢ଼ୀ'ର କସ୍ତ ମିଶା ଶାଗୁଆ ରଙ୍ଗ ସୂର୍ଯ୍ୟ କିରଣରେ ଝଲସି ଉଠୁଛି ।

ନାଉରିଆମାନେ 'ଘାଟୀ' ଜାଗାଟିମାନ ପାରି ହୋଇ ସାରିଲା ପରେ ମନଆନନ୍ଦରେ ଗୀତ ଗାଉଛନ୍ତି । ଶାଶୁଘର ଝିଅ ସେ ଗୀତ ଶୁଣୁଶୁଣୁ କଣେଇ କଣେଇ ହସୁଛି । ତାର ହସ ଦୁ'ଧାଡ଼ିକ ନେକେନ ତରଳ, କେତେ ମଧୁର । ଲେଳକଶୋଷ ଦୂଲ ସେମିତି ହସକୁ ଯୁଗ ଯୁଗ ଧରି ଉପଭୋଗ କରାଯାଇପାରେ ।

ବଜନକାର ଝିଅଗୁଡ଼ିକ ଖୁବ୍ ସୁନ୍ଦର ହସି ପାରନ୍ତି । କଥା କହି ମନ ମୋହି ନଅନ୍ତି । ସେମାନଙ୍କ ଦେହରେ ରୂପ ଯୌବନ ସବୁ-ଦିନପାଇଁ ଘର କରିଥାଏ । ବିଗତ ବୟସରେ ବି ବଜନକାର ଝିଅ ମୋହିନୀ କନ୍ୟାପରି ଅପୂର୍ବ ଦିଶେ ।

ମହାଦେବ ମେହେରର ସେ ଝିଅକୁ ଦେଖି ଚମ୍ପା କଥା ମନେ ପକାଇଲା । ବୋହୂ ବେଶରେ ଚମ୍ପା ହୁଏତ ଏ ଝିଅଠୁ ଆହୁରି ସୁନ୍ଦର ଦେଖାଯାନ୍ତା । ତାର ମାଉଁସିଆ ସଜ ଦେହଟାକୁ ନରେଲା କସ୍ତୁରିରଙ୍ଗର ଫେଂଗୁଲଲା ଶାଢ଼ୀରେ ସଜାଇ ଦେଲେ ମନେହୁଅନ୍ତା, ସେ ମେହେରର କୁଳର ଝିଅ ନୁହେଁ, ବାଦଲ ଦେଶରୁ ସୁନା ପରୀଟିଏ ଚମ୍ପାହୋଇ ଜନମ ନେଇଛି ।

କେତେ ସୁନ୍ଦର ପ୍ରସ୍ତାବଟା କେତେଶୀଘ୍ର ମଉଳିଗଲା !

ସେ ମନେ ମନେ ଖୁବ୍ ରଗିଗଲା । ଭାବିଲା, ସୁବିଧା ପାଇଲେ ଗାଁ ଗୁଡ଼ା ବୁଲିଯିବ । ସେଇ ବଡ଼ା ବଜନକାଟା ତା'ପାଇଁ ଶ୍ରୀମନ୍ତ ସହର ନୁହେଁ ତ ଆଉ କଣ ?

ମହାଦେବ ମେହେର ପଥରଘାଟର ନବୁଜ ପଥରେଉପର ଗୁଡ଼ ଗୁଡ଼ା ହେଉଥିବାବେଳେ, ମହାନଦୀର ବୋହିଲା ସୁଅ ଉପରେ ଅସ୍ତ-ସୂର୍ଯ୍ୟର ଲୋହିତ ରଶ୍ମି ପଡ଼ୁଥାଏ ।

ଏଇ ବେଳାଟାରେ ମହାନଦୀକୁ ଆପ୍ରାଣ ଉପଭୋଗ କରିହୁଏ । ବଜନକାର ଆବାଲ-ବୃଦ୍ଧ-ବନିତା ଏଇବେଳାଟାରେ ଏକଶିତ ହୋଇ ମହାନଦୀର ଶୋଭାସମ୍ପଦକୁ ଶହେଗୁଣ ବଢ଼ାଇ ଦିଅନ୍ତି । ପଥର ଘାଟରୁ ଆରମ୍ଭ କରି ବଜନକାପଡ଼ା ସଳଖି 'ବାଇଜାନ' ଯାଏ ଚୋଟିଏ ଚୁଟ ସହରର ସହସ୍ର କଣ୍ଠର କଳ ଗୁଞ୍ଜନ ସଞ୍ଚାରିତ ହେଉଥିବାବେଳେ

ମନେହୁଏ, ଏ ସହର ବାସୀନ୍ଦାର ଜୀବନ-ବୀଣାରେ ଅପୂର୍ବ ସ୍ୱରଅଛି । ସେ ସ୍ୱର ଜୀବନ ସଫଳତାର ସ୍ୱର । ପ୍ରାଗ୍‌ଐତିହାସିକ ମହାନଦୀର ସ୍ୱଚ୍ଛଳ ସ୍ରୋତ ସଙ୍ଗେ ସମାନ ସୁର ଦେଇ ସେ ବି ଗାଉଛି ସୁବିଶାଳ ବସୁନ୍ଧରାର ଏକ ରହସ୍ୟ-ବହୁଳ ସଙ୍ଗୀତ ।

ନୀରବ, ନିର୍ଜନ 'ଚଉଡ଼ାଇପଙ୍କ' ଘାଟରେ ବି ଏଇ ବେଳା-ଟାରେ ଜୀବନ ପଡ଼େ । ବଡ଼ଧାରର ଦୁଇପାଖରେ ଚଉଡ଼ାଇପଙ୍କ ଓ ବିନିକାର ପଡ଼ିଆରୁ ଥିବା ସ୍ତ୍ରୀ ପୁରୁଷ ଏକତ୍ରିତ ହୋଇ ବଡ଼ପାଟିରେ କଥାବାର୍ତ୍ତା କରନ୍ତି । ବେଳେବେଳେ ଆକସ୍ମିକ ଭାବରେ କୁମାରୀ କଣ୍ଠର 'ଡାଲଖାଇ' ଗୀତ ଶୁଭେ । ବିନିକାର ଝିଅ ଯୋଡ଼ାଯୋଡ଼ି କରି ପଦେ କିଛି ଗାଇଦେଲେ, ଚଉଡ଼ାଇପଙ୍କର ଝିଅମାନେ ସଙ୍ଘବଦ୍ଧ ଭାବରେ ସେ ପଦର ଆଉ ଅଧିକ ପୂରଣ କରି ପ୍ରଶ୍ନଉତ୍ତର ଦିଅନ୍ତି । ଖରାଦିନେ ମହାନଦୀର ପାଣି ଶୁଖିଆସିଲେ ନଈ ଆରପଟର ଲୋକେ ଗୋଟିଏ ପଥରରୁ ଆଉ ପଥର ଉପରକୁ ଡେଇଁ ଡେଇଁକା ନଦୀ ପାରହୋଇ ବିନିକା ବଜାରକୁ ସଉଦାକରି ଯାଆନ୍ତି । ନାଉରିଆ କିଛି କରି ନ ପାରିଲେ ବି ମୁହଁ ଫୁଲାଇ ବସିରହେ । ନାହାରେ ପାରି କରି ନଥିଲେ ବି ଘାଟ ନିଲାମ ଧରିଛି ବୋଲି ଭଡ଼ା ଦାବିକରେ ।

ଚନ୍ଦ୍ରପକ୍ଷ ରାତିରେ ଗୁଞ୍ଜଗୁଞ୍ଜକା ବାଦଲ ଭେଦକରି ଧୂସର କିରଣ ଯେତେବେଳେ ମହାନଦୀ ଗର୍ଭକୁ ଘୋଡ଼ାଇ ଦେଇଥାଏ, ମନେହୁଏ ମହାନଦୀର କ୍ଷୀଣ ଧାରଟା କେଉଁ ଏକ ଅପରିଚିତ ମରୁ-ଭୂମିର ମରୁନଦୀ । ମହାନଦୀର ବାଲୁକା ଶଯ୍ୟାରେ ଜମିଯାଇଥିବା ବଡ଼ ବଡ଼ ପଥର ସବୁ ମରୁବାସୀର ଗ୍ରେଟ ଗ୍ରେଟ ତମ୍ବୁଘର । ଦିଗନ୍ତ ବିସ୍ତୃତ ପୃଥିବୀର ଏଇ ନଦୀ ଗର୍ଭଟାହିଁ ଜନପଦ । ସେଇଥିପାଇଁ ଜଳଧାର ପାଖରେ ଏତେ ପ୍ରାଣ, ଏତେ କୋଳାହଳ ।

ମହାଦେବ ମେହେର ଲକ୍ଷକଲା, ଗାଁକାର କୁଳବଧୂମାନେ କାଖରେ ପାଣି-ଭର୍ତ୍ତି-କଳସ ନେଇ ଗୋଟି ଗୋଟି ହୋଇ ଫେରଗଲେଣି । ଗଲାବେଳେ ପରସ୍ପର ଭିତରେ ସୂକ୍ଷ୍ମ ଚିନ୍ତା ରଙ୍ଗ ପରିହାସ ହୋଇ କଳକଳ କରି ହସୁଛନ୍ତି । ଅନ୍ୟ ଦିନ ହୋଇଥିଲେ ନ ଜାଣିଲାପରି ଦୂରେଇ ଦୂରେଇ ଚାଲି ସେ ଏହି ପ୍ରାଣପୂର୍ଣ୍ଣ କଥାଭାଷାକୁ ଉପଭୋଗ କରିଥାନ୍ତା । କିନ୍ତୁ ଆଜି ସେ ମନ ନାହିଁ । ଖୁସି ହେବାର ଅଭିଳାଷ ମରିଯାଇଛି । ସ୍ମୃତିଚକ୍ର ସ୍ପନ୍ଦନର ଯେଉଁ ଆବେଗମୟ ଉଚ୍ଛ୍ୱାସଟିଏ ବହି ଆସୁଛି, ତହିଁରେ ଜୀବନ ପ୍ରତି ଅନେକ ବିତୃଷ୍ଣା ।

ମହାଦେବ ବାଟଭାଙ୍ଗି ଚାଲିବାରେ ଲାଗିଲା ।

ଚମ୍ପା ଓଦାଲୁଗାରେ ମାଡ଼ିଆସୁଛି । ସାଙ୍ଗସାଥିମାନେ ଆଗରେ ଚାଲିଯାଇଛନ୍ତି ବୋଲି ସେ ତରବରିଆ ହୋଇ ଧାଇଁଛି ।

ଓଦା ଦେହରେ ଚମ୍ପା ଖୁବ୍ ସୁନ୍ଦର ଦେଖାଯାଉଛି । ଓଦା ଶାଢ଼ୀ ଖଣ୍ଡିକ ତାର ରୂପଲାବଣ୍ୟକୁ ଆବୃତ କରି ରଖିପାରି ନାହିଁ । ତାର ଫୁଟିଲା ଯୌବନ ଓଦାଶାଢ଼ୀ ଭେଦ କରି ଫୁଲର ବାସନାପରି ଝରି ଆସୁଛି ।

ଚମ୍ପା ତାର ମନର ମଣିଷ ମହାଦେବକୁ ଏକ ଦୁର୍ବଳ ମୁହୂର୍ତ୍ତରେ ଦେଖିନେଲା । ତାର ନରମ ଗୃହାଣୀଟା ସଙ୍କୋଚରେ ବାନ୍ଧି ହୋଇ ପଡ଼ିଲା । ସେ ଲାଜରେ ବୁଡ଼ିଗଲା ଯେମିତି । ତାର ଗୋଲିଆ ଗାଲରେ ଲାଜୁଆ ରକ୍ତିମ ଭଉଁରୀ କାଟିବାକୁ ଲାଗିଲା । ଚାଲା ପାଦ ଦୁଇଟା ସହସା ଅଟକି ଗଲା ।

ମହାଦେବ ମଧୁର କଣ୍ଠରେ ଡାକିଲା, 'ଲେଖା' !

ମହାଦେବ ସବୁଦାନ ଆଦର କରି ତାକୁ ଏଇନାଁରେ ଡାକେ । ସୃଷ୍ଟିର ସମସ୍ତେ ଡାକନ୍ତି ଚମ୍ପା ବୋଲି । କିନ୍ତୁ ମହାଦେବର ସେ ନାଁଟା ମନକୁ ପାଏନାହିଁ । ବାଛି ବାଛି ନାଁ ଦେଇଛି ଲେଖା । ସୁନ୍ଦର, ସରଳ ଆଉ ସହଜ । ତାର ପୁରା ନାଁର ଶେଷାଂଶ । ସେଇ ଡାକଟା କାନରେ ପଡ଼ିଲେ ଦେହ ଝିମେଇ ଯାଏ । ଲାଗେ, କିଏ ଯେମିତି ଦେହ ଭିତରକୁ ହାତ ବଢ଼ାଇ ରକ୍ତବାହୀ ଶିରାପ୍ରଶିରା ସବୁ ଛିନ୍ନଛତର କରିଦେଉଛି ।

ଚମ୍ପା ତ୍ରସ୍ତ ଆଖିରେ ଚଉଦିଗକୁ ଚାହିଁ ନେଲା । ନା, କେହି ନାହାନ୍ତି । ଏତେବଡ଼ ମହାନଦୀଟା ଶନ୍‌ଶାନ୍ ମନେ ହେଉଛି । 'ଗୁଜା ପଥର' ପାଖରୁ ରହି ରହି କେଉଁଠି ଅଲସେଇ ଝିଅଙ୍କର ହସ ଶୁଭୁଛି । ବଢ଼ି ଧାରରେ ଚଲା ନିଆଁ ଦା'ଟା । ସଞ୍ଜପହରେ 'ହୁଳା' ଲଗାଇ କିଏ ମାଛ ମାରୁଛି ।

'ଲେଖା ! ତୁ ମତେ ବାହାହେବୁ ?' ମହାଦେବ ପ୍ରଶ୍ନକଲା ।

ହଠାତ୍ ମହାଦେବ ମୁହଁରୁ ଏ ପ୍ରଶ୍ନ ଶୁଣି ଚମ୍ପା ଚସପଠ ପରି ସ୍ତବ୍ଧ ହୋଇଗଲା ।

ମେହେର ଝିଅ ପୁଅ ବେଳ ପଡ଼ିଲେ ଏମିତି ପଚରାପଚରି ହୋଇ ନିଜ ବାହାଘର ଠିକ୍ କରନ୍ତି । ପାଖଲା ପୁଅର ଆପଣାର ହୋଇ କେହି ନଥିଲେ, ସେ ସିଧା ଚାଲିଆସି ତାରି ମନୋମତ ମେହେର ଝିଅକୁ ହଠାତ୍ ଏ ପ୍ରଶ୍ନକରେ । ମେହେର ଝିଅର ମନକୁ ପାଇଲେ ରାଜି ହୋଇଯାଏ । ମନ ନ ମାନିଲେ ସିଧା ସଳଖ ନାହିଁ କରିଦିଏ ।

କିନ୍ତୁ ମହାଦେବର ବାପ ମାଁ ସମସ୍ତେ ଥାଇଁ ଥାଇଁ......

ଚନ୍ଦା ଅଳ୍ପ ହସିଲା । ସେ ହସରୁ ମହାଦେବର ପ୍ରଶ୍ନପ୍ରତି ଏକ ଆକ୍ଷେପ ଓ ପରିହାସ ମିଶା ପ୍ରତିଉତ୍ତର ବାହାରୁଥାଏ । ତାର ଷ୍ଟାର୍ଥ୍ୟକ ଡୋଳାରେ ରହସ୍ୟ ମିଶିଥାଏ ।

'ଉତ୍ତର ଦେ ଲେଖା ?'

'ସମ୍ବନ୍ଧ ତ ପଡ଼ିଛି ।' ଚନ୍ଦା ଉତ୍ତର ଦେଲା ।

'ମୁଁ ତମଘରେ ଘରଜୁଆଁଇଁ ହେବାକୁ ବାପମାଁ ରାଜି ହେବେନ କି ବାହାଘର ହୋଇ ପାରିବ ନାହିଁ ।'

'ତେବେ···?' ଚନ୍ଦାର ସଂସୟମିଶା ପ୍ରଶ୍ନଟିଏ ।

'ସମ୍ବନ୍ଧ ଭାଙ୍ଗି ଗଲା । ତୁ ଯଦି ରାଜି, ଆ ସାଙ୍ଗହୋଇ ବାହାରିଯିବା ।'

'କେଉଁଠିକି ?'

'ହୀରାକୁଦକୁ । ଆମଗାଁରୁ କେତେଲୋକ ଯାଇ ଅଯୁସରେ ଅଛନ୍ତି । ହୀରାକୁଦ ବନ୍ଧରେ କାମକରି ଚଳିଯାଉଛନ୍ତି ।'

'ଗାଁ ଛାଡ଼ି ହୀରାକୁଦ ଗଲେ·········'

'ତେଣିକି ଯାହାହେବ ଦେଖାଯିବ ।' ମହାଦେବ ଚନ୍ଦା ମୁହଁରୁ କଥା ଛଡ଼ାଇ ଆଉ ଅଧିକ ପୂରଣ କରିନେଲା ।

'କିନ୍ତୁ ବାପା, ମାଁ, ଗାଁ·····'

'ତା ହେଲେ ତୁ ଯିବୁ ନାହିଁ ? ତୁ ଥା, ମୁଁ ଯାଉଛି । ଆଉ ଦେଖା ହେବନି । ବୋଧହୁଏ କେବେ ନୁହେଁ ।'

'କେବେ ଲୁଚିବ ?' ଚିନ୍ତା ଆଖିର ଢୋଳା ଦ'ଟା ପ୍ରଶ୍ନ-ବାଚୀରେ ପରିଣତ ହୋଇଗଲା ।

'ଯଦି କେବେ ହୀରାକୁଦ ଆସୁ, ମହାଦେବକୁ ଦେଖା କରିବୁ ।'

ଶେଷକଥା ପଦକ ଶୁଣାଇଦେଇ ମହାଦେବ ଚାଲିଗଲା । ସେ ଆଉ ପଛକୁ ବି ଅନାଇ ନାହିଁ ।

ଚିନ୍ତା ଆଖିକି ଲୁହ ଆସିଲା । ଓଦା ପଣତରେ ଆଖି ଦ'ଟା ପୋଛିପୋଛିକା ଫେରି ଆସିଲା । ତାହାର ଆଖିପତା ଖଣ୍ଡିକ ଫଡ଼୍‌ଫଡ଼୍‌ ହୋଇ ଡେଉଁଥାଏ । ତାକୁ ବାଁ ହାତରେ ଦଳାଦଳି କରି ଠିକଣା କରିଦେଲା ।

ଫେରିଲାବେଳେ ନୂଆପଡ଼ା ଦାଣ୍ଡରେ ଲଣ୍ଠନ ଆଲୁଅ ପଡ଼ି-ଥାଏ । ତାଲଗୁଡ଼ିଲ ଦୋକାନରେ ଜିନିଷର ଚଢ଼ାଦାମ ନେଇ ଆଲୋଚନା ହେଉଥାଏ । ଖ୍ରୀମ ମେଡ଼ିର ପେଟ୍ରୋମାକ୍ସ ଜାଳି ସାଇକଲ ମରାମତି କରୁଛି । ସେହିଠାରୁ 'କପିଳ' ଚଢ଼େଇପଙ୍କରୁ ଫେରି ପଇସା ଗଣୁଛି ।

ଚିନ୍ତା ଚୁପ୍‌କିନା ଘରଭିତରେ ପଶିଗଲା ।

—:*:—

--ନଅ--

ମଧୁମଣିର ଭଉଣୀଦେହଟା ବେଶଭୂଷଣରେ ଉଜ୍ଜ୍ୱଳ ଉଠୁଛି । ଜାଉଜାଉକା ସୁନା ଅଳଙ୍କାରରେ ଗୁରୁ ହୋଇ ତା' ମୁହଁଟା ଦେଖି ମୁହଁପରି ଝଙ୍କ୍ ମାରୁଛି । ଦ'ଦିନ ହେଲା ବଙ୍ଗାଳୀ ବେଣୀ ପକାଉଛି ।

ବେଣୀ ଫାଙ୍କରେ ଜାଉଜାଉକା ସୁନା ଫୁଲ । ଆସନ୍ନ ଭବିଷ୍ୟତର ଅଜୁଆ ଭାବନାତକ ତା' ମୁହଁରେ ନାଲିଆ ରକ୍ତ ହୋଇ ଜମି ଯାଇଛି ।"

ତା' ରୂପ ଦର୍ଶକର ପ୍ରାଣକୁ ଖାଲି ସ୍ପର୍ଶ କରେନାହିଁ, ଶରୀର ଭାବେ ଆଲୋଡ଼ିତ କରେ । କାହାପାଇଁ ଏ ବେଶଭୂଷଣ ? କାହାପାଇଁ ଏତେ ଶରୀର ବନ୍ୟାସ ?

କୁମାରୀ କନ୍ୟାର ବିବାହକାଳୀନ ରୂପଚର୍ଯ୍ୟାରେ ଅନେକଚିତ ପୁରୁଷର 'ଅଶୁଚି ଇଙ୍ଗିତ ମିଶିଥାଏ । ଦୁଇଟି ରୂପଲୋଭୀ ଆଖି ଅନେକ ବ୍ୟବଧାନରୁ ସେ ରୂପଚର୍ଯ୍ୟାକୁ ଆଗ୍ରହୀ ଆଖିରେ ଅନେଇ-ଥାଏ । ଡୋଳାରେ ତାହାର ସହସ୍ର ଯୁଗର ପିପାସା, କୋଟି ଯୁଗର ତୃଷ୍ଣା । ସେ ହିଁ କୁମାରୀ କନ୍ୟାର ପ୍ରଶସ୍ତାଭରା ଓଠରେ ଦିଏ ଚୁମ୍ବନ, କଣ୍ଠରେ ଦିଏ ସଙ୍ଗୀତ, କପାଳରେ ବୁହାଏ ଝରଣା, ଆଉ ଆଖିରେ ସିଙ୍ଗାର ଓ ଶିହରଣର ମୌସୁମୀ-ବେଗ ।

ମଧୁମଣ୍ଡି ତାର ବିବାହ ଲଗ୍ନକୁ ଅପେକ୍ଷା କରିଥିଲା । କେତେ ଜୀବନଭରା ଅପେକ୍ଷା । ମଧୁରାତିର ମହୁଆ କଥା ଭାବିଲେବେଳେ ଅବେଳରେ ଦେହହାତ ଝିମି ମାଡ଼ ଯାଏ । ଝରକା ପାଖରେ ଛିଡ଼ା ହୋଇ ଚନ୍ଦାକୁ ଏକୁଟିଆ ଦେଖିଲେ ପାଖକୁ ଡାକି ଚନ୍ଦ୍ରକୁ ପଚାରେ, କେମିତି କଣ କରିବ ସେ ? ଆଖିକି ସବୁ ଅନ୍ଧାରିଆ ଦିଶୁଛି । ତୁ ଜାଣିଛୁ ଚନ୍ଦା, କଣ କରିବାକୁ ହେବ ?

ଚନ୍ଦା ଓଠରେ ହସ ବୋଳି ଆସୁଥିଲେ ସି' ଦାନ୍ତ ଚିପି କହେ, ମୋତେ ପଚାରୁଛ ?

କାହାକୁ ଆଉ ପଚାରନ୍ତି ? ଏ କଥା ଅନ୍ୟ କାହା ଆଗରେ ପକାଇବାକୁ ଜିଭ ଲେଉଟିବ ? ତୁ ସିନା ସାଙ୍ଗ ବୋଲି……

ଏମିକଥା ଶୁଣି ଦେହହାତ ଶୀତେଇ ଉଠୁଛି ମଧୁଦେଇ ! ଆମର କି ଦୁର୍ଭାଗ୍ୟ ଦେଖିଲ ? କହିବ ଯଦି ପାନେଶ୍ୱରୀଙ୍କୁ ଡାକି ଆଣିବ । ତାଠୁ ସବୁ ବୁଝିନେବ ।

ମଧୁମଣି ଜିଭ କାମୁଡ଼ି ପାନେଶ୍ୱରୀଙ୍କୁ ଡାକିବାକୁ ବାରଣ କରେ ।

ଦୁଇଟି ଅନଭିଜ୍ଞ କିଶୋରୀ କଳ୍ପନାର-ବାହାଘର ନେଇ ଚର୍ଚ୍ଚା କରନ୍ତି । ବିବାହବାସରର ପ୍ରତ୍ୟେକଟି ଚିନ୍ତା ତରଳ, ମଧୁର ରସରେ ବୁଡ଼ିଯାଇ ବିଳାସର ଫୁଲ ପାଲଟି ଯାଇଥାଏ । ସେ ଫୁଲର ସୌରଭ କୁମାରୀ କନ୍ୟାକୁ ମୋହାଚ୍ଛନ୍ନ କରେ । ସେମାନେ ଭାବି ହୁଅନ୍ତି, ଏ ଜୀବନରେ ପୁଣି ଏତେ ମାଧୁର୍ଯ୍ୟ ଅଛି । ସେ ମାଧୁର୍ଯ୍ୟକୁ ଉପଭୋଗ କରିବାକୁ ତପସ୍ୟା କଲାପରି ଅପେକ୍ଷା କରନ୍ତି । କଳ୍ପନାକୁ ନୂଆ ନୂଆ ବେଶରେ ସଜାଡ଼ି ତୃପ୍ତି-ଦୋଳାରେ ଉପଭୋଗ କରନ୍ତି ।

ମଧୁମଣିର ବାହାଘର ଦିନ ପାଖେଇ ପାଖେଇ ଆସେ । ତା' କଳ୍ପନାରେ ଜୁଆର ଆସେ । ଶେଷ ଦିନ କେଇଟି ମଧୁମଣିକୁ ପାଖରୁ ଛାଡ଼ନ୍ତି ନାହିଁ । ଏଇ କିଛିଦିନ ପାଇଁ ସାଙ୍ଗ ମହଲରେ ମନଭରି ମିଶିଥିବ । ଶାଶୁଘରକୁ ଗଲେ ସଭିଏ ନୂଆ । ସେ ଏକ ଅଦ୍ଭୁତ ନୂତନ ସଂସାର । କିଏ ଜାଣେ, କପାଳରେ କଣ ଅଛି ?

ମଧୁମଣି ପାଇଁ ଶିବା ପ୍ରାଣରେ ଅନେକ ସହାନୁଭୂତି । ସେ ସହାନୁଭୂତି ଜାତି, ଧର୍ମର ବିଭେଦକୁ ପାସଙ୍ଗରେ ପକାଏ ନାହିଁ । ଶିବାର ପରିଚୟ ମେହେର ଝିଅ ଭିତରେ ସୀମାବଦ୍ଧ ରହେନାହିଁ କି

ମଧୁମନ୍ତୀର ଆନ୍ତରିକତାରେ ବ୍ରାହ୍ମଣ ବଂଶର ଅହମିକା ସ୍ଥାନ ପାଏ-ନାହିଁ । ଦୁନିଆରେ ଉଦ୍ଭବ ଅନଭିଜ୍ଞ କୁମାରୀ କନ୍ୟା । ବାସ୍, ସେତିକିହିଁ ତାଙ୍କର ପରିଚୟ ।

ଗୋଟିଏ କୁମାରୀ ଝିଅର ଆକର୍ଷଣ ଆଉ ଏକ କୁମାରୀ ଝିଅକୁ ମାଆ ଘରେ ବାନ୍ଧି ରଖିପାରେ ନାହିଁ । ସବୁ ସମ୍ପର୍କ ଗୌଣ ହୋଇ କୁମାରୀ କନ୍ୟା ବଧୂ ହୁଏ ।

ମଧୁମନ୍ତୀର ବାହାଘରଟା ବଲିକା ସହରରେ ଆଲୋଡ଼ନ ସୃଷ୍ଟି କଲା । ଏବେ ବି' ଲୋକେ କହିବେ, ତା' ବିବାହ ପନ୍ଦରଆରରେ କେତେ ବାଣ ସରିଥିଲା, କେତେ ନାଚଗୀତ ହୋଇଥିଲା । ସହରର ସବୁ ବଡ଼ବଡ଼ଆଯାକ ନିମନ୍ତ୍ରିତ ହୋଇ ବରକନ୍ୟାଙ୍କୁ ଆଶୀର୍ବାଦ ଦେଇଗଲେ । ଉପହାର ସରଞ୍ଜାମରେ ଗୋଟିଏ ଘର ଭର୍ତ୍ତି ହୋଇଗଲା ।

ଶେଷକୁ ମଧୁମନ୍ତୀ ସଙ୍ଗେ ସମ୍ବଲପୁରର ଅଭିଜାତସମ୍ପନ୍ନ ଯୁବକ ମହେନ୍ଦ୍ର ବାବୁଙ୍କ ବିବାହ ହେଲା ।

ମଧୁମନ୍ତୀ ଲୁଚନ ମେହେରର ହାତବୁଣା ଶାଢ଼ୀଟା ଭିତରେ ଝଟକି ଉଠୁଛି । ଶାଢ଼ୀର ଦୁଇ ମୁହଁରେ କେତେ ଫୁଲ, କେତେ ଫଳ ! ଧାଡ଼ିକଧାଡ଼ି ମାଛ ତଳକୁ ହାତୀ ଓ ବନପକ୍ଷୀର ଛବି । ଦେହଯାକ ଟିପିମାଛର ବୁଟା । ଲୁଚନ ମେହେରର ରଙ୍ଗ ଜ୍ଞାନ ଚମତ୍କାର । କେଉଁ ରଙ୍ଗର କମସୂତା ଭିତରେ ଆଉ କେଉଁ ରଙ୍ଗର ଛବି ଦେଲେ ସ୍ପଷ୍ଟ ଦେଖାଯିବ, ସେତକ ସେ ଭଲଭାବରେ ଜାଣେ । ସେଇଥିପାଇଁ ତା ଶାଢ଼ୀ ପ୍ରତି ଲୋକଙ୍କର ଏତେ ଆଗ୍ରହ, ଏତେ ଆକର୍ଷଣ । ଲୁଚନ ମେହେର ପାଖରୁ ବଉଦ ଶାଢ଼ୀ ପାଇବାକୁ

ସେମାନେ ମାସ ମାସ ଧରି ଅପେକ୍ଷା କରନ୍ତି । ଖର୍ଚ୍ଚ ବି' ବାଧେ ନାହିଁ ।

'ଲୁଚନ ମେହେରର ଶାଢ଼ୀ ଭିତରେ ପ୍ରାଣ ଦେଇଥାଏ ।' ନୂଆ-ପଡ଼ାର କିଏ ଜଣେ ପୁରୁଖା ମେହେରର ମନ୍ତବ୍ୟ କଲେ ।

'ସେ ଆମ ଜାତି କାହିଁକି ସମଗ୍ର ଜିଲ୍ଲାର ଗରବ ।' ମହିମା-ପଡ଼ାର ଆଉ ଜଣେ କହିଲେ ।

'ଲୁଚନ ମେହେରର ସାକ୍ଷାତ ବିଶ୍ୱକର୍ମା ।' ବନକାପଡ଼ାର କୃଷ୍ଣା ବୁଣାକାର ଗଦ୍‌ଗଦ କଣ୍ଠରେ କହୁଥିଲେ ।

ବାହାଘର ଭିତରେ ବରପକ୍ଷର ଥାଟପଟୁଆର ଭିତରେ ବି' ଲୁଚନ ମେହେରର ଶାଢ଼ୀ ସମ୍ବନ୍ଧରେ ଆଲୋଚନା ହେଉଥିଲା । ମଧୁମଞ୍ଜି ସଙ୍ଗରେ ଏ ଶାଢ଼ୀଖଣ୍ଡିକ ଯେତେବେଳେ ସମ୍ବଲପୁରରେ ପହଞ୍ଚିବ, ସହରର ବଡ଼ ବଡ଼ ଲୋକଙ୍କ ଆଖି ଖୋସି ହୋଇଯିବ । ସୌଖିନ ମିଲ୍‌ଶାଢ଼ୀ ପିନ୍ଧି ପିନ୍ଧି ଯେଉଁ ଝିଅବୋହୂମାନେ ଏତେ-ଦିନ କଟାଇ ଦେଲେ, ସେମାନେ ନିଜନିଜର ସ୍ୱାମୀ ଆଗରେ ଅଭିମାନ କରି କହିବେ, ମଧୁମଞ୍ଜିର ଶାଢ଼ୀପରି ଆଉ ଗୋଟାଏ ଶାଢ଼ୀ ଆଣିଦିଅ ।

ଲୁଚନ ମେହେର ପର ମୁହଁରୁ ନିଜ ଶାଢ଼ୀର ପ୍ରଶଂସା ଶୁଣି ଆନନ୍ଦରେ କୁରୁଳି ଉଠୁଥିଲା । ଏତେଦିନ ପରେ ତାର ଶାଢ଼ୀର ସୁନାମ ଫେରିଆସୁଛି ତାରି କାନପାଖକୁ । ନୂଆପଡ଼ା ସଙ୍ଗେ ସବୁ-ଦିନ ପ୍ରତିଯୋଗିତା କରି ଯେଉଁ କେଇଜଣ ମହିମାପଡ଼ାର ବୁଣାକାର ଆଜିପର୍ଯ୍ୟନ୍ତ ନୀରବ ଥିଲେ, ସେମାନେ ବି' ପ୍ରଶଂସାରେ ଉଚ୍ଛୁଳ

ଉଠୁଛନ୍ତି । ଯାହାହେଉ ଏତେଦିନପରେ ମଧୁମଣିର ବାହାଘରଟା ତାର ବୁଣାକାର ଜୀବନକୁ ଆଲୋକିତ କଲା । ହେଉବା ଟିକିଏ ଲାଞ୍ଛ ଅନିଦ୍ରା ବା ଅତ୍ୟଧିକ ପରିଶ୍ରମ, ତଥାପି ଏ ପ୍ରଶଂସା ତୁଳନାରେ ସେସବୁ କିଛିନୁହେ ।

ଲୁଚନ ମେହେର ସେଦିନ ଘରେ ଖୁବ୍ ହସିଲା, ଖୁବ୍ ମଉଜ କଲା । ତା' ଜୀବନରେ ଏତେ ଆନନ୍ଦ କେବେ ହୋଇନାହିଁ । ପ୍ରାପ୍ତିରେ ପ୍ରାଣ ପୂରିଉଠିଛି । ସେ ଚନ୍ଦାକୁ ପାଖକୁ ଡାକି କହିଲା, ବୁଝିଲୁ ଝିଅ ! ମହିମାପଡ଼ାର ବୁଣାକାରମାନେ ବି ମୋ ଶାଢ଼ୀକୁ ପ୍ରଶଂସା କରୁଛନ୍ତି । ମୁଁ ପରେ ପରେ ତୋ'ପାଇଁ ଏମିତି ଗୋଟିଏ ଶାଢ଼ୀ ବୁଣିଦେବି ଯେ, ଲୋକଙ୍କ ଆଖି ଖୋସି ହୋଇଯିବ । ସେଇଟାକୁ ତୁ ଶାଶୁଘରକୁ ନେବୁ ।

ଚନ୍ଦା ଶାଶୁଘର ନାଁ ଶୁଣି ଲାଜରେ ମୁଣ୍ଡ ତଳକୁ ପୋତିଦେଲା । ସେ ହସିପାରିଲା ନାହିଁ କି ଉତ୍ତର ଦେଇପାରିଲା ନାହିଁ ।

—ঃ*ঃ—

— ଦଶ —

ମଧୁମଣିର ବାହାଘର ସରିଗଲା ।

କେତେ ସୁନ୍ଦର ବାହାଘରଟିଏ ହୋଇ ନଥିଲା ! କେତେ ବାଜା, କେତେ ରୋଷଣୀ ! ବାଣରେ ବାଣରେ ଆକାଶ ଧୂଆଁ ହୋଇଗଲା । ଭୋଜିଭାତରେ ପାଞ୍ଚଖଣ୍ଡ ଗାଁ ମହକିଗଲା । କେତେଦିନ ସକାଶେ ଲୋକଙ୍କ ମୁହଁରୁ ସେ ବାହାଘରର ପ୍ରଶଂସାହିଁ କେବଳ ଶୁଣାଗଲା ।

କିନ୍ତୁ ଚଷା ମହାଦେବ ମେହେରର ଢୁଲୁକ ବାଜା ଦେଖି ପାରିଲା ନାହିଁ । ତାର ମନେହେଲା, ମଧୁମଞ୍ଚର ବାହାଘର ଉତ୍ସବଟା ସମ୍ପୂର୍ଣ୍ଣ ହୋଇନାହିଁ । ମହାଦେବ ମେହେରର ବାଜା ସଙ୍ଗରେ ବନକାର ବହୁପ୍ରଶଂସିତ ସଖୀନାଚ ହୋଇଥିଲେ ବାହାଘରଟା ବେଶ୍ ଜମି ଉଠିଥାନ୍ତା ।

କୁଆଡ଼େ ଗଲା ମହାଦେବ ? ସେ ଦିନ ନଈବାଲିରେ ଶେଷ ଦେଖା ଦେଇଥିଲା । ବାହାଘର କଥା କହି ତା' ମନଭିତରଟା ଚକିଟି ପକାଇଲା । ସନ୍ଧ୍ୟାର ଝାପ୍ସା କିରଣରେ ତା' ମୁହଁଟି ଅତି କରୁଣ ଦେଖାଯାଉଥିଲା । ଦି'ପଦ ଏଣୁ ତେଣୁ କହିଦେଇ କୁଆଡ଼େ ଯେ ଚାଲିଗଲା, ଆଉ ଦେଖା ଦେଲାନାହିଁ । ଆଃ, ବାହାଘରଟା ପଛକେ ଭାଙ୍ଗିଯାଇଥାନ୍ତା, ସେ ବନକାରେ ଥାନ୍ତା ! ସଙ୍କାଳ ପାନ୍ତିଲେ, କିଛି ନ ହେଲେ, ଦେଖା ତ' ହେଉଥାନ୍ତା ।

ଚଷାର ଇଚ୍ଛାହୁଏ, ସାଙ୍ଗସାଥିଙ୍କୁ ତାର ଅନ୍ତର୍ଦ୍ଧାନ କଥା ପଚାରି ଦିଅନ୍ତା । କିନ୍ତୁ କଣ ଭାବିବେ ସେମାନେ ? ମୁହଁକୁ ଚାହିଁ ମୁରୁକିହସା ଦେବେ । ଚିମୁଟାଚିମୁଟି ହୋଇ କାନପାଖରେ କୁହାକୁହି ହେବେ, 'ଦେଖୁଛୁ ! ଚଷା ମହାଦେବର କଥା ପଚାରୁଛି । ସେଇ ମହାଦେବ ମାଁ । ଯା'ସାଙ୍ଗରେ ଚଷାର ବାହାଘର କଥା ପଡ଼ିଥିଲା । ଘରଜୋଆଁଇଁ ହେବାକୁ ମହାଦେବର ବାପମାଁ ରାଜି ହେଲେନାହିଁ ବୋଲି ସମ୍ବନ୍ଧ ଭାଙ୍ଗିଗଲା । ସେଇ କଥାରେ ମହାଦେବ ଘର ଛାଡ଼ିଛି ।'

'ମହାଦେବ ଏଇ କଥାରୁ ଘର ଛାଡ଼ିଛି ?' ଆଉ ଜଣେ କିଏ ଯୋଡ଼ି ବସିବ । 'ମାଇପଆଡିଏ । ଚଷା ଦେହରେ କଣ ସୁନା ଛାଉଣି ହୋଇଛି ? ସବୁଟିଅ ସମାନ । ଖାଲି ମୁହଁଟା ଟିକିଏ ଫରକ୍ । ଏଇଆକୁ ଦେଖି ମରଦ ପିଲାର ଏତେ ଲୋଭ ?'

'ଲୋଭ ହେବନି ?' ତାହା ଦେହରେ କେତେ ମାଂସ ? କେତେ ରୂପ ? ଗଜା ବୟସ ଘରି ବସିଛି । ଦେହ ତ ନୁହେଁ, ଫୁଲଗଛଟିଏ । ଝନକା ସହରରେ ତାହାପରି ଆଉ କିଏ ଅଛି କହିଲ ?' ଜଣେ କିଏ ଅଧା ପରିହାସ କଥାରେ ତାହାକୁ ସମର୍ଥନ କରି କହିବ । ତାହା ଉପରେ ଲୋଭେଇ ଯାଇ କହିବ, 'ଦଇବ ମୋତେ ଝିଅ କରିଛି ଲୋ । ପୁଅଟିଏ ହୋଇଥିଲେ ତାହାକୁ ଭିଡ଼ିନେଇ ବାହା ହେଇଥାନ୍ତି ।'

'ମହାଦେବକୁ ଛାଡ଼ି ସେ କଣ ତୋତେ ବାହା ହୋଇଥାନ୍ତା ?

'ଉନ୍‌ସନା' ପଡ଼ାକୁ ଯାଇ ମନ୍ତ୍ର ଶିଖିଥାଆନ୍ତି । ତାପୁରି ଗଡ଼ରେ ଶିମୁଳୀ ଗଛତଳେ ଯୋଗ ସାଧିଥାଆନ୍ତି । ଦଇବ କଥାକୁ ମଣିଷ କଥା କଣ ପାରନ୍ତା ?'

ଏକଥା ଶୁଣି ସମସ୍ତେ ହସିବେ । ହସି ହସି ତାହାର ଦେହ ଉପରେ ଲୋଟିଯିବେ । ତା' ବେକ ଚାରିପାଖେ ମୁହଁ ରଖି ତାହା ଦେହର ଗନ୍ଧ ଶୁଙ୍ଘି ଶୁଙ୍ଘି କହିବେ, 'ତୋତେ ଛାଡ଼ି ମହାଦେବ କୁଆଡ଼େ ହେଲେ ରହିବ. ନାହିଁ ଲୋ ! ସେ ବାଟ ଖୋଜି ଖୋଜି ତୋର ପଣତ ତଳକୁ ଫେରି ଆସିବ । ଦେଖିବୁ ନାହିଁ !'

ଆଃ, ଏ ଶେଷ କଥା ପଦକ ତା' ପକ୍ଷରେ କେତେ ଆଶା-ଦାୟକ ହୁଅନ୍ତା ନାହିଁ ! ତା' ପକ୍ଷରେ ମହାଦେବର ଘରବାହୁଡ଼ା କଥା ପଦକ ହିଁ ସବୁଠୁ ମୂଲ୍ୟବାନ । ଯା'ଛଡ଼ା ସେ ଅଧିକ କିଛି ଚାହେଁନାହିଁ । ଦୁନିଆର ସବୁ ଆକର୍ଷଣକୁ ଗୋଟିଏ ପାଖରେ ରଖି ଅନ୍ୟ ପାଖରେ ମହାଦେବ ମେହେରକୁ ରଖି, ଉଭୟରୁ ଗୋଟାକୁ କେବଳ ବାଛି ନେବାକୁ କହିଲେ, ସେ ହସିହସି ମହାଦେବର ହାତ

ଧରନ୍ତା । ସୃଷ୍ଟିର ସହସ୍ର ସୁଖ ଓ ଆନନ୍ଦକୁ ଆଖି ବୁଜିଦଅନ୍ତା । ମହାଦେବ ହିଁ ତ ସମସ୍ତ ସୌଭାଗ୍ୟର ପ୍ରତୀକ ।

ତହାର ମନଭିତରଟା ଖାଲି ଖାଲି ଲାଗୁଥିଲା । ଶରୀରର ଅତି ଆବଶ୍ୟକୀୟ ଅଙ୍ଗଟିଏ ଯେମିତି ହଜି ଯାଇଛି । ସେ କଣ ସତରେ ଆଉ ଆସିବ ନାହିଁ ?

ବନଜା ସହରର ସହସ୍ର ସୁଷମା ତହା ମନକୁ ବଦଳାଇ ପାରିଲା ନାହିଁ । ଯେଉଁ ଘଣ୍ଟାଗୁଣି ପର୍ବତ ଉପରେ ଅଦିନଆ ମେଘର ଲୁଚକାଳି ଖେଳ ଦେଖି, ଅଥବା ମହାନଦୀର କଳା ମିଶିମିଶି ପାଣିରେ ଜିରାଲୀ ମାଛର ଢୁଁଢୁଆଣି ଖେଳ ଦେଖି ସେ ଏତେ ଆନନ୍ଦ ହେଉ-ଥିଲା, ସେସବୁ ତାକୁ ବିଷପିତା ଲାଗିଲା । ସେହିଦିନଠୁଁ ସେ ମନ ଧରାଗରେ କଦମ୍ବଫୁଲ ଆଣି ଖୋସାରେ ଲଗାଇ ନାହିଁ କି ଘର-ମୁହଁରେ ସାଥିମେଳରେ ହୋମଗୀତ ଗାଇନାହିଁ ।

—:୦:—

—ଏଗାର—

ମଧୁମଙ୍ଗର ଶାଢ଼ୀ ବୁଣିବା ପରେ ଲୁଚନ ମେହେରର ଭାଙ୍ଗି ପଡ଼ିଛି । ମଣିଷ ଦେହ କେତେ ସହନ୍ତା ? ଦିନ ରାତି ପରିଶ୍ରମ କରି କରି ଦେହ ମୁଣ୍ଡ ଦରଜ ହେଉଛି । ଆଖିରୁ ଖାଲି ପାଣି ବହୁଛି । ରଙ୍ଗବେରଙ୍ଗର ଛକ କନା ଦେଖିଲେ ଆଖି ଦ'ଟା ଝିଲସେଇ ଉଠୁଛି ।

ଲୁଚନ ମେହେର ଭାବେ, ସତରେ ସେ କଣ ଅନ୍ଧ ହୋଇ-ଯିବ ?

ଏଇ ଭାବନାଟା ତା' ମନଭିତରେ 'କାଲପୁରୁଷ ପାଲଟିଯାଏ । ସମଗ୍ର ଶରୀର ଝିମିଝିମେଇ ଉଠେ । ସେ ସନ୍ତୁଷ୍ଟ ଆଖିରେ ତାର ମଙ୍ଗାଶାଳ, ହତା, ଥୁନ, ନଳିଗୁଡ଼ିକୁ ଅନାଏ । ଜୀବନର କେତେ ପ୍ରିୟ ଏମାନେ । ବୁଦ୍ଧି ଜାଣିଲା ଦିନୁ ଏମାନେ ତାର ବିଶ୍ୱସ୍ତ ବନ୍ଧୁ ରୂପେ କାର୍ଯ୍ୟକରି ଆସିଛନ୍ତି । କେତେ ଆନନ୍ଦ, କେତେ ଆମୋଦ ଯୋଗାଇଛନ୍ତି, ପୁଣି ପରିବାରର ଭରଣପୋଷଣ ପାଇଁ ଅବିରତ ପରିଶ୍ରମ କରିଛନ୍ତି । ଏସବୁ ଜିନିଷ ଛାଡ଼ିଦେଲେ ତା' ଜୀବନକୁ ପରିଚୟ ଦେବା ସକାଶେ ଅନ୍ୟ କିଛି ନାହିଁ । ଯେତେବେଳେ ଅଳସ ସୂତାଖିଅ ଭିତରୁ ଗୋଟିଏ ନୂଆ ଫୁଲ ବା ଫଳ ଆତ୍ମପ୍ରକାଶ କରେ, ଲୁଚନ ମେହେର ହାତରୁ 'ନଳି' ଛାଡ଼ିଦେଇ ସେ ଫୁଲର ତାଗ ଗଣେ । ନୂଆ ପ୍ରକାର ପକ୍ଷୀଟିଏ ବା ନୂଆ ପ୍ରକାର ଲତା ଧାଡ଼ିଏ ଶାଢ଼ୀ ଦେହରୁ ଆସ୍ତେ ଆସ୍ତେ ଫୁଟି ଆସୁଥିବାବେଳେ ନୂତନ ସୃଷ୍ଟି ଉଦ୍ଦେଶ୍ୟରେ ଲୁଚନ ମେହେରର ପ୍ରାଣଟା ମୁହଁର ହସ ହୋଇ ଆତ୍ମପ୍ରକାଶ କରେ ।

ସ୍ରଷ୍ଟା ନିଜର ସୃଷ୍ଟି ଦେଖି ତଟସ୍ଥ ହୁଏ । ଠିକ୍ ସେଇ ସମୟରେ ହସୁ ହସୁ ତା' ଆଖିରୁ ଯେଉଁ ଦି'ଧାର ଲୁହ ଗଡ଼ିଆସେ ସେ ଲୁଚନ ମେହେରର ପ୍ରାପ୍ତିର ଭାଷା ।

ମହିମାପଡ଼ାର ପ୍ରତିଯୋଗୀ ବୁଣାଳୀମାନେ ତା' ବୁଣା ଦେଖି ମନ ଭିତରେ ବିସ୍ମିତ ହେଉଥିଲେ ବି ମୁହଁ ଉପରେ କୃତ୍ରିମ ପରିହାସ ବାଢ଼ି କହନ୍ତି, 'ଏଇଥିପାଇଁ ଏତେ ଗର୍ବ !' ତା ପରେ ପରେ ସେମାନେ ବି ସେଇ ଧରଣର ଶାଢ଼ୀ ବୁଣନ୍ତି । ସେଇଧରଣର ଫୁଲ ପକାଇ କହନ୍ତି, ପୃଥିବୀରେ ଏଇ ପ୍ରଥମ କରି ଏମିତି ଶାଢ଼ୀ ବୁଣିଛନ୍ତି ।

ମହାଦେବ ମେହେରର ବାପା ମହମାପଣ୍ଡାର ସର୍ବଶ୍ରେଷ୍ଠ ବୁଣାକାର । ଲୁଚନ ମେହେରର ପ୍ରାପ୍ତି ଉପରେ ସେ ସବୁଠୁ ବେଶୀ ଅସ୍ପୃହା ପ୍ରକାଶ କରେ । ଈର୍ଷାରେ ଫାଟିପଡ଼ି କହେ, 'ଲୁଚନ ମେହେର ଅନ୍ୟ କାହାରିଠୁ ନକଲ କରି ଶାଢ଼ୀ ବୁଣୁଛି । ଲୋକେ ଅସଲ କଥା ବୁଝି ନପାରି କହୁଛନ୍ତି, ଲୁଚନ ମେହେରର ନୂତନ ସୃଷ୍ଟି ବୋଲି ।'

ସେଇଥିପାଇଁ କଣ ମହାଦେବ ସଙ୍ଗରେ ଚନ୍ଦାର ବିବାହ ହୋଇ ପାରିଲା ନାହିଁ ? ଲୁଚନ ମେହେର ଭାବେ, ମହାଦେବର ଘରକୁ ଯାଇ ତା' ବାପର ହାତଧରି କହିବ, ଆମେ କଲି କଲେ ବୋଲି ପୁଅ ଝିଅ ଯୋଡ଼ାକ କାହିଁକି ହରବର ହେବେ କହିଲ ? ତୁମେ ମାନଯା' ସମ୍ମଧି ! ଉଭୟ କୁଳର ମାନ ରହିଯିବ । ବିବାହ ପରେ ଆମେ ଦୁହେଁ ସାମିଲ ହୋଇଯିବା । ଶାଢ଼ୀ ବିଷୟରେ ଆଲୋଚନା କରି ପ୍ରତିଦିନ ନୂଆ ପ୍ରକାରର କାମ କରିବା !

କିନ୍ତୁ ବୁଣାକାର ମନର ଅହଂକାର ତା' ପାଦ ଦୁଇଟିକୁ ଅଟକାଇ ଦିଏ । ଭାବେ, ଚନ୍ଦାପାଇଁ କଣ ବର ମିଳିବ ନାହିଁ ? ଲୁଚନ ମେହେରର ଝିଅ ଅବିବାହିତା ରହିଯିବ ?

ଲୁଚନ ମେହେର ପ୍ରକୃତିସ୍ଥ ହୋଇ ଆଖିର ଝରା ଲୁହକୁ ପୋଛିନିଏ । ଅଧା କୁନ୍ଥ ଚଢ଼ିଥିବା ଶାଢ଼ୀର ଶେଷ ଅଂଶକୁ ମିଶାଇ-ବାରେ ଲାଗେ । ଗୋଟିଏ ଫୁଲ କି ଗୋଟିଏ ଡାଳ ଶେଷ ହୋଇଗଲେ ଚନ୍ଦାକୁ ଚୁପ୍ ଚୁପ୍ ଡାକି ପଚାରେ, କେତେ ମନକୁ ପାଉଛିଟି ଝିଅ ? ମଧୁମଞ୍ଚର ଶାଢ଼ୀଟି ଇଏ ଆହୁରି ଶକ୍ତ, ଆହୁରି ସୁନ୍ଦର ହେବ । ଘିଅପିଠା ପରି ମଜବୁତ ନୂଆ ଶାଢ଼ୀ ବୁଣିବି । ଲୋକେ ଯେମିତି ଏ ଶାଢ଼ୀ ପିନ୍ଧିଥିଲେ ବୁଝିନେବେ, ତୁ ମୋର ଝିଅ !

ଚଶା ଅଳ୍ପ ହସେ । ଆକଟ କରି କହେ, ଏତେ ପରିଶ୍ରମ କରୁଛ କାହିଁକି କହିଲ ? ଟିକିଏ ଆରାମ କର । ରାତି ଅନିଦ୍ରା ରହି ଶାଢ଼ୀ ବୁଣିବାରେ ଆଖିରୁ ପାଣି ବହୁଛି ।

ବାପର ମନ ମାନେ ନାହିଁ । ଉତ୍ତର ଦିଏ, ଏଇଟା ଶେଷ କରିଦିଏଁ ଚଶା ! ତା'ପରେ ହପ୍ତାଏ କାଳ ଶୋଇଯିବି । ତୋ'ମାଆ ଯେତେ କହିଲେ ବି ମଙ୍ଗା ପାଖକୁ ଆସିବି ନାହିଁ । ଦେଖିବୁନି ?

କଣ ସେ ଦେଖିବ ? ଚଶାର ମାଆ ଆସି ପ୍ରଶ୍ନକରେ ।

ଲୁଚନ ମେହେର ଚଶାର ମାଁକୁ ଦେଖି ଭୟ ପାଏ । ହାତଧରି କେତେ ସୋହାଗରେ ବାହା ହୋଇଥିଲା । ଲକ୍ଷ୍ମୀପୁରର ସୁନ୍ଦରିଆ ସୁନ୍ଦରିଆ ଝିଅଙ୍କୁ ଛାଡ଼ିଦେଇ ଇଚ୍ଛାକରି ସାଥି କରିଥିଲା ଆଜିର ଏହି ଖରମୁହିଁ ଚଶାର ମାଁକୁ । ସ୍ୱପ୍ନର ସଂସାରଟିଏ ଝଲସା-ଆଖିରେ ଝାପସା ଝାପସା ଦେଖି ବିଭୋଳ ହୋଇଥିଲା । କିନ୍ତୁ ବାସ୍ତବତାର ନିର୍ମମ ପରିସ୍ଥିତିର ଆଘାତ ଦେଇ ଗତି କରୁ କରୁ ସେ ସ୍ୱପ୍ନ, ସେ କଳ୍ପନା ଉଭେଇ ଗଲା । କଣ ରୁହେଁ ତାର ସ୍ତ୍ରୀ ? ବିବାହର ବର୍ଷ କେଇଟା ଭିତରେ ରୁହୁଁ ରୁହୁଁ ସେ ବଦଳି ଯାଇଛି । ନିଜ ମନର କ୍ରୋଧ ମେଣ୍ଟାଉଛି ଜନ୍ମିତ ଝିଅ ଚଶା ଉପରେ । ଯଦି ଚଶା ପେଟର ଝିଅ ନ ହୋଇ ସାବତ ଝିଅଟିଏ ହୋଇଥାନ୍ତା ?

ଲୁଚନ ମେହେର ରହି ରହି ଉତ୍ତର ଦେଲା, କଣ କି ଚଶାର ମାଁ ? ଚଶା କହୁଛି, ମୁଁ ବିଶ୍ରାମ କରିବି ? ଏକଥା ତୁମ ମନକୁ ପାଉଛି ?

ତୁମେ କଣ କହିଲ ?

କହୁଲି, ମଧୁମତୀର ଶାଢ଼ୀ ତ ସରିଲା । ଚମ୍ପାର ବାହାଘରର ପାଟ
ଏ ଯେଉଁ ଶାଢ଼ୀଟା ଲଗାଇଛୁଁ, ସେଇଟା ଶେଷ ହୋଇଗଲେ ହସ୍ତ
କାଲ ଶୋଇଯିବ ।

ଚମ୍ପାର ବାହାଘରର ଶାଢ଼ୀ ବୁଣୁଛ ? ମୁଁ ଭାବିଲି ଆଉ କାର
ବରାଦ-ଶାଢ଼ୀ ହୋଇଥିବ । ଠିକଏ ଭଲକରି ବୁଣ । ସବୁଠୁ ସୁନ୍ଦର
ଆଉ ମଜଭୁତ କର । ଧୋଇଶୁଖାଇ ପିନ୍ଧିଲେ ବି ଯେମିତି ପାଞ୍ଚ
ବରଷରୁ ଊଣା ଯିବନାହିଁ ।

ଚମ୍ପାର ମାଁ ହସୁଥିଲା । ସେ ଏକ ଅଦ୍ଭୁତ ପ୍ରକାର ହସ ।
ସୁଦୀର୍ଘ ଚଉଦ ବର୍ଷରେ ସଞ୍ଚିତ ହସଟିକକ ସତେ ଅବା ତା' ମୁହଁରୁ
ବିଜୁଳି ପରି ସର୍‌ସର୍ ହୋଇ ନିଗିଡ଼ି ଆସୁଥିଲା ।

ଲୁଚନ ମେହେର ଚମ୍ପା ମାଁ'ର ପହିଲି ହସ ଦେଖି ସ୍ତବ୍ଧ
ହୋଇଗଲା ।

ବିଗତ ଚଉଦ ବର୍ଷ ଧରି ଏମିତି ମନଖୋଲା ହସ ଝୁଲିକୁ
ଦେଖିବାକୁ କେତେ ଆଶା କରି ନଥିଲା ! କିନ୍ତୁ ସେ ଥିଲା ଏକ
ଦୁର୍ଲ୍ଲଭ, ବିଫଳ ଆଶା । ସତରେ ସେ କଣ ଆଜିଯାଏ ଚମ୍ପାର
ବାହାଘର କଥା ଭାବି ଭାବି ପାଷାଣ ପାଲଟି ଯାଇଥିଲା ? ଆଜି ସେହି
ସମ୍ବନ୍ଧର ଆଭାସ ପାଇ ହସୁଛି । ଲୁଚନ ମେହେର ବି ଚମ୍ପା ମାଁର
ହସ ସଙ୍ଗରେ କଣ୍ଠ ମିଳାଇ ଗଦଗଦ ହୋଇ ହସିଲା । ହସରେ
ହସରେ ମାଟି ଘରଟି ଦୁଲୁକି ଉଠିଲା । ଘରଭିତରେ ଚଲାବୁଲା
କରୁଥିବା ନିର୍ବାକ, ନିସ୍ତେଜ ପବନତକ ବି ଚପଳ ହୋଇ-
ଉଠିଲେ ।

ବାପମାଁର ମିଳିତ ହସ ଦେଖି ଚନ୍ଦା ସେ ଘରୁ ଦୂରେଇ ଗଲା । ଆଜି ଅନେକ ଦିନପରେ ମନ ଭରି ସେମାନେ ହସୁଛନ୍ତି । ଆଜି କିଛି ସମୟ ହସି ଭାରି ମନଟାକୁ ହାଲୁକା କରିଦିଅନ୍ତୁ ।

ଲୁଚନ ମେହେର ଚନ୍ଦା ମାଁର ହାତଧରି ଚୁପ୍ ଚାପ୍ ପଚାରିଲା, ତୁମେ ପୁଣି ଏମିତି ଭାବରେ ହସିପାର ?

ଚନ୍ଦା ମାଁ ହାତ ଛଡ଼ାଇନେଇ ଚପଳ କଣ୍ଠରେ ପଚାରିଲେ, ଛିଃ, ବଡ଼ିଲା ଝିଅଟା ପରା ପାଖରେ ଅଛି !

ସେ ମୁହଁ, ସେ କଟାକ୍ଷ ଦେଖି ଲୁଚନ ମେହେରର ନିସ୍ତରଙ୍ଗ ଛାତିରେ ଟିକିଏ ଚମକ ଲାଗିଲା । ସେ ନିଜର ବିସ୍ତୃତ ଜୀବନର ରୁକ୍ଷ ଘଟଣା ସବୁ କ୍ଷଣକ ପାଇଁ ଭୁଲିଗଲା । ତା' ଶିରା ପ୍ରଶିରାରେ ଯୁବକ ଜୀବନର ଝଲକ ମିଶିଥାଏ । ଆଖି ଦି'ଟା ଓସାର ହୋଇ ଯାଇଥାଏ ।

ବୁଣାକାର ଜୀବନରେ କେତେ ଲୋକଙ୍କ ମୁହଁରୁ କେତେ ପ୍ରକାର ପ୍ରଶଂସା ଶୁଣିନାହିଁ ! ଶାଢ଼ୀର ଧଡ଼ି ଉତୁରି ଆସିଲା ବେଳେ କେତେ ଖୁସି ହୋଇନାହିଁ । କିନ୍ତୁ ଆଜିର ଏ ଆନନ୍ଦ, ସବୁ ପ୍ରଶଂସା ସବୁ ଖୁସିଠାରୁ ସହସ୍ର ଗୁଣରେ ଅଧିକ । ଏଇନେ ଦୁର୍ବଳ ଆଖିର ନିଷ୍ପ୍ରଭ ଦୃଷ୍ଟି କଥା ମନେ ପଡ଼ୁନାହିଁ । ବୟସର ସବୁ ରୁକ୍ଷତା ହଜି ଯାଇଛି । ସେ ଚପଳ ହେଉଛି ଶ୍ରାବଣର ଗର୍ଭଭରା ସ୍ରୋତସ୍ୱିନୀ ପରି, ବୈଶାଖୀ ଆକାଶର ଅଦିନିଆ ଅସରା ପରି ।

ପୃଥିବୀରେ ହସ ଓ ଆନନ୍ଦର ସ୍ଥାୟୀତ୍ୱ କେତେ ସ୍ୱଳ୍ପ ! କେଇଟି ମୁହୂର୍ତ୍ତର ଆନନ୍ଦ ଆମୋଦକୁ ଛାଡ଼ିଦେଲେ ଅବଶିଷ୍ଟାଂଶ ଖାଲି ଦୁଃଖ, ଅସୁମାରି ଦୁଃଖ ! ଏହି ଦୁଃଖ ଭିତରେ କ୍ଷଣସ୍ଥାୟୀ ସୁଖ ଟିକିଏ ପାଇବାକୁ ମଣିଷ ପରିଶ୍ରମ କରେ । ସେ ପରିଶ୍ରମର ଅନ୍ତ ନାହିଁ ।

ଜୀବନର ପରିଚୟ ମିଳେ ଦୁଃଖରେ, ଦୁଃଖଜନିତ ଅଶ୍ରୁରେ ।

ଲୁଚନ ମେହେରର କନ୍ଦନ ପାଇଁ ଆନନ୍ଦ କଲା । ରସା ଶାଢ଼ୀରେ ନଅା ନୂଆ ପ୍ରକାର ଫୁଲ ପକାଇ ଆଗକୁ ଆଗକୁ ମାଡ଼ି-ଗଲା । ଶାଢ଼ୀର ପ୍ରଥମ ମୁହଁଟି ବୁଣା ସରିବା ପରେ ତାର ମନେ ହେଲା, ମୁଣ୍ଡ ଉପରୁ ହିମାଳୟ ଓହ୍ଲାଇ ଯାଇଛି । ଦ୍ୱିତୀୟ ମୁହଁଟି କଷ୍ଟ ପଡ଼ିବ ନାହିଁ ।

ଦେହସାରା ବସନ୍ତ ରଙ୍ଗ କରି ତା' ଭିତରେ ଶ୍ୱେତ ଶ୍ୱେତ ମୀନ-ବୁଟା ପକାଇଛି । ଶାଢ଼ୀ ମୁହଁର ଔଜ୍ଜଲ୍ୟ ଓ କମ ଦେଖି ଲୋକେ ତଟସ୍ଥ ହେଉଛନ୍ତି । ସତେ ଯେମିତି ସମ୍ପଦାୟ ବୁଣାକାର ଜୀବନର ଅଭିଜ୍ଞତାକୁ ଏଇ ଶେଷ ଶାଢ଼ୀ ଖଣ୍ଡିକରେ ଝଟକାଇ ପକାଇଛି । ସୂତାର ପ୍ରତି ଖିଅରେ ସେ ଖାଲି ରଙ୍ଗ ଦେଇ ସ୍ଥିର ହୋଇନାହିଁ, ତା ଭିତରେ ନିଜର ଅଦ୍ଭୁତ ଖିଆଲକୁ ବି ବୁଣି ରଖିଛି ।

ଏ ଶାଢ଼ୀ ରସା ପିନ୍ଧିବ । ସର୍ବଶ୍ରେଷ୍ଠ ବୁଣାକାର ଲୁଚନ ମେହେରର ଝିଅ ଶାଶୁଘରକୁ ଗଲାବେଳେ ଏ ଶାଢ଼ୀ ସଙ୍ଗରେ ନେଇଯିବ । ରସାର ସ୍ୱାମୀ ବୁଝିବ ଏ ଶାଢ଼ୀର ସୃଷ୍ଟିକର୍ତ୍ତା ତାର ଶ୍ୱଶୁର । ଜୁଆଇଁ ପାଇଁ ଇଏ ବି ହେବ ଆଉଗୋଟାଏ ଗର୍ବର କାରଣ ।

ଶାଢ଼ୀ ଖଣ୍ଡିକ ଶେଷ କରିବାକୁ ଲୁଚନ ମେହେରକୁ ଅନେକ ଦିନ ଲାଗୁଛି । ସମୟ ଲାଗୁ ପଛକେ, ଯାକୁ ସେ ତରବରିଆ ଭାବରେ ବୁଣି ଶେଷ କରିବ ନାହିଁ । ହାତ ବ'ଠାତ ଆଉ ମେସିନ ନୁହେଁ ଯେ ଚଟାପଟ୍ ମାଡ଼ିଚାଲିଯିବ ! ସୂତାର ରଙ୍ଗ, ବର୍ଣ୍ଣ ସବୁ ଦେଖି ତାଗ ଗଣି ବୁଣିବା କଥା । ବାରବର୍ଷ ପରିଶ୍ରମ ବିନିମୟରେ ତୋଳା ହୋଇଥିବା କୋଣାର୍କ ପରି ସେ ବହୁଦିନ ପରିଶ୍ରମ କରି ରସାର ବାହାଘର ଶାଢ଼ୀ ଖଣ୍ଡିକ ପ୍ରସ୍ତୁତ କରିବ ।

ଆଖପାଖ ଗାଁର ଲୋକ ଆସି କର୍ମବ୍ୟସ୍ତ ଲୁଚନ ମେହେରକୁ ଝାଲନାଲ ହୋଇ ମଙ୍ଗାଶାଳରେ ବସିଥିବା ଦେଖିଲେ ବିସ୍ମୟ ପ୍ରକାଶ କରନ୍ତି । ଶାଳରେ ବସି ଘରର ସୂତା ବ୍ୟବହାର କରୁଥିଲା ବେଳେ ସେ ବେଳ ଅବେଳ ମାନେନାହିଁ । ଦିନେ ଦିନେ ମୁଣ୍ଡ ଉ ରୁ ବେଳ ଖସିଲେ ଯାଇ ଗାଧୋଇବାକୁ ଯାଏ । ମହାନଦୀର ପାନ-ଧାରଟା ସେତିକ ବେଳେ ତାଡି ଯାଇଥାଏ । କାଉପର ଗୋଟିଏ ବୁଡିମାର୍ ଉଦା ସରସର ଦେହରେ ଘରକୁ ଫେରେ । ତାର ଇତଃସ୍ତତ ଭାବ ଦେଖି ଲୋକେ କହନ୍ତି, ଲୁଚନ ମେହେର ପାଗଳ ହୋଇଯିବ ।

ଲୁଚନ ମେହେର ଏ ଅତି ରଞ୍ଜିତ ମନ୍ତବ୍ୟ ଶୁଣି କାହାକୁ କିଛି କହେ ନାହିଁ । ସେ ଖାଲି ଅଳ୍ପ ହସିଦିଏ । ବାହାର ଲୋକେତ ତା' ମନର କଥା ଧରି ପାରିବେ ନାହିଁ । ରୁଚିଲେ ଝିଅପାଇଁ ଗୋଟିଏ ବୁଣାକାର ବାପର କେତେ ଶ୍ରଦ୍ଧା ଅଛି, କଳି ପାରିବେ ନାହିଁ । କହିବା କଥା କହିବେ । ନ ଶୁଣିଲେ ହେଲା ।

ବନକା ଓ ବନକା ଅଞ୍ଚଳର ସବୁ ବନଆ ଗ୍ରାହକମାନେ ତା' ଘରକୁ ଆସି ଶାଢ଼ୀ ବରାଦ କରନ୍ତି । ଆଗତୁରା ଟଙ୍କା ପାଠ ଯାଆନ୍ତି । ଲୁଚନ ମେହେର ବହିଣା ରଖେ ନାହିଁ କି ବରାଦ ପାଇଁ ଚୁକ୍ତି କରେ ନାହିଁ । ହସି ହସି କହେ ଏ ଶାଢ଼ୀଟା ପ୍ରଥମେ ଶେଷ ହେଉ । ପରେ ଦେଖିବା । ଗ୍ରାହକମାନେ ମନମାରି ଚାଲି ଯାଆନ୍ତି । କହନ୍ତି, ଲୁଚନ ମେହେରର ଆଖି ଉପରକୁ ହୋଇ ଗଲାଣି । ଘରଟଙ୍କା ଫେରାଇ ଦେଉଛି । କଣ ଟିକିଏ ଭଲକାମ କରି ଦେଖାଇ ଦେଲା ବୋଲି ବଡଲୋକ ଦେଖାଉଛି । 'ଭୁଲିଆ' ଲୋକତ ! କେତେ ବୁଦ୍ଧି?

ବଡ଼ ବଡ଼ ଧନୀ ଲୋକ ଆସି କୁଣୁଥିବା ଅଧା ପନ୍ତରିଆ ଶାଢ଼ୀର ଦାମ ପଚାରନ୍ତି । ଶହେ ଦେଢ଼ଶ ଯାଏ ଯାଆନ୍ତି । ଲୁଚନ ମେହେରର ଦାମ କହେ ନାହିଁ କି ଟଙ୍କା ରଖେ ନାହିଁ । ଧନୀ ଲୋକଙ୍କର ହସାଖିଆ ମନ । ପ୍ରକୃତ କଥାକୁ ସେମାନେ ଧନ ଜରିଆରେ ଓଜନ କରନ୍ତି । ଏମାନେ ମୂର୍ଖ ନୁହନ୍ତି ତ ଆଉ କଣ ? ଗରିବ ବୋଲି ବାପର ମନଟା କଣ ସରି ଯାଇଛି ? ଝିଅର ବାହାଘର ଶାଢ଼ୀ ବୋଲି ଯାହାକୁ ଆରମ୍ଭ କରିଛି ତାରିପାଇଁ ଚୁକ୍ତି କରିବ ? ଟଙ୍କା କଣ ସେ ରୋଜଗାର କରିନାହିଁ ନାଁ ରୋଜଗାର କରି ପାରିବ ନାହିଁ ? ଏତେ ଚଢ଼ା ଦାମ ନେଇ ଖଣ୍ଡେ ଦ'ଖଣ୍ଡ ଶାଢ଼ୀ ବୁଣିଦେଲେ ହୁଏତ କିଛି ଦିନ ସକାଶେ ଅବସ୍ଥା ସ୍ୱଚ୍ଛଳ ହୋଇଯିବ । ତାପରେ ?

ଝିଅ ଆଖିର ଲୁହକୁ ସେ ଏଡ଼ାଇ ଦେଇ ପାରିବ ନାହିଁ ।

ସେ ଟଙ୍କା ନ ହେଲେ ନ ହେଉ ପଛକେ, ଝିଅର ମନ ରହୁ, ମାନରହୁ ।

ଲୋକେ କହନ୍ତି, ଲୁଚନ ମେହେରଟା ଘରକିଆ ନୁହେ । ନହେଲେ ଏତେ ଟଙ୍କା ଗୁଡ଼ା ଦିଅନ୍ତା ? ହାତରେ ହେଉଛି ବୋଲି ଝିଅକୁ ଏତେ ଦାମର ଶାଢ଼ୀ ପିନ୍ଧାଇବ କାହିଁକି ? ଏ ଶାଢ଼ୀ ପିନ୍ଧିଦେଲେ ଝିଅ କଣ ବଦଳି ଯିବ ? ଜନକାର ଧୀବର ପଡ଼ାର ଗୃହସ୍ଥ କଣ ମାଛ ମାରେନାହିଁ ? ଏହାବୋଲି ସେ କଣ ବଡ଼ ବଡ଼ ମାଛ ରଖି ପଚାମାଛ ବଜାରକୁ ବିକିବାକୁ ନିଏ ? ବନିକା ପଡ଼ାର ସୁନାସୁ ଝିଅମାନେ କେତେ ଗହଣା ଲଗାନ୍ତି ?

ଲୁଚନ ମେହେରର ଏକାଜିଦ୍ । ସେ ଶାଢ଼ୀକୁ ବିକିବ ନାହିଁ । ଯାହାହେଲେ ବି' ନୁହେ ।

ଶାଢ଼ୀର ବିଶିଷ୍ଟ ମୁହଁ ଆରମ୍ଭ କଲାବେଳେ ସୂତା ସରିଗଲା, ଲୁଚନ ମେହେରର ଛାତିରେ ଛନକା ପଶିଲା । ଏକାରଙ୍ଗ ଆଣିବାକୁ ପୁଣି କେତେ ପରିଶ୍ରମ କରିବାକୁ ହେବ । ରଙ୍ଗ ସଙ୍ଗେ ରଙ୍ଗ ନ-ମିଶିଲେ କେତେ ଖର୍ଚ୍ଚ । ଲୁଗାବୁଣା ଛାଡ଼ି ପୁଣି ସେ ସୂତାର ରଙ୍ଗ ଯୋଗାଡ଼ିଲା । ବାପ, ମାଁ ଓ ଝିଅ ମିଶି ବାରମ୍ବାର ପରିଶ୍ରମ କଲେ । କେତେ ସୂତା ନଷ୍ଟହେଲା, କେତେ ପରିଶ୍ରମ ବ୍ୟର୍ଥହେଲା । କିନ୍ତୁ ଏତେ ଦୂର ବୁଣା ହୋଇଥିବା ସୂତାର ରଙ୍ଗ ସଙ୍ଗେ କୌଣସି ରଙ୍ଗ ମିଶିଲା ନାହିଁ । ହୁଏତ ସେ ଟିକିଏ ଫିକା ପଡ଼ୁଛି ନହେଲେ ଗାଢ଼ ଧରୁଛି । ସମାନ ହେଉନାହିଁ ।

ଲୁଚନ ମେହେରର ମନ ଭାଙ୍ଗି ଆସିଲା । ଚମ୍ପା ଏ ଅବସ୍ଥା ଦେଖି ଅନୁରୋଧ କଲା, ଯେମିତି ସୂତା ହେଲେବି ବୁଣି ଶେଷ କରିଦିଅ । ଆଉକେତେ ଚେଷ୍ଟା କରିବ ? କିନ୍ତୁ ତାର ସେହି ଗୋଟିଏ ଉତ୍ତର, 'ନା' । ଲୁଚନ ମେହେର ସବୁ କରିବ, କିନ୍ତୁ ତା' ବୁଣାରେ ଭୁଲକରି ପାରିବନାହିଁ ।

କି ଅଜବ ମଣିଷଟିଏ ସିଏ ? ଲୋକେ ଖାଦ୍ୟ ଜିନିଷରେ ଅଖାଦ୍ୟ ମିଶାଇ ଚଳାଇ ଦେଉଛନ୍ତି, ଅଥଚ ଇଏ ପିନ୍ଧା ଲୁଗାରେ ଏତେ ସତର୍କ ? ବୁଣା ସୂତାର ରଙ୍ଗ ଟିକିଏ ଗମ୍ଭୀର ହେଲେ ବା ଟିକିଏ ଫିକାଶିଆ ହୋଇଗଲେ କଣବା' କ୍ଷତିଟା ହୋଇଯିବ ।

ଏକାଧିକ ଚେଷ୍ଟାକରି ସୂତା ରଙ୍ଗରେ ସମତା ରକ୍ଷା କରିବାରେ ସମର୍ଥ ହେଲାପରେ ଲୁଚନ ମେହେରର ଜୀବନରେ ଆଉ ଏକ ବିପଦ ଆସି ଦେଖା ଦେଲା । ତା' ଆଖିରୁ ସବୁବେଳେ ପାଣି ବୋହିଲା । ମଙ୍ଗାଶାଳରେ ଅଧଘଣ୍ଟାଏ ବି' ଏକନିଷ୍ଠ ଭାବରେ ବସି ପାରିଲା ନାହିଁ ।

ଜ୍ଞାତି ପରିଚୟ, ବନ୍ଧୁ ବାନ୍ଧବମାନେ ଆହା କଲେ । ତାଙ୍କପରି ବଳୁଆ ଲୋକଟାର ପୁଣି ଏଇ ଦଶାଥିଲା ?

କାମିକା ଭୁଲିଆ ଗୃହସ୍ଥର ଏହାହିଁ ବିପଦ ସଙ୍କେତ । ମଙ୍ଗା-ଶାଳରେ ରାତି ଅନିଦ୍ରା ହୋଇ କ୍ଷୀଣ ଆଲୁଅରେ ଲୁଗା ବୁଣିବାର କୁପରିଣାମ ।

ଲୁଚନ ମେହେରର ସ୍ତ୍ରୀ ଓ ଝିଅ ତିନା ଏକଥା ଭାବି ଚମକି ପଡ଼ୁଥିଲେ । ଶେଷରେ ଘରର ଏକମାତ୍ର ମୁରବି ମଣିଷର ଏଇ ଅବସ୍ଥା ହେବ ? ଯଦି ହୋଇଯାଏ ?

ମାସେକାଳ ଏକାଭଳି ବିଛଣାରେ ପଡ଼ିବା ପରେ ଘରର ଅବସ୍ଥା ଅତି ଦୟନୀୟ ହୋଇ ପଡ଼ିଲା । ତିନାର ମାଁ ଦେହରୁ ମୁଣ୍ଡରୁ ସବୁ ଗହଣାପତ୍ର କାଢ଼ି ବନ୍ଧା ପକାଇଲା । ତିନା ବି' ମୁଣ୍ଡରୁ ରୁପା ଚଉଁରୀ କାଢ଼ିଦେଲା, 'ଚାଡ଼ି', 'ବାହାସୂତା'ଠାରୁ ଆରମ୍ଭ କରି ବେକର 'ଜଉଁତିଆ' ଓ ଅଣ୍ଟାର 'ଚେନ୍‌ଗୁନ୍ଥି' ଯାଏ ଗୋଟି ଗୋଟି କରି ମହାଜନ ଦୁଆରକୁ ଗଲା । ମାସ ଶେଷକୁ ଅଳ୍ପ ଭଲ ହୋଇ ଆସୁଛି, କୁଆଡ଼ୁ ଥିଲା ପଣ୍ଡିମା ଗୁଣିଆଟିଏ ଆସି ଆଖିରେ ଔଷଧ ପକାଇବାକୁ ପରାମର୍ଶ ଦେଇ ଲୁଚନ ମେହେରର ଆଖିର ଶେଷ ଦୀପ୍ତି ଟିକକ ନିଃଶେଷ କରିଗଲା ।

ଲୁଚନ ମେହେର ନିଜର ସବୁକିଛି ହରାଇ କାଙ୍ଗାଳ ପାଲଟି ଗଲା । ସୁଦୀର୍ଘ ସାଧନାର ସବୁ ପ୍ରାପ୍ତି, ସବୁ ସାଫଲ୍ୟ କାଳର ନିଶୂନ ନିସ୍ତବ୍ଧତା ଭିତରେ ପଶି ଏକାକାର ହୋଇଗଲା ।

ଏ ଅବସ୍ଥାରେ ବନ୍ଧୁବାନ୍ଧବମାନେ ଆସି କିଛି କିଛି ସାହାଯ୍ୟ କରିଗଲେ । ଗରିବ ଲୁଚନ ମେହେରର ତ' ଆଉ ଧନୀ ବନ୍ଧୁ ନ-ଥିଲେ । ସେହି ଗରିବ ବନ୍ଧୁମାନଙ୍କର ସାହାଯ୍ୟ କେତେଦିନ ରକ୍ଷା କରି ପାରନ୍ତା ?

ମହିମା ପଡ଼ାର ପ୍ରତିଯୋଗୀ ବୁଣକାରମାନେ ଆଉ ତା' ବିରୁଦ୍ଧରେ କିଛି କହିଲେ ଅପପ୍ରଚାର କଲେନାହିଁ । ସେମାନେ ଲୁଚନ ମେହେରର ଅବସ୍ଥା ଦେଖି 'ଚୁ,ଚୁ' କଲେ । ଆହା ବନକାର ଶେଷ ରୋଷଣୀଟିକ ଲିଭିଗଲା । ମେହେର କୂଳରେ ଜ୍ୟୋତିଷ୍କ ତାରକାଟିଏ ଅଦିନରେ ମଉଳି ଗଲା !! କାହାର ରଙ୍ଗ, କାହାର ଢଙ୍ଗକୁ ନେଇ ସେମାନେ ବୟନ ଶିଳ୍ପରେ ନୂତନ ଅଧ୍ୟାୟ ଯୋଡ଼ିବେ ! କାହାର ସାହସରେ କହିବେ, ବନକାର ବୁଣାକାର ସମଗ୍ର ସମ୍ବଲପୁର ଅଞ୍ଚଳର ଶ୍ରେଷ୍ଠ ଶିଳ୍ପୀ !

ବନକାର ନୂଆପଡ଼ାରୁ ଆଉ ନୂଆ ଧରଣର ଶାଢ଼ୀ ବାହାରେ ନାହିଁ । ଆଖପାଖ ଗାଁର ଲୋକେ ଆସି ବାହା ବ୍ରତଘରେ ଲୁଚନ-ମେହେରର ଘର ଠିକଣା ବୁଝିବେ ନାହିଁ । ସେମାନେ ତ' ଆଉ ଲୁଚନ ମେହେରକୁ ଭଲ ପାଉନଥିଲେ, ସେମାନେ ଭଲ ପାଉଥିଲେ ଲୁଚନ ମେହେରର ଶାଢ଼ୀକୁ । ଯେତେବେଳେ ତା' ହାତରେ ଶାଢ଼ୀ ବୁଣା ହୋଇପାରିବ ନାହିଁ, ତା' ଦୁଆରେ ପାଦ ପକାଇବେ କାହିଁକି ? ଲାଭ କଣ ?

ଇଏ ଶିଳ୍ପୀ ଓ କଳାକାର ଜୀବନର ଅନ୍ତ ଏକ କଳଙ୍କିତ ଇତିହାସ । ଏ ଦେଶରେ କେଉଁ ଲେଖକ, କେଉଁ ଶିଳ୍ପୀ ଆଦରପାଏ ଯେ ଲୁଚନ ମେହେରର ଅବସ୍ଥା ପ୍ରତି ଜନସାଧାରଣଙ୍କ ଅନାଗ୍ରହ ଭାବଦେଖି ଦୋଷ ବାଛିବ ?

ଲୁଚନ ମେଢେର ନଜର ଅଜ୍ଞାତ ଆଶାକୁ ନେଇଁ ଅବହେଳନ୍ତ ଅବସ୍ଥାରେ ବଞ୍ଚିଥାଏ । ସେ ଆଶା କରିଥାଏ, ଦିନେ ତାର ଆଖିର ଦୃଷ୍ଟି ଫେରି ଆସିବ । ଦୃଷ୍ଟିଶକ୍ତି ଫେରି ଆସିବା ପରେ ଆଉ ଅଭାବ ରହିବ ନାହିଁ କି ଅନାଟନ ରହିବ ନାହିଁ ।

—ଃ*ଃ—

— ତେର —

କିନ୍ତୁ ସେ ଦିନ ସହଜରେ ଫେରିଲା ନାହିଁ ।

କିଛିଦିନ ପରେ ଅଦ୍ଭୁତ ପୂର୍ବରୂପ ଲାବଣ୍ୟ ନେଇ ଶାଶୁଘରୁ ମାଁ ଘରକୁ ଫେରି ଆସିଲା ମଧୁମଣି । ତା' ସ୍ୱାମୀ ହୀରାକୁଦ ବନ୍ଧର ଜଣେ ଉଲ୍ଲେଖଯୋଗ୍ୟ କଣ୍ଟ୍ରାକ୍ଟର । ଅଭାବ ଅନାଟନର ଦୁଃସ୍ୱପ୍ନ ନାହିଁ । ପ୍ରାଚୁର୍ଯ୍ୟ ଭିତରେ ଜୀବନ ଯାପନ କରି ସେ ଅସମ୍ଭବ ଭାବରେ ଖିଅଳି ହୋଇ ଉଠିଛି ।

ମଧୁମଣିର ଆଗମନ ପରେ ବାନକା ସହରରେ ଗୋଟିଏ ମଧୁର ଗୁଞ୍ଜରଣ ଖେଳିଗଲା । ଗୋଟିଏ ଝିଅ ଯେ ଏତେ ସୁନ୍ଦର, ଏତେ ଲାବଣ୍ୟମୟୀ ହୋଇପାରେ ବାନକାର କୌଣସି ଯୁବକ କଲ୍ପନାବି' କରିପାରୁ ନଥିଲା ।

ଏତେ ସ୍ୱାସ୍ଥ୍ୟ, ଏତେ ସୌନ୍ଦର୍ଯ୍ୟ ଥାଉ ଥାଉ ବି' ମଧୁମଣି ଝଲକ ଭଳି ବେଶ ହୁଏ । ଦେହରେ ନଖପାତଳ ଶାଢ଼ୀ ପିନ୍ଧି ମୁହଁରେ ଗୁଡ଼ାଏ ରୋଜ୍ ପାଉଡ଼ର ବୋଳିହୁଏ । ପଦ୍ମପାଖୁଡ଼ା ପରି ନରମ, ଲାଲ ଓଠରେ ରକ୍ତ ପରି ରଙ୍ଗ ଲଗାଏ । ହାତର ଗୋଡ଼ର ନଖସବୁ ସେହି ରକ୍ତ ପ୍ରଲେପରେ ସୁରଞ୍ଜିତ କରେ । ମଧୁମଣିର ମୁଣ୍ଡରେ ଓଢ଼ଣା ନଥିଲେ ତା' ସୁସଜ୍ଜିତ କବରୀର କାନ୍ତା ବା କବରୀର କୁସୁମଗନ୍ଧ ସମୁଦାୟ ନୂଆପଡ଼ାକୁ ଢୋଡ଼ାଇ ଦିଏ । ଏ ରଙ୍ଗ ଭାସି ଆସିଲେ ସଭିଏ ଜାଣନ୍ତି ମଧୁମଣି ବେଶ ହେଉଛି ।

ବାଲ୍ୟ ସଙ୍ଗିନୀ ଚମ୍ପାର ଅସ୍ତବ୍ୟସ୍ତ ଦେହଟାକୁ ଦେଖି ସେ ଅନେକ ଦୁଃଖ ପ୍ରକାଶ କଲା । ଦିନେ ତାଙ୍କ ଘରକୁ ଦୟା କରି ଆସି ଲୁଚନ ମେହେରର ବୁଣି ଦେଇଥିବା ଶାଢ଼ୀ ଉପରେ ଗୁଡ଼ାଏ ପ୍ରଶଂସା-ସୂଚକ ମନ୍ତବ୍ୟ ବାଢ଼ିଲା । କହିଲା, ଏଥର ସାରକୁଦରୁ ତୁମ ସକାଶେ ନୂଆ ବରାଦ ନେଇ ଆସିଥିଲି । ଦୁର୍ଗାମଣ୍ଡପ ତଳର ପଞ୍ଜାବୀ ସୁପର୍-ଭାଇଜର୍‌ର ଗୃହିଣୀ ଓ ହିସାବୀ ଅଫିସର ସରକାର ବାବୁଙ୍କ ଘରେ ମୋର ଶାଢ଼ୀ ଦେଖି ଲୋଭେଇ ଗଲେ । କହିଲେ, ଯେତେ ଖର୍ଚ୍ଚ ପଡ଼ୁ ପଛକେ ଆମପାଇଁ ଶାଢ଼ୀ ଆଣିଦିଅ । ଶହେ ଶହେ ଦି' ଶହ ଟଙ୍କା ପଠାଇ ଦେଇଥିଲେ । କିନ୍ତୁ କଣ କରିପାରିବ ? ଏ ଘରେ ବୁଣିବାକୁ ଆଉ କେହିନାହିଁ ।

ଲୁଚନ ମେହେର ନିଜ ଶାଢ଼ୀର ପ୍ରଶଂସା ଶୁଣୁ ଶୁଣୁ ଆନନ୍ଦରେ ଆତ୍ମହରା ହୋଇ ଯାଉଥିଲେ ବି' ପରକ୍ଷଣରେ ଆଖିରୁ ଲୁହ ପୋଛିଲା । ଆଃ, ତାର ପୁଅଟିଏ ଏତେବେଳେ ନାହିଁ । ଚମ୍ପା ଯଦି ଝିଅ ନହୋଇ ପୁଅଟିଏ ହୋଇଥାନ୍ତା, ତାହାର ପରିଶ୍ରମର ଅଭାବ ମୋଟେ ଜଣା ପଡ଼ନ୍ତା ନାହିଁ । ମଙ୍ଗାଶାଳ ପାଖରେ ବସି, ବସି ଉପଦେଶ ଦେଇ ଦେଇ, ଚମ୍ପାକୁ ପୁନଃପୁନଃ ବୁଣାକାର ଟିଏ କରି ଛିଡ଼ା କରନ୍ତା । ଏ ଘରୁ ବୁଣାକାରର କଳା ମରି ପାରନ୍ତା ନାହିଁ । କିନ୍ତୁ ଚମ୍ପା ପୁଏ ନୁହେ । ସାମାନ୍ୟ ଝିଅଟିଏ ହୋଇ ଏଘରର ଭାରକୁ ସମ୍ଭାଳିବ କେମିତି ?

ମଧୁମତି ଏପଟ ସେପଟ ହେଉ ହେଉ ମଙ୍ଗାଶାଳରେ ଲାଗି ରହିଥିବା ଅସମ୍ପୂର୍ଣ୍ଣ ଶାଢ଼ୀକୁ ଦେଖି ଲୋଭେଇ ଗଲା । ସେ ସଙ୍ଗେ-ସଙ୍ଗେ ଶାଢ଼ୀ ପାଖକୁ ଧାଇଁ ଆସି ତାର ରଙ୍ଗ ଆଉ ଗଢ଼ଣ ପରୀକ୍ଷା କରୁ କରୁ ଉଚ୍ଛ୍ୱସିତ କଣ୍ଠରେ କହି ଉଠିଲା, କି ସୁନ୍ଦର ହୋଇନାହିଁ, ମଙ୍ଗାରୁ ମୁହଁକୁ ଓହ୍ଲାଇ ଦେଉନ ?

'ସେ ପୂର୍ବ ହୋଇନାହିଁ ।' ଟସା ଉତ୍ତର ଦେଲା ।

'ମାନେ ଦ'ଟା ଯାକ ମୁହାଁ ପଡ଼ନ ? ମଧୁ ପଚାରିଲା ।

'ହଁ । ତାକୁତ ବୁଣୁ ବୁଣୁ ଟସା ବାପର ଏ ଦଶା !'
ଟସାର ମାଁ ଉତ୍ତର ଦେଲା ।

'ହୋଇଥିବ । କେତେ ସୁନ୍ଦର ହୋଇଛି । କଣ •କମ ପରିଶ୍ରମ ଲାଗିଥିବ ? ଆଚ୍ଛା, ଦ ମୁହଁ ନ ପଡ଼ିଥିଲେ ନାହିଁ, ତାକୁ ଯଦ୍ଧ ବିକ ଦିଅନ୍ତ.........

'ସେ ଶାଢ଼ୀ ବିକା ହବନି' ମଧୁ !' ଟସାର ବାପ ଉତ୍ତର ଦେଲା ।

'କଣ ପୂର୍ଣ୍ଣ ହେଇନି ବୋଲି ?' ତମେ ବି' କେମିତି ମଣିଷ ? ଆଜିକାଲି କଣ ଦ' ମୁହାଁ ଶାଢ଼ୀ ଚଳୁଛି ? ଗୋଟିଏ ମୁହଁ, ଗୋଟିଏ ଧଡ଼ୀ ଦେଲେ ବି' ଚଳିଲା । ଅନ୍ୟ ଧଡ଼ୀ' ଅନ୍ୟ ମୁହଁରେ କଣ ଅଛି ? ସେ ପଗ ନୂଆ ଉଜାଇନ ? ମୁଁ ଯାଙ୍କୁ ପିନ୍ଧନ୍ତି । ଯେତେ ଟଙ୍କା କହିଲେ ଦିଅନ୍ତି ।'

'ଟଙ୍କା କଥା ନୁହେଁ ଯେ ପ୍ରିଅ.........

'ଆହା, ଅସୁବିଧାରେ ପଡ଼ିଛ । ମୁଁ କଣ ସେମିତି ମାଗଣା ନେବି ? ମଧୁ ଟସାର ମାଁ ମୁହଁରୁ କଥା ଛଡ଼ାଇ କହିଲା ।

'ଟସାର ବାହାଘର ଶାଢ଼ୀ ସିଏ ମଧୁ ! ମୁଁ ତାକୁ ସେଇ ଆଶାରେ ବୁଣିଛି । ସେ ବିକି ହେବନି' । ଟସାର ଅନ୍ଧବାପ ଶେଷ ଉତ୍ତର ଦେଲା ।

ମଧୁମଞ୍ଜି ବିଚିତ୍ର ଆଖିରେ ସେ ଘରର ଛଟନାଟି ମଣିଷର ମୁହଁକୁ ଚାହିଁଲା । କଣ ଏମାନେ ପାଗଳ ହୋଇ ଯାଇଛନ୍ତି ? ଘରେ ଖାଇବାକୁ ଦାନା ନାହିଁ, କିନ୍ତୁ ଝିଅର ବାହାଘର ପାଇଁ ଶହଶହ ଟଙ୍କାର ଦାମିକା ଶାଢ଼ୀ ଯୋଗାଡ଼ ହେଉଛି ?

ମଧୁମଞ୍ଜି ଚାଲି ଯାଉଥିଲା । ଶାଢ଼ୀ ଖଣ୍ଡିକ ଛୁଇଁବାକୁ ମନା-କରି ଦେଇଥିବାରୁ ତା' ମନ ଭିତରେ ଅଜସ୍ର ଅଭିମାନ ।

ଚମ୍ପା ମଧୁମଞ୍ଜିର ଚାଲିପଥକୁ ଧାଇଁଯାଇ ତାର ହାତ ଧରି କହିଲା, 'ତୁ ଏ ଶାଢ଼ୀ କଣି ପଇସାଦେବୁ ମଧୁ ? ଏ ଅଧା ଶାଢ଼ୀ ପିନ୍ଧିବୁ ? ଯଦି ତୋର ଇଚ୍ଛା, ମୋର ବାହାଘର ଶାଢ଼ୀକୁ ତୋ' ହାତକୁ ମୁଁ ନିଜେ ବଢ଼ାଇ ଦେବି ।'

'ଚମ୍ପା ! ଏ କଣ କହୁଛୁ ? ମୋର ଆଖିନାହିଁ ବୋଲି କଣ ଇଚ୍ଛା ବି' ନାହିଁ ? ଲୁଚନ ମେହେରର ମରି ଯାଇନି ଚମ୍ପା ! ତା' ସାମନାରେ ତାର ମୀମାଂସାକୁ ତୁ ବଦଳାଇ ଦେବାର ଚେଷ୍ଟା କରିବୁ ନାହିଁ !'

ସେ ଘରର ସମସ୍ତେ ନିର୍ବାକ ପାଲଟି ଗଲେ ।

ମଧୁମଞ୍ଜି ଦୁମ୍ ଦୁମ୍ ହୋଇ ଫେରିଗଲା । ତାର ବାଙ୍କ ଚାହାଣୀର ରୁକ୍ଷ ଡୋଳା ଦୁଇଟି କହି ଯାଉଥାନ୍ତି, 'ଅନ୍ଧର କି ଆତ୍ମାଭିମାନ !'

—:*:—

--ଚଉଦ--

ଲୁଚନ ମେହେରର ସଂସାର ଦିନକୁ ଦିନ ଅଚଳ ହୋଇ ଉଠିଲା । ତା' ଆଖିରୁ ଜ୍ୟୋତି ଚାଲିଯିବା ସଙ୍ଗେ ସଙ୍ଗେ ପରିବାରର ସବୁ ସୁଖ, ସବୁ ଆନନ୍ଦ ଚାଲିଗଲା ।

ଲୁଚନ ମେହେରର ଘରେ, ତା' ଆନନ୍ଦର ଦିନତକ କେତେ ଶୀଘ୍ର ସରିଗଲା ସତରେ ! ସେ ସବୁ କଣ ଆଉ ଥରେ ଫେରିବ ନାହିଁ ? ଜୀବନର ଅବଶିଷ୍ଟାଂଶ ଦୁଃଖ, ଅଭାବର ତାଡ଼ନାରେ ପଳ ପଳ ହୋଇ ନିଃଶେଷ ହୋଇଯିବ ? ତାହା କଣ ଆଉ ବାହା-ହୋଇ ପାରିବ ନାହିଁ ? ମହାଦେବ ନ ହେଲା ନାହିଁ ପଛକେ, ଯେ କୌଣସି ମେହେରପୁଅ ଆସିଲେ ତାହା ହାତକୁ ଦି' ହାତ କରି ଦିଅନ୍ତା । ନିରାପରାଧିନୀ ତାହା ଆଉ ତାଙ୍କ ସଙ୍ଗେ ଭେଟି କଲବଲ ହେବ କାହିଁକି ?

ଆଃ ଆଖି ଥାଉଁ ଥାଉଁ ଯଦି ତାର ବିବାହ ଯୋଗାଡ଼ କରିଦେଇ ପାରିଥାନ୍ତା ! ଘରଜୁଆଁଇଁ ହେବାର ସର୍ତ୍ତ ନ ରଖି ଯଦି ତାହାଟାକୁ ମହାଦେବର ହାତରେ ଟେକି ଦେଇଥାନ୍ତା !

ମହାଦେବ ଥିଲା ତାଙ୍କ ଦଳର ମଉଡ଼ମଣି । ମେହେର ଜାତିରେ ତା'ପରି ପିଲାଟିଏ ପାଇବା ସହଜ ନୁହେ । ମଝିଆ ପୁଅ ଭାବରେ ଟିକିଏ ଆମୋଦ ପ୍ରମୋଦ କରିବା ବ୍ୟତୀତ ଅନ୍ୟ କୌଣସି ଦୁର୍ଗୁଣ ତାର ନ ଥିଲା । ଆମୋଦ ପ୍ରମୋଦରେ ଭାଗ ନେବା ତ ଦୁର୍ଗୁଣ ନୁହେ ! ମହିମା ପଡ଼ାଟାକୁ ମତାଇ ଦେଇଥିଲା । ସହରର ବଡ଼ ବଡ଼ ଯୁବକ ତାର ଇଙ୍ଗିତରେ ପରିଚାଳିତ ହେଉଥିଲେ । ତା ପରେ ହଠାତ୍ ଦିନେ ଘର ଛାଡ଼ି ଚାଲିଗଲା ।

ତାହା ଘଟିବ ଏ ଦୁଃସମୟରେ ମହାଦେବ ବିନକାକୁ ଫେରି ଆସନ୍ତାକି ? ସେ ନିଶ୍ଚୟ ତାଙ୍କର ଅସହାୟ ଦୁନିଆର ଅବଲମ୍ବନ ହୋଇ ଛିଡ଼ା ହୁଅନ୍ତା । ତାର ମୁହଁର ଅବଶ୍ରାନ୍ତ ଲୁହକୁ ପିନ୍ଧା ଧୋତିରେ ପୋଛି ପକାଇ କହନ୍ତା, ଲୁଚନ ମେହେରର ଝିଅ

ହୋଇ ବିପଦ ଦେଖି ଶଙ୍କି ଯାଉଛି ? କାହିଁ ଦେଖାଇ ଦେଲି ମଙ୍ଗାଶାଳଟା ! ହୁଏତ ଅନେକ ଦିନ ଧରି ବିଶ୍ରାମ ନେଇଥିବା ନରଗୁଡ଼ିକ ହଠାତ୍ ତତ୍ପରହୋଇ ଉଠନ୍ତେ । ଅଧାବୁଣା, ଅସମ୍ପୂର୍ଣ୍ଣ ଶାଢ଼ୀଟା ଦିନ କେଇଟାରେ ପୂରାହୋଇ ଯାଆନ୍ତା । 'ହଟା, ଥୁନର' ଆବାଜ ଶୁଣି ତାଙ୍କ ସଂସାରର ଏହି ଘନଘଟା ଅଭାବ ଦୂରେଇ ଯାଆନ୍ତା । ନୂଆପଡ଼ାର ନୀରବ ଆକାଶ ଲୁଚନ ମେହେରର ମଙ୍ଗା ଶବ୍ଦରେ ପୁଣିଥରେ ପ୍ରତିଧ୍ୱନିତ ହୋଇ ଉଠନ୍ତା !'

ମଣିଷର ଅନେକ ଆଶା । ଦୁଃସମୟରେ ଅନେକ ସୁବିଧା କଥା ମନେ ପଡ଼େ ! କିନ୍ତୁ ସେ ସବୁ କି ସତରେ ପୂରଣ ହୁଏ ? ପରିସ୍ଥିତିକୁ ଆୟତ୍ତ କରେ ଅଦେଖା ଦେବତାର ଇଚ୍ଛା । ଅନ୍ଧାରରେ ମଣିଷ ଅଣ୍ଡାଳି ହୋଇ ରାସ୍ତା ଖୋଜେ । ସମ୍ପଦ ଓ ପ୍ରାଚୁର୍ଯ୍ୟର ରାସ୍ତା !

ଅବସ୍ଥା ଯେତିକି ବଳେଇ ବଳେଇ ପଡ଼ୁଥିଲା, ସୁଖ ସଂସାରର ସ୍ୱପ୍ନ ଗୋଟିକ ସେତିକି ଇତଃସ୍ତତ ହୋଇ ଉଠୁଥିଲା । ତିନୋଟି ଅସହାୟ ପ୍ରାଣୀ ଉଦ୍ବେଗ ବିକଳ ହୋଇ ସମୟ କଟେଇ ଚାଲିଥିଲେ ।

ଲୁଚନ ମେହେରର ଦି' ସାର ବୁଣା ସାମାନ । ମହିମାପଡ଼ାର କେଇଟି ମେହେର ଯୁବକ ବିଭିନ୍ନ ସମୟରେ ସୁବିଧା ଦେଖି ଲୁଚନ ମେହେର ପାଖକୁ ଆସି ଅଦରକାରୀ ସାମାନତକ ବିକି ଦେବାକୁ ପ୍ରସ୍ତାବ ଦେଲେ । ସେ ପ୍ରସ୍ତାବ ଶୁଣି ଲୁଚନ ମେହେର ଥରି ଉଠିଲି । ତାର ଘରେ ସେମାନେ ସାହସକରି କେତେବଡ଼ କଥା କହିଗଲେ ନାହିଁ ? ସେ ବଞ୍ଚି ଥାଉ ଥାଉ ବୁଣା ସାମାନ ପୁଣି ବିକ୍ରୀହେବ ? ତା' ଅପେକ୍ଷା ଏ ଅଦରକାରୀ ଜୀବନଟାକୁ ପଛେ ବିକ୍ରୀ ହୋଇ ପାରୁଥାନ୍ତା ।

ଦୁଃଖ ଆସିଲେ ଏକୁଟିଆ ଆସେନାହିଁ । ସଙ୍ଗରେ ବନ୍ଧୁବାନ୍ଧବ ନେଇ ଆସେ । ସମୁଦ୍ର ଜୁଆର ପରି ବାର ବାର ସେ ମାଡ଼ିଆସେ । ଲୁଚନ ମେହେରର ଅସହାୟ ଅବସ୍ଥାର ସୁଯୋଗ ନେଇ ବନ୍ଧୁ-ବାନ୍ଧବ, ସାହି ପଡ଼ିଶାମାନେ ବି' ଗୁଡ଼ାଏ ଅକଥା କହିଗଲେ । ଶବାର ମାଁ ଚାଉଳ 'ତାମ୍ବେ' ଧାର ମାଗିବାରୁ ମଧୁମଣ୍ଡର ମାଆ ଯାହା ଶୁଣାଇ ଗଲେ, ସେ କଥା ଶୁଣିବାକୁ ପଡ଼ିପାରେ ବୋଲି ଲୁଚନ ମେହେରର ପରିବାର କେବେ ଭାବି ପାରି ନ ଥିଲେ । ନହେଲେ ଭୋକ ଉପାସରେ ପଡ଼ି ଛଟପଟ ହୋଇ ମରିଯାଇଥାନ୍ତେ ପଛକେ, ମଧୁଘରୁ ଚାଉଳ ଧାର ମାଗି ନ ଥାନ୍ତେ । ସବୁ ସରିଲା ପରେ, ଦିନେ ଲଚ୍ଛିପୁରର କେଇଜଣ ଜାଣିଲା ଶୁଣିଲା ମେହେର ଶମ୍ବାର ବାହାଘର ସକାଶେ ଶବାର-ରୂପଗୁଣ-ବୟସର ପାତ୍ରର ସମ୍ବନ୍ଧ ଆଣି ଛିଡ଼ାହେଲେ । କହିଲେ, ତୋର ଅଭାବ ସମୟ ଲୁଚନ ! ଝିଅକୁ ବିକି କରିପକା । ଅନେକ ସମ୍ପତ୍ତି ପାଇବୁ ।

ଲୁଚନ ମେହେରର ଦୃଷ୍ଟିଶକ୍ତି ସିନା ନ ଥିଲା, ସେ ଅନ୍ଧ ଆଖିରେ ପ୍ରଚୁର ଅଶ୍ରୁ ଥିଲା । ତାର ହୃଦପୁଟା ବି' ପଥର ହୋଇ ନ ଥିଲା । ଶବାକୁ ନିଜ ଛାତିରେ ଆଉଜି ଧରି ସେ ଥନ ଥନ ହୋଇ କାନ୍ଦିଲା । କାନ୍ଦି କାନ୍ଦି କହିଲା, ତୋର କର୍ମଟା ବଡ଼ ନଉନ ଲୋ ଝିଅ ! ନ ହେଲେ ଆମଘରେ ଜନମ ହୋଇ ନ ଥାନ୍ତୁ ।

ଶବାର ମାଁ ସାଧୁନ୍ତାବଙ୍କ ପର ଘରେ ଯାଇ ମୂଲ ଲଗିବାକୁ ଆରମ୍ଭ କଲା । ମେହର ଝିଅ ହୋଇ ପର ଜମିରେ ଯାଇ ମାଟି ବୋହିଲା ।

ସେ ମାଟି ବୋହିଲାବେଳେ ତାର ଗାଁରୁ ଆସିଥିବା ଅପରିଚିତ ବାଟୋଇ ତା' ଆଡ଼କୁ ଅଙ୍ଗୁଠି ଦେଖାଇ ସାଥି ବାଟୋଇକୁ କହେ, ହେଇ ଲୁଚନ ମେହେରର ଝି ! ବନକାର ସବୁଠୁ ଶ୍ରେଷ୍ଠ ବୁଣାକାରର ଘରଣୀ । ସେ ମାଟି ବୋହୁଛି ।

ଚମ୍ପାର ମାଁ ଅଧାମୂଲ ଖଟି କାନ୍ଦ କାନ୍ଦ ଘରକୁ ଫେରଆସେ । ଗୋଡ଼ ପାଖରେ ବସି ସ୍ୱାମୀର ପାଦ ଆଉଁସୁ ଆଉଁସୁ ଆଖି ଲୁହରେ ତାର ଅଧା ପାଦ ତିନ୍ତାଇ ଦିଏ । ଲୁଚନ ମେହେରର କାନରେ କିଛି ପଡ଼ି ନଥିଲେ ବି ସେ ସବୁ ଘଟଣା ଅନୁମାନ କରି ବୁଝିନିଏ । କହେ, ଆମେ ଏ ଗାଁରେ ଆଉ ରହିବା ପସନ୍ଦ ହେବ ନାହିଁ । ଗାଁରେ ଆଉ କି ଗୁଡ଼ କି ମହୁ ଲାଗିଛି ଯେ ? ଯେଉଁଠି ଆମର ପେଟ ପୋଷା ହୋଇ ପାରିବ, ତାହାହିଁ ଆମର ତୀର୍ଥ । ଚାଲ ବାହାରି ଯିବା ।

କିନ୍ତୁ କୁଆଡ଼େ ଯିବେ ସେମାନେ ? ଲୁଗାବୁଣା ବଂଶରେ ଆଉ କେଉଁ ରୋଜଗାର ଶିଖିଛନ୍ତି ? ଯଦି ସରକାରୀ ଅଫିସଟିଏ ଥାଆନ୍ତା, ଆଉ ସେ ଅଫିସରେ କେବଳ ମେହେର ପରିବାରର ଲୋକେ ଚାକିରୀ ପାଇ ପାରୁଥାନ୍ତେ, ତେବେ ସେଇଠିକି ସେମାନେ ଚାଲି ଯାନ୍ତେ । ଲୁଚନ ମେହେରର ନାଁଟା ମାତ୍ରେ ସେ ଅଫିସରେ ଚାକିରୀ ପାଇବାକୁ ଯଥେଷ୍ଟ ହୁଅନ୍ତା ।

—*—

— ପନ୍ଦର —

ଚମ୍ପା ସେଦିନ କୁଆଡ଼େ କଣ ଶୁଣି ଆସି ଘରେ ପ୍ରସ୍ତାବ କଲା ହୀରାକୁଦ ଯିବାକୁ । ସେ ଶୁଣିଛି ହୀରାକୁଦରେ ଅନେକ କାମ । ଯିଏ ଯାଉଛି, ରୋଜଗାର କରୁଛି ସେଇଠି । ସେଠାରେ କେହି ମନ୍ଦ ନାହାନ୍ତି କି ଅଭାବ କାହାକୁ ଜଣା ପଡ଼ୁନାହିଁ । ସେଠି ବନ୍ଧା ହେଉଛି ଯେ ରାଇଜ ଯାକର ଲୋକ ଯାଇ ଜମା ହୋଇଛନ୍ତି ।

କୁଆଡ଼େ ସେ ହୀରାକୁଦଟା କିଅ ? ଚମ୍ପାର ମା ଚକିତ କଣ୍ଠରେ ପ୍ରଶ୍ନ କଲା ।

ଆମେ ଗଲେ କଣ ସେଇଠି ବଂଚିବା ? ଲୁଚନ ମେହେର ଦ୍ୱିଧାପୂର୍ଣ୍ଣ ପ୍ରଶ୍ନଟିଏ ପଚାରିଲା ।

ମୁଲକ ଯାକର ଲୋକ ଯାଇ ପୋଷି ହେଉଛନ୍ତି, ଆଉ ଆମର ପେଟ ତିନିଟା କଣ ଅପୋଷା ରହିଯିବ ? ବାଟବ'ତ ବେଶୀ ନୁହେଁ । ସମ୍ବଲପୁର ସହର ପାଖରେ । ଚାଲିଗଲେ ଦିନ ଦ'ଟାକୁ ପହଞ୍ଚିଯିବା କଥା । ରଷା ଉତ୍ସୁକ କଣ୍ଠରେ ଜବାବ ଦେଲା ।

କିନ୍ତୁ ସେଇଠି ଆମର କିଏ ଅଛି ଝିଅ ? ଗାଁ ଛୁଡ଼ି, ନିଜର ଲୋକବାକ ଛୁଡ଼ି……

ରଷା ମାଁର କଥାକୁ ସମର୍ଥନ କରି ପାରିଲା ନାହିଁ । ତା' ଜାତି ଭାଇ, ତାର ଜନମ ମାଟି ପାଇଁ ରଷାର ଅନ୍ତରରେ ଏତିକି ଟିକିଏ ଆକର୍ଷଣ ନାହିଁ । ଆପଣାର ଲୋକ ହୋଇ କଣ କରି ପାରିଲେ ! ଭୋକ ବକଲରେ ଛଟପଟ ହୋଇ ମରଣମୁଅରେ ଆଗେଇ ଚାଲିଥିବା ପରିବାରଟିକୁ ବସୁମୁ ଆଖିରେ ଚାହିଁଲେ ସିନା, ହାତ ବଢ଼ାଇ ଉଦ୍ଧାର କରି ପାରିଲେନାହିଁ । ପୁଣି ସେଇ ଲୋକଙ୍କୁ ଚାହିଁ…… ନାଁ, ନାଁ । ସବୁ ଆକର୍ଷଣକୁ ଭୁଲି ଯିବାକୁ ହେବ । ଏତିକି ଭାବିଲେ ଯଥେଷ୍ଟ ହେବ ଯେ, ତାଙ୍କର ଘରଦ୍ୱାର, ଗାଁ, ଜମିବାଡ଼ି କି ବନ୍ଧୁ-ବାନ୍ଧବ କେହି ନଥିଲେ । ଏତେବଡ଼ ଦୁନିଆରେ ସେମାନେ ସମ୍ପର୍କ ଶୂନ୍ୟ, ଅଦରକାରୀ ପରିବାରଟିଏ । ସମ୍ପର୍କ ସାବ୍ୟସ୍ତ କରିବା ସକାଶେ ସେମାନଙ୍କ ପାଖରେ କୌଣସି ସମ୍ବଳ ନାହିଁ ।

ରଷା ଦୃଢ଼ କଣ୍ଠରେ ଉତ୍ତର ଦେଲା, ହୀରାକୁଦରେ ଆମର କେହି ନାହାନ୍ତି ବୋଲି ମୁଁ କଣ ବୁଝିନି ? କିନ୍ତୁ ଯୁଆଡ଼େ ଯିବା ଆମର ହାତଗୋଡ଼ ନେଇଯିବା । ସେମାନେ ଆମର ବନ୍ଧୁ, ଆମର ଆତ୍ମୀୟ । ସମସ୍ତେ ସିନା ଏ ଦୁଃସମୟରେ ଦୂର କରିଦେଲେ କିନ୍ତୁ ଆମର ହାତଗୋଡ଼ ଚାରିଟାତ ଆମକୁ ଦୂରକରି ଦେବେନାହିଁ ।

ସେମାନେ କଣ ଆମର ଆପଣାର ନୁହନ୍ତି ? ଚାଲ, ତାଙ୍କରି ଉପରେ ବିଶ୍ୱାସ କରି ଚାଲିଯିବା ।

ଲୁଚନ ମେହେର ତନାର ଜବାବ ଶୁଣି ବିସ୍ମିତ ହେଲା । ତାର ଲକ୍ତର ଛୁଆ ମୁଣ୍ଡରେ ପୁଣି ଏତେ ବୁଦ୍ଧି ଥିଲ ? ଅନ୍ଧ ଆଖିରେ ବି' ତାର ଭବିଷ୍ୟତକୁ ସେ ସ୍ପଷ୍ଟ ଭାବରେ ଦେଖି ପାରିଲା । କହିଲା, ଝିଅଲେ ! ତୁ ମୋର ଦୁର୍ବଳା ଝିଅଟିଏ ଭାବି ଭୁଲ କରୁଥିଲି । ତୁ ଝିଅ ନୋହୁଚଲେ ତନା, ମୋର ପାରିଲା ପୁଅଟିଏ । ମୋ' ଫୁଟିଲା ଆଖିର ରୋଷଣୀ ।

ସେମାନେ ଭିତରେ ଭିତରେ ସବୁ ଯୋଗାଡ଼ କରି ତହିଁ ପରଦିନ ବନକାର ଘର ଛାଡ଼ିଲେ । ପିଠିର ବୁଜୁଲା ଆଉ ମୁଣ୍ଡର ଗଣ୍ଠିଲିକୁ ଦେଖି ସାହି ଲୋକେ ଭାବି ନେଲେ, ଲୁଚନ ମେହେର ଗାଁ ଛାଡ଼ି ଚାଲିଯାଉଛି । କିନ୍ତୁ 'କୁଆଡ଼େ ଯାଉଛ' ବୋଲି ପଚାରିବାକୁ ସେମାନଙ୍କର ସାହସ ହେଲନାହିଁ । ବଳେଇ ଦେଇ ଆସିବାକୁ ପାଦ ହି'ଠାକ ଅଟକି ଅଟକି ଗଲା ।

ନୂଆପଡ଼ାର ଅନ୍ୟାନ୍ୟ ମେହେର ଗୃହସ୍ଥମାନେ 'ବିଦେଶୀ ଘର' ସାମନା ପଡ଼ିଆରେ 'ପାଜିଣି କରୁଥାନ୍ତି' । ସେମାନେ ସୂତାର ସରୁ ସରୁ ଖିଅ ଉପରୁ ଆଖି ଉଠାଇ ଲୁଚନ ମେହେରକୁ ଦେଖିଲେ । କିନ୍ତୁ କିଛି ନକହି ଆପଣା କାମରେ ଲାଗିଗଲେ । ମାଗୁଣୀ ଘରର ଉଚ ପିଣ୍ଡାରେ ବସି 'ଯମୁନା' ସୂତା ବୁଲାଉଥାଏ । ସେ'ବି ଚନ-ଲେଖାକୁ ଦେଖି ନୀରବ ହେଲା । ପାନେଶ୍ୱରୀ ଢଗଣ ବାନ୍ଧି ବାନ୍ଧି ଏ ପରିବାରଟିକୁ ଚାହିଁଦେଇ ନ ଜାଣିଲା ପରି ମୁଣ୍ଡ ପୋତିଦେଲା । ମହିମା ପଡ଼ାର ଦେବାଧୀ, ଶ୍ରୀକୃଷ୍ଣ ମେହେର ସେଇ ବାଟରେ ଚାଲି ଯାଉଥିଲେ ବି' ଭଲମନ୍ଦ ଦି' ପଦ ପଚାରି ଗଲେ ନାହିଁ ।

ଲୁଚନ ମେହେରର ଆଖିର ଜ୍ୟୋତି ଚାଲିଯିବା ପରେ ସବୁକିଛି ଚାଲିଯାଇଛି । ତା'ପାଇଁ କାହାରିର ଅନ୍ତର ଭିତରେ ଏତିକ ଟିକିଏ ସହାନୁଭୂତି ପ୍ରକାଶ ପାଉନାହିଁ ।

କିନ୍ତୁ ଏସବୁ କିଣ ସତ ? ହୃଦୟହୀନ ହୁଏତ ଟିକିଟିକି ହୋଇ କରତି ହୋଇ ଯାଉଥିବ । ପ୍ରତିକାର ପାଇଁ ଇଚ୍ଛା ଥିଲେ ବି ଉପାୟ ନାହିଁ । ନିଜର ରୋଜଗାର ପରିବାର ପାଇଁ ନିଅଣ୍ଟ । ମିଲ୍ ଶାଢ଼ୀ ବଜାରକୁ ଆସିଲା ପରେ, ହାତବୁଣା ଶାଢ଼ୀର ଆଦର କମି ଆସୁଛି । ହାତବୁଣା ଶାଢ଼ୀର ଦାମ ପ୍ରଚୁର । ଏ ନିଅଣ୍ଟିଆ ଦୁନିଆରେ ସମସ୍ତେତ ପଇସା ଉପରେ ଟଣା ଓଟରା ହେଲେ, ଖଚ କର ବୁଣାକାର ସମ୍ପ୍ରଦାୟର ଦୁଃଖ ବୁଝୁଛି କିଏ ? ସେମାନେ ନିରୁପାୟ ହୋଇଛନ୍ତି । ତାଙ୍କ ମନର ମଣିଷ କାନ୍ଦୁଥିଲେବି ବାହାରକୁ ଦିଶୁଥିବା ମୁହଁଟି ପଥର ଆଖିରେ ଜୁଳୁ ଜୁଳୁ କରି ଚାହିଁଛି । ପଥର ଆଖିର କାଚ ଡୋଳାରେ ଜୀବନ ନାହିଁ ।

ସେଇଥିପାଇଁ ଲୁଚନ ମେହେର ନିଜ ଗାଁରେ ପଦେ ସୁଦ୍ଧା ଆହା କଥା ଶୁଣିଲା ନାହିଁ ।

ଚମ୍ପା ଲୁଚନ ମେହେରର ହାତ ଧରି ବାଟ କଢ଼ାଇ ନେଉ-ଥାଏ । ଚମ୍ପାର ମାଁ ଘରକରଣା ସାମାନତକ ବୁଜୁଳା ବାନ୍ଧି ମୁଣ୍ଡେଇ ଥାଏ । ଆଉ ଲୁଚନ ମେହେରର ପିଠି ଉପରେ ପଡ଼ିଥାଏ ମଙ୍ଗା-ଶାଳର ସାମାନ ।

ସେ ଦୃଶ୍ୟ ଏକ ହୃଦୟ ବିଦାରକ ଦୃଶ୍ୟ । ମଣିଷ ଆଖିରୁ ଲୁହ ନ ବୋହିଲେ'ବି ମହାନଦୀର ସାନ ଧାରଟା 'ଅଲ୍ପ'ବ୍ୟସ୍ତ ହେଲା । 'ହାଣ୍ଡିପଥର' ଓ 'ଗୁଜା ପଥର' ଦୁହେଁ ମୁଣ୍ଡ ଉଠାଇ

ଲୁଚନ ମେହେରର ଇତଃସ୍ତତ ପରିବାରଟାକୁ କଟେଇ କଟେଇ ଗୃହିଁଲେ । ଗାଁ ମୁଣ୍ଡ ବରଗଛର ଝଙ୍କାଳିଆ ଶାଖା ପ୍ରଶାଖା ଦେହରୁ ହଠାତ୍ ଧଳେ ବଗ ଉଡ଼ିଆସି ସେମାନଙ୍କର ଅନୁଗମନ କରିବାକୁ ଲାଗିଲେ । ପରିଚିତ 'ପଥର ଘାଟରୁ' କରୁଣ ଝଙ୍କାରଟିଏ ଝରି ଆସିଲା । ସେହି ଝଙ୍କାର ଭିତରେ ବିନକା ମାଟିର ଦୀର୍ଘ ନିଃଶ୍ୱାସ ମିଶିଥିଲା । ସହର, ରାସ୍ତା, ଘାଟ ସମସ୍ତେ ଚପା ଚପା, ଅସ୍ପଷ୍ଟ କଣ୍ଠରେ କହିହେଲେ, "ଲୁଚନ ମେହେର ଗୃଲିଗଲା" ।

—:*:—

—ସୋହଲ—

ସ୍ୱରକୁଦର ନିଷିଦ୍ଧ ଅଞ୍ଚଳ ସୀମାରେ ପାଦ ଦେଇ ସେମାନେ ଆଶ୍ଚର୍ଯ୍ୟ ଆଖିରେ ପରସ୍ପରକୁ ଗୃହିଁଲେ । ଏକ ଦେଶ କେଜାଣି ? କେତେ ଆଲୋକ, କେତେ ଶୃଙ୍ଖଳା ! ପୁଣି କେତେ ଜୀବନ, କେତେ କୋଳାହଳ ! ଯାନବାହାନର ଅସମ୍ଭବ ଗମନାଗମନରେ ପାଦ ତଳର ମାଟି ଦୁଲୁକି ଉଠୁଛି । ଟ୍ରକ, ଟ୍ରାକ୍ଟରର ଦାନବ ଶବ୍ଦରେ କାନ ଅତଡ଼ା ଖାଇ ଯାଉଛି ।

ଲୁଚନ ମେହେର ଜୀବନରେ ଏତେ କୋଳାହଳ ଏକାଠି ହେବାର କେବେ ଦେଖିନାହିଁ । ଆଖି ଦୁଇଟା ଅଚଳ ହୋଇ ଯାଇଥିଲେ'ବି ଶ୍ରବଣ ଶକ୍ତି ତାର ପ୍ରବଳ ଥିଲା । ଯାନବାହାନର ଦୁର୍ଘଟଣାରୁ ଝିଅ ଓ ସ୍ତ୍ରୀକୁ ସତର୍କ କରାଇଦେବା ଉଦ୍ଦେଶ୍ୟରେ କହିଲା, ରାସ୍ତା କଡ଼କୁ ଓହ୍ଲାଇ ଗୃଲ ! ନ ହେଲେ ....

ବିନକାର, 'ଲଦୁ ମେହେର' ଆସି ସ୍ୱରକୁଦରେ ବସ୍‌କୁଟି କରୁଛି । ସେ ଲୁଚନ ମେହେରକୁ ଚିହ୍ନି ପାରି ପାଖକୁ ଆସି 'ଜୁହାର' ହେଉ ହେଉ କହିଲା, ବାବା ! ତୁମେ'ବି ଗୃଲିଆସିଲ ?

କାନ ପାଖରେ ପରିଚିତ କଣ୍ଠ ଶୁଣି ଚମ୍ପା ଉଦ୍ଦେଶ୍ୟରେ ଲୁଚନ ମେହେର କହିଲା, ସେ କିଏ କି ଝିଅ ? ଲଦୁ ମେହେରର ପାଟି ଶୁଭୁଛି ଯେ ।

ଲଦୁ ମେହେର ଲୁଚନ ପାଖକୁ ଘୁଞ୍ଚିଆସି କହିଲା, ତୁମର କଣ ହେଲା ବାବା ? ଚିହ୍ନି ପାରୁନା·····ମୁଁ ପରା ଲଦୁ ମେହେର !

ଲୁଚନ ମେହେର ଲଦୁକୁ ଛାତି ପାଖକୁ ଭିଡ଼ି ଆଣୁ ଆଣୁ କହିଲା, ମୋର ଆଖି ଫୁଟି ଯାଇଛିରେ ଲଦୁ । ଲୁଗା ବୁଣି ବୁଣି ଶେଷକୁ ଆଖି ଦୁ'ଟାକୁ ଅକାମୀ କରିଦେଲି । ସେ ଅନେକ କଥା, ତୁ କଣ କରୁଛୁ କହିଲୁ ?

ଲଦୁ ମେହେର ଆଖିର ଲୁହ ପୋଛି ଉତ୍ତର ଦେଲା, ସରକୁଦରେ ବସ୍ଥୁଟି ବଳୁଛି ବବା ! ମଙ୍ଗାଶାଳ ଆଉ ପୋଷାଇଲା ନାହିଁ । ନ ହେଲେ ନିଜ ରୋଜଗାରକୁ କିଏ ଛାଡ଼ି ଦେଇଥାନ୍ତା ? ଆଚ୍ଛା ବବା ! ତମେ ସବୁ ରହିବ କେଉଁଠି ?

'ଗଛ ତଳେ' । ଲୁଚନ ମେହେର ହତାଶ ଭରା କଣ୍ଠରେ ଜବାବ ଦେଲା । ରାତି ପାହିଲେ ବାପା, ଝିଅ ଆଉ ମାଁ ମିଶି ରୋଜଗାର ଖୋଜିବୁ ।

ଲଦୁ ମେହେର ଘଟଣାଟାକୁ ନିମିଷକ ଭିତରେ ବୁଝିପାରି ଉତ୍ତର ଦେଲା, ଗଛତଳେ କାହିଁକି ବବା ! ମୋ' ଝୁପୁଡ଼ି ଘରକୁ ଚାଲ ! ସେଇଠି ସଙ୍ଗହୋଇ ରହିବା ।

ଲଦୁ ମେହେରର ଉତ୍ତରରେ ସେମାନେ କୃତକୃତ୍ୟ ହେଲେ । ଦେବତାର ଶୁଭଦୂତ ପରି ସେ ସଜ ମୁହୂର୍ତ୍ତରେ ଦେଖା-ଦେଇ ଅନାଥ ପରିବାରର ରହିବା କଥା ବୁଝିଦେଲା । ରାତି ଘଡ଼ିକ କଟିଲେ ପାଇସିନା ଯୋଉକଥା !

ସେମାନେ ଆଗପଛ ହୋଇ ଦୁର୍ଗାମଣ୍ଡପ ତଳର ଝୁପୁଡ଼ି ବସତି ଆଡ଼କୁ ମୁହାଁଇଲେ ।

ବିଜୁଳି ଆଲୋକର ମହାପ୍ଲାବନରେ ହୀରାକୁଦ କଲୋନୀ ଉଦ୍ଭୁଟ୍ଟ ବୁ ହେଉଥାଏ । ଆଲୋକର ଲହଡ଼ୀ ଭାଙ୍ଗି ଭାଙ୍ଗି କଲୋନୀର ସୁଖୀ ଅଧିବାସୀମାନେ ମନ ଆନନ୍ଦରେ ହସୁଥାନ୍ତି । ଚଳନ୍ତା ଟ୍ରକ୍ ଉପରୁ ଶ୍ରମିକ ସ୍ତ୍ରୀ ପୁରୁଷମାନଙ୍କର ମନଛୁଆଁ ଗୀତ ଶୁଭୁଥାଏ ।

କି ଆନନ୍ଦରେ ଅଛନ୍ତି ଏମାନେ ? ଜୀବନର ଅଭାବ ଅସୁବିଧା କଥା ସତରେ କଣ ଭୁଲି ଯାଇଛନ୍ତି ! ସେମାନେ ହୀରାକୁଦ ବନ୍ଧକୁ ପରିଶ୍ରମ ଛଳରେ ଆନନ୍ଦ ଦାନ କରୁଛନ୍ତି । ସେମାନଙ୍କ ଆନନ୍ଦ, ଉଲ୍ଲାସର ନୀଡ଼ ପଡ଼ୁଛି ମହାନଦୀର ଉଚ୍ଛୁଳା ଛାତି ଉପରେ । ହୀରାକୁଦ ବନ୍ଧ ବନ୍ଧା ସରିଗଲେ ସେ ହେବ ଆଜିକାର ଶ୍ରମିକ, କର୍ମଚାରୀ ଓ ଅଫିସର ବର୍ଗଙ୍କର ସୁଖ ଓ ଆନନ୍ଦର ପ୍ରତୀକ ।

ରମା ଓ ତା' ମାଆର ମନ ଭିତରେ ସବୁଜ ଆଶାର ଲତାଟିଏ କାୟା ବିସ୍ତାର କରୁଥାଏ । ସେ ଲତାରେ କ୍ଷଣକେ ଫୁଲ, କ୍ଷଣକେ ଫଳ ଧରୁଥାଏ ।

ରମାର ବାଁ ଆଖି ପତାଟା ହଠାତ୍ ଫକ୍ ଫକ୍ କରି ଦି' ଥର ନାଚି ଉଠିଲା । ସେ କଣ ତାର ଆଗତ ଜୀବନର ସୁଖ ଓ ସୌଭାଗ୍ୟର ଶୁଭ ସଙ୍କେତ ? ଏଇ ହୀରାକୁଦ ମାଟିରେ ଯଦି ମହାଦେବ ସଙ୍ଗରେ ଦେଖା ହୁଅନ୍ତା ।

ଲୁଚନ ମେହେରର କଳ୍ପନା— ଆଖିରେ ଚର ଲାଗିଥିଲା । ସେ ଏଣ୍ଟ ସହରର ପ୍ରାଚୁର୍ଯ୍ୟକୁ ମର୍ମେ ମର୍ମେ ଅନୁଭବ କରୁଥିଲା । ଆଃ, ହୀରାକୁଦରେ ପହୁଞ୍ଚିଲା ପର୍ଯ୍ୟନ୍ତ ଯାଏ ତାର ଆଖିର ଜୋ… ଅବଷତ ଭାବରେ ଥାଆନ୍ତା…………

—॰*॰—

— — ସତର —

ଚମ୍ପା ତା' ମାଁ ସାଙ୍ଗରେ ସାଙ୍ଗହୋଇ ମାଟି ବୋହୁଥିଲା । ଗୋଡ଼ ତାର ସମାନରେ ପଡ଼ୁନଥାଏ । ବାଙ୍କିଣ ଓ ଢଳୁଡ଼ରେ ତିଆରି ହୋଇଥିବା ରାସ୍ତାରେ ଚାଲିଲା ବେଳେ ମନେ ହେଉଥାଏ, ମୁଣ୍ଡର ମାଟି ବୋଝଟା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ପାରିବ ନାହିଁ ।

ଲୁଚନ ମେହେରର ଝିଅ ଓ ସ୍ତ୍ରୀ ମାଟି ବୋହିଲେ ଶେଷରୁ । ଜୀବନ ସକାଳରେ ସେମାନେ ହୀରାକୁଦ ବନ୍ଧରେ ମଜୁରି କରୁଥିଲେ । ଏ ଜୀବନର ମାୟାଟା କି ମାରାତ୍ମକ !

ମାଡ୍ରାସୀ ମଜୁରିଆଙ୍କ ସଙ୍ଗରେ ତାଳ ମିଶାଇ ଚାଲିଛନ୍ତି ପଶ୍ଚିମା କୁଲି । ବଙ୍ଗଳା ଓ ଓଡ଼ିଶାର ଝିଅ ବୋହୂମାନେ ଗ୍ରାସ୍କାମ ପାରି ପାରୁ ନାହାନ୍ତି । ଏ ଜାତିର ଝିଅ ବୋହୂ ବାହାରକୁ ବାହାରି ମରଦପୁଅ ସଙ୍ଗେ ପାଦ ମିଳାଇ ଚାଲି ଜାଣି ନାହାଁନ୍ତି । ରନ୍ଧାଘର ଚୁଲି ପାଖରେ ତାର ସବୁ ଟାଣ । ଖରା ବାଜିଲେ ସେ ଟାଣ ଝାଉଁଳି ଯାଏ । ଏତେବଡ଼ ବନ୍ଧକୁ ଦେଖି ତଟସ୍ଥ ହେଉଛି । ମାଟି, ପଥର ମୁଣ୍ଡାଇ ଚାଲିଲା ବେଳେ ଦେହରୁ ଗମ୍ ଗମ୍ ହୋଇ ଝାଳ ବୋହୁଛି ।

ଚମ୍ପାର ସୁନ୍ଦର ମୁହଁଟା ଝାଉଁଳି ପଡ଼ୁଛି । ଗାଲ ଦି'ଟା ମନ୍ଦାରଫୁଲ ପରି ଲାଲ ଟହ ଟହ ଦେଖା ଯାଉଛି । ଆଖି ପତାରେ ଅଜସ୍ର କ୍ଳାନ୍ତି । ଝାଳରେ କସ୍ତା ଲୁମ୍ବଶାଢ଼ୀ ଖଣ୍ଡିକ ଗୋଟାପଣେ ଓଦା ହୋଇ ଗଲାଣି । ତଥାପି ଥକେଇ ଥକେଇ ମାଟି ବୋହୁଛି । ଦିନର ଦୁଇ ବାଜିଲେ ଯାଇ ଛୁଟି । ଏଇନେ ବେଳ ତାକୁ ଉପରେ । ବାରଟା ବାଜିବକ କଣ ! ସୁଦୀର୍ଘ ଦୁଇଘଣ୍ଟା ଆହୁରି ବାକି ! ଚମ୍ପାର ମାଆ ଚମ୍ପା ପାଖକୁ ଲାଗି ଚାଲୁଛି । ଝିଅକୁ ସେ ରାତି ଅଧରୁ ଗୁର୍ଖା ସିପାହୀ ପରି ଜଗିଛି ।

ଚନ୍ଦା ଘନ ଘନ ନିଃଶ୍ୱାସ ନେଲା । ତାପରେ ଚଉଦଗକୁ ଆଖି ବୁଲାଇ ଚାହିଁଲା, ସମସ୍ତେ କାର୍ଯ୍ୟବ୍ୟସ୍ତ । ମେସିନ୍ ପଛକୁ ଧାଡ଼ି ଧାଡ଼ି ହୋଇ ଲମ୍ବି ଯାଇଛନ୍ତି ମଣିଷ । ମଜୁରିଆ ଭିତରେ ମେଟ୍‌ମାନେ ତାଙ୍କର ସତର୍କ ଦୃଷ୍ଟି ପକାଇ ସବୁ କଥାକୁ ନିୟନ୍ତ୍ରିତ କରୁଛନ୍ତି । ଏ ବିରାଟ ବନ୍ଧ, ମଣିଷ ଓ ମେସିନ୍ ସାହାଯ୍ୟରେ ଗଢ଼ା ହେବ । ମଜୁରିଆଙ୍କ ଦେହର ରକ୍ତ ସବୁ ଝାଳ ରୂପରେ ବୋହିଯାଇ ମାଟି-ଉପରେ ପଡ଼ିବା ପୂର୍ବରୁ ଖରଫୁଟା ତାତିରେ ଶୁଖିଯିବ । କେତେ ରକ୍ତ, କେତେ ଲୁହରେ ହୀରାକୁଦ ଦେଉଳର ମୁଣ୍ଡି ମରିବ । ବନ୍ଧର ପ୍ରତି ପଥର, ପ୍ରତ୍ୟେକଟି ମାଟି ଚକଡ଼ାରେ ଏ ଦେଶର ଅଗଣନ ନରନାରୀଙ୍କ ଦୀର୍ଘ ନିଃଶ୍ୱାସ ମିଶିଥିବ ।

ସିମେଣ୍ଟତଳା ମଜଭୁତିଆ ବନ୍ଧ ଉପରୁ ବିପଦ ଘଣ୍ଟି ବାଜୁଛି । ଲୋକେ କୁହାକୁହି ହେଉଛନ୍ତି, ଲମ୍ବା ସିଡ଼ିଟିଏ ମଝିରୁ ଭାଙ୍ଗି ଦୁଇ-ଖଣ୍ଡ ହୋଇଗଲା । ଶହ, ଶହ ଲୋକେ ପଲକ ଭିତରେ ମରିଗଲେ ।

ବନ୍ଧକାମ ମିନିଟକ ପାଇଁ ବନ୍ଦହେଲା । ଝଟିଖିଆ ଶ୍ରମିକଠାରୁ ଆରମ୍ଭକରି ଉଚ୍ଚଶିକ୍ଷା ପ୍ରାପ୍ତ ଇଂଜିନିୟର ପର୍ଯ୍ୟନ୍ତ ବ୍ୟଥାଭରା, ଛଳଛଳ ଆଖିରେ ଚାହିଁଲେ ସେହି ଉପଦ୍ରୁତ ଅଞ୍ଚଳକୁ । ଶ୍ରମିକ କୁଳର ହାହାକାର ଡ଼ାକରେ ଗଗନ ପବନ ଏକାକାର ହୋଇ ଯାଉଛି । କାହାର ଗୋଡ଼ ନାହିଁତ କାହାର ହାତ କଟି ଯାଇଛି । ମୁଣ୍ଡଫଟା, ଅଣ୍ଟାଭଙ୍ଗା ରକ୍ତରେ ମହାନଦୀର ଧାର ଲାଲ ପଡ଼ିଯାଉଛି । ଯିଏ ଜୀବନରେ ମରିଗଲା, ତାର ଭାଗ୍ୟ କହିବାକୁ ହେବ । ଅଧର୍ବ ଅଙ୍ଗ-ପ୍ରତ୍ୟଙ୍ଗ ନେଇ ବଞ୍ଚି ରହିବା ଅର୍ଥ ପଳେ ପଳେ ମରିବା ।

ଚନ୍ଦା କାନ୍ଦି ପକାଇଲା । ଏତେ ଲୋକଙ୍କର ଏକସଙ୍ଗେ ମରଣ ଦେଖିବା ଜୀବନରେ ଏଇ ପ୍ରଥମ । ବିନକାର ମହାମାରୀ, ବସନ୍ତ ସେ

ଦେଖିଛୁ । କିନ୍ତୁ ଏତେ ଲୋକ କଣ ଏକାଠି କେବେ ମରିଥିଲେ ? ବିସ୍ଥାପିତ ପରିବାରମାନେ ନିଜ ପରିବାରର ସୁଖ ସୁବିଧା ଦେଖିବାକୁ ଭରସା ରଖିଥିଲେ । ଭୋକିଲା ପୁଅଝିଅ ମୁହଁରେ ଆଧାର ଦେବାକୁ ସରଗ ଉଚ ନିଶୁଣୀ ଚଢିଥିଲେ । ଆଶାର ନିଶୁଣୀ ସିଏ । ସେ ଆଶା ପୂରଣ ହେଲାନାହିଁ । ନିଶୁଣୀ ଭାଙ୍ଗିଗଲା ।

ନିମିଷକ ପରେ 'ମେଟ୍ରି' ପୁଣି ସେହି ରୁକ୍ଷ ଭାଗ୍‌ଦା ଶୁଭିଲା । ଟ୍ରକ ଓ ଟ୍ରାକ୍ଟର ଡ୍ରାଇଭରଙ୍କୁ 'ସୁପରଭାଇଜର୍' ଦଳ ନିର୍ଦ୍ଦେଶ ଜାରିକରି ଦେଲେ । ଟ୍ରେକ୍ଟର୍ ଘନ ଘର୍ଘର ଆବାଜ ଭିତରେ ମୃତାହତ ବ୍ୟକ୍ତିଙ୍କର କରୁଣ କ୍ରନ୍ଦନ ଲୁଚିଗଲା । ଦଶ ଲକ୍ଷାଧିକ ଡ଼ମ୍ପର୍-ଗୁଳକ ପୁଣି ଥରେ ଗିଅର ଧରି ହୀରାକୁଦ ବନ୍ଧ ବାଡ଼ିକୁ ଚମକାଇ ଦେଲା ।

ଏଇଠି ବିଶ୍ରାମ ନାହିଁ । ମୃତ ବ୍ୟକ୍ତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାର ଅବକାଶ ନାହିଁ । ଯିଏ ମରିଗଲା, ଗଲା । ଯିଏ ବଞ୍ଚିଛନ୍ତି ସେମାନେ ଲହୁଲୁହ ଏକାଠି କରି ଖଟିବେ । ହୀରାକୁଦ ବନ୍ଧ ସରିଗଲେ, ସ୍ଲୁଇସ୍ ଗେଟରୁ ଯେଉଁ ମହୁ ଦିଅର ଝରଣା ଝରିବ ତାକୁ ଉପଭୋଗ କରିବେ । ଅଭାବ, ଅନାଟନ ରହିବନାହିଁ । ମାଟି ପଥର ବହିବାକୁ ପଡ଼ିବ ନାହିଁ ।

ଚଷା କପାଳ ଉପରୁ ଝାଳ ପୋଛୁ ଅଳ୍ପ ଅଟକିଗଲା ।

ତା' ମୁଣ୍ଡ ଉପରକୁ ମାଟିବୋଝ ଉଠାଇ ଦେଉଥିବା ଅପରିଚିତ ଆଦିବାସୀ ଯୁବକଟି କ୍ଲାନ୍ତ ଚଷାର ହାବଭଙ୍ଗୀ ଦେଖି ମୁରୁକିହସା ମାରିଲା । କେତେ ସ୍ୱାସ୍ଥ୍ୟ, କେତେ ଯୌବନ ଅଥଚ ମାଟି ଡ଼ାଲାଟିଏ ବୋହି ପାରୁନାହିଁ । ଖୁବ୍ ଅଲଅଲରେ ବଢ଼ିଥିଲା

ବୋଧହୁଏ । କଠିଣ କାମକୁ ଧନ୍ଦା ହେଉଛି । କହିଲା, ଭୟ କରନୁ କାହିଁ ନୁଆ (ବାଳିକା) ! ତୋ ଡାଳରେ ଖୁବ୍ ଅଳ୍ପମାଟି ଦେଇଛି ।'

'କାହିଁକି ଦଳୁନ ? ମୋ ବେଳକୁ ତୋ' ଗୁଣ୍ଡ ଦହି କାଳୁର ହୋଇ ଯାଉଛି । ରୁଣିଝୁଣି କରି ଡାଳ ଭର୍ତ୍ତି କରୁଛୁ । ଏ ସବୁ କାହିଁକି ? ପାତର ଅନ୍ତର କରିବାକୁ ଭୁଠା କିଏ ?

କଳଗୋଳ ବୃଦ୍ଧି ପାଉଥିଲା । ପଶ୍ଚିମା ଝିଅଟି ଗୁଡ଼ବାର ପାଣିନୁହେ । କଭଟର ଭାର ଖଣ୍ଡାଧାର । ଅରଣା ମହିଷୀପରି କଳା ମିଶି ମିଶି କଳେବରର ସଙ୍ଗକୁ ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଡାଇଛି ।

ମଜୁର ଆମାନେ ଦି' ଭାଗ ହୋଇ ଯାଇ ପକ୍ଷ ସମର୍ଥନ କଲେ । ଫୁଲପେଣ୍ଟ ଓ ହାବାମା ପିନ୍ଧା ମେଟ୍ଟି ଚଟ୍କନା ଧାଇଁ ଆସିଲା । ତା' କଥା ଅଦ୍ଭୁତ, ତା' ଗୃହାଣୀଠା ବି' ଅଦ୍ଭୁତ । ନବଯୁବ ଦେଖିଲେ ଖଣ୍ଡିଆ ଖଣ୍ଡିଆ କଥାକହେ । କଥା ଭିତରେ ଇଂରା ଶବ୍ଦ ବି' ଗୁରିଠା ଅନାବଶ୍ୟକ ହେଲେ ବି' ପୂରାଇ ଦେଇଥାଏ । ଆଉ ତା' ଆଖିଠା ଶରପରି ଯୁବତୀ ଝିଅର ଗୁଣ୍ଡିକ ଘାଏଲ କରି ରୋମମୂଳେ ଗଳି ଗଳି ଯାଏ ।

ସେ ପଶ୍ଚିମା କନ୍ୟା ଓ ଚନ୍ଦାଙ୍କୁ ଦେଖି ଅଟକି ଗଲା, ତା ପଟରୁ ଆଦିବାସୀ ଯୁବକଟିକୁ ଫିସ୍ ଫିସ୍ କରି ଚନ୍ଦା ଉଦ୍ଦେଶ୍ୟରେ ପଚାରିଲା, ନୂଆ ଆମଦାନୀ କଟରେ ?

ଆଦିବାସୀ ଯୁବକ ସମ୍ମତିର ସୂଚନା ଦେଲା ।

ପ୍ରେମ ବ୍ୟାପାରରେ ଯୁବକଟି ତା' ମେଟ୍କୁ ପ୍ରତି କଥାରେ ସମର୍ଥନ କରି ଆସିଛି । ଏଇଥିପାଇଁ ଉତ୍ତମ ବକ୍‌ସିସ୍ ପାଏ । ତେଣୁ ଇଙ୍ଗିତ ପାଇବା ମାତ୍ରକେ ଜାତି ଝିଅଙ୍କ ସଙ୍ଗରେ ମେଟ୍ର ପରିଚୟ କରାଇ ଦିଏ ।

ବଡ଼ୁଗ୍ର ଆଦିବାସୀ ଯୁବକ ! ସାମାନ୍ୟ ଅର୍ଥପାଇ ସେ ନିଜ ଜାତିର ଝିଅ ଭଉଣୀଙ୍କୁ ଅପଥ ଦେଖାଇବାକୁ ଲଜ୍ଜାବୋଧ କରେନା । ଆଦିବାସୀ ଜାତିଟା ବ' ବଚିତ୍ର ! ମନ ମାନିଥିଲେ ସର୍ବସ୍ୱ ଦାନକରି ଦେବତାର ପୂଜା କରୁଥିବେ । ମନ ନ ମାନିଲେ ହାତରେ କୁରାଢ଼ୀ ଧରି କଥାବାର୍ତ୍ତା କରିବେ । ଜେଲ, ଜୋରିମାନା କାହାକୁ ଭୟନାହିଁ । ସୀରକୁଦ ବନ୍ଧ କାମରେ ଇଂଜିନୟର ଅପେକ୍ଷା ଏହି ସର୍ବନିମ୍ନ ଠିକାଦାରରେ ମୂତୟନ ହୋଇଥିବା ମେଟ୍‌କୁହିଁ ଅଧିକ ଖାତିର କରନ୍ତି । ବସାରେ ଅକସ୍ମାତ ପହଞ୍ଚିଗଲେ ପାଖରେ ବସାଇ ଗୁଣ୍ଡି-ପକା ଲିଆ ସଙ୍ଗକୁ ତାଜା ହାଣ୍ଡିଆ ବାଢ଼ି ଦିଅନ୍ତି । ତା ପରେ ଯୁବକ ଯୁବତୀ ମେଳରେ ନାଚିବାକୁ ଛାଡ଼ି ଦିଅନ୍ତି ।

ଯୁବତୀ କନ୍ୟା, ମେଟ୍ ଆଖିର ଭାଷା ପଢି ତତ୍‌କ୍ଷଣାତ୍ ବୁଝି-ପାରେ । ହସି, ହସି ବେଦମ୍ ହୋଇଯାଏ । ସାଥି ଝିଅର କାନ ପାଖରେ କହେ, 'ଦେଖିଲୁ' ଏ ଯୁବକଟି ମୋ ଦେହକୁ ଲୋଭଉଛି ।' ତା ପରେ ସେମାନେ ଅବୋଧ ଭାଷାରେ ଗୀତ ଗାଆନ୍ତି । ବୁଝି ହେଉ ନଥିଲେ'ବ କାନକୁ ମଧୁର, ମଧୁର ଲାଗେ । ପ୍ରେମ ଗୀତ କିନା !

ମେଟ୍ ସୁବିଧା ଦେଖି ସେମାନଙ୍କ ହାତ ଧରେ ।

ଆଦିବାସୀ ଝିଅ ଅଣଆୟତ୍ତରେ ପଡ଼ିଯାଏ । ମନାକରି କହେ 'କଣ ପାଇବୁରେ ଏ ଦେହରୁ ? ଦୂରେଇ ଯା ।'

ମେଟ୍ ଲଟେଇଯାଇ କହେ, ତୁ ତ ମୋର ସବୁଲୋ । କେତେ ସୁନ୍ଦର, କେତେ ଚମତ୍କାର ।

ତୁ ଦେଖୁନୁ ମେଟ୍, ଏ ଦେହରୁ କେତେ ଝାଳ ବୁହେ ? ମାଟି ବୋହି ବୋହି ବୋହି ମୁଣ୍ଡଟାରେ କେତେ ମାଟି ଜମିଛି; ଛାଡ଼ଦେ ।

ମେଟ୍ ତାଜା ଟଙ୍କା ଦେଖାଏ । ହୀରାକୁଦ ଗୁଜରୀ ଟଙ୍କା । ଖୁବ୍ ଶସ୍ତା, ଖୁବ୍ ହାଲୁକା । ବେଲୁନ୍ ପରି ପବନ ବାଜିଲେ ଉଡ଼ି ଉଡି ଯିବ । ସେ ତାକୁ ଟିନ୍ ଟିନ୍ କରି ବଜାଏ ।

ଆଦିବାସୀ ଝିଅର ଟଙ୍କା ପ୍ରତି ଭୀଷଣ ଲୋଭ । ଗୋଟିଏ ଟଙ୍କାରେ ହୀରାକୁଦ ବଜାର ଭିତରୁ ଶଦେହଟା ପ୍ଲାଷ୍ଟିକ୍ ଫୁଲ ମିଳିବ । ତହିଁରେ ଆଉ ଟଙ୍କାଏ ମିଶାଇଲେ ଦେହକୁ ଖଣ୍ଡେ ଜାମା କି ସାୟା କିଣି ହେବ । ନ ହେଲେ କାଚେ ବାସନା ତେଲ । କାଚ ଉପରେ ସଜ୍ଜିତା ତରୁଣୀଟିଏ କଣେଇ କଣେଇ ହସୁଥିବ । ସେ ତେଲ ମାଖି ସେ'ବି ସେମିତି ହସିବ । ରବିବାର ବଜାର ଭିତରକୁ ପଶିଗଲେ ସମସ୍ତେ କାବା ହୋଇଯିବେ । ମେଣ୍ଢା ପଲ ପରି ପଛରେ ପଛରେ ଗୋଡ଼ାଇବେ ।

ଆଦିବାସୀ ଝିଅର ଦେହ ଉପରେ, ଟଙ୍କାର ଲୋଭ ଦେଖାଇ, ଢଗୁର ମେଟ୍ ଲୋଟିଯାଏ । ମଳି ଓ ଝାଳ ମିଶା ଭୁରୁସା ଭୁରୁସା ଦେହ ଗନ୍ଧ, କାନ୍ତାର ମହକ ଠାରୁ'ବି ଅଧିକ ସୁନ୍ଦର ମନେ ହୁଏ । ଯୁବକ ଭାବେ, ସରଗ ପାଇଛି ।

ଏହାହିଁ ସେ ମେଟ୍‌ର ପରିଚୟ । ଏଇଆ ପାଇବ ବୋଲି କଲେଜ ପାଠ ଛାଡ଼ିଦେଇ ମେଟ୍ ହୋଇଛି । କଲେଜ ଛାତ୍ର ବୋଲି ଭାବି ବାପା ମାଁ ଯେଉଁ ଟଙ୍କା ପଠାନ୍ତି, ମାସ ଶେଷକୁ ଥରେ ଦି'ଥର ସମ୍ବଲପୁର ଧାଇଁ ସେତକ ପୋଷ୍ଟମେନ୍ ଠାରୁ ଦସ୍ତଖତ କରି ନେଇ ଆସେ । ତା'ପରେ ହୀରାକୁଦରେ ପଡିଥାଏ ।

ଏଇ ପଶ୍ଚିମା ଝିଅଟି ତାକୁ ସେ ଦିନ ବାଟ ଅଧରେ ପ୍ରତ୍ୟାଖ୍ୟାନ କରି ଫେରାଇ ଦେଇଥିଲା । ମେଟ୍, ପଶ୍ଚିମା ଝିଅଟିକୁ

କଟମଟ କରି ଗୁହିଁଲା । ତା'ପରେ ତାରି ରାୟ ଦେଲା । ସେ ରାୟ ଚମ୍ପା ପ୍ରତି ଅନୁକୂଳ ।

ପୂର୍ଣ୍ଣିମା ଝିଅଟି ଦୁଃଖରେ, ଲଜ୍ଜାରେ କାନ୍ଧ ପକାଇଲା ।

ପୁଣି କାମ ଗ୍ଲଲା ।

ମୃତ୍ୟୁ, ପ୍ରେମ ଓ ପରିଶ୍ରମ ସବୁତକ ସାମୟିକ । ହୀରାକୁଦ ଭୂଇଁରେ ଏକମାତ୍ର ସତ୍ୟ ହୀରାକୁଦ ବନ୍ଧ ! ସେଇଥିପାଇଁ ଏତେ ଆୟୋଜନ, ଏତେ ଖର୍ଚ୍ଚ ।

ଚମ୍ପା ମାଟି ବୋହୁ ବୋହୁ 'ମେଠ୍‌ର' ମୀମାଂସାକୁ ମନେ ମନେ ଗୁଣି ହେଉଥିଲା । ହୁଏତ ମେଠ୍‌ର ରାୟ ତାରି ପ୍ରତି ଅନୁକୂଳ ହୋଇଛି । କିନ୍ତୁ ତା କଣ ଠିକ୍ ଥିଲା ? ଅଠିକ୍ କଥାଟା ଠିକ୍ ହେଲା କେମିତି ?

ଚମ୍ପା ମାଁ ପରମ ଉଲ୍ଲାସରେ ମାଟି ବୋହୁଛି । ଅନେକ ଦିନ ପରେ ନିଜକୁ ସହାୟକ ହେଲା ପରି ପ୍ରଥମ ବିଜୟ ଦେଖିଲା ।

ମେଠ୍ ଚମ୍ପାକୁ ଦେଖି ମୁରୁକି ମୁରୁକି ହସୁଛି । ଏ ହସରେ ତାରି ରଂଗୀନ ଇଚ୍ଛାର ନିଶା ଲାଗିଛି । ସେ ହସ ଖଣ୍ଡିକ ତା' ମନର କାମନାଭରା ମଦରଙ୍ଗରେ ଲାଲ ଜରଜର ଦେଖା ଯାଉଛି ।

ଚମ୍ପା ପ୍ରଥମ କରି ଏକ ଅଜଣା ଆଘାତରେ ଶିହରି ଉଠୁଥିଲା । ଏମିତି ଭାବରେ ନିଜ ପରିଶ୍ରମ ସଙ୍ଗରେ ନିଜକୁ କଣ ସେ ବିକ୍ରି କରି ପାରିବ ? ତା' ଅପେକ୍ଷା ଭୋକରେ ପଡ଼ି ପଚି ନିଶ୍ଚିହ୍ନ ହୋଇଯିବା ଭଲ । କାହିଁକି ସେ ହୀରାକୁଦ ଭୂଇଁ ମାଡ଼ୁଥିଲା ?

ଉଦୁଉଦିଆ ଖରାବେଳଟାରେ ଦିନକର ମଜୁରି କାମ ଶେଷ କରି ସେ ମାଆ ସଙ୍ଗରେ ଲଦୁ ମେଳେଇର ଝୁମ୍ପୁଡ଼ିକି ଫେରି ଆସୁଥିଲା ।

ଏ ଖରାବେଳଟାରେ'ବି ହୀରାକୁଦର କେହି ବିଶ୍ରାମ କରୁ ନାହାନ୍ତି । ପରିବା ଦୋକାନ ଠାରୁ ଆରମ୍ଭ କରି ମନୋହରୀ, ଲୁଗା, ହୋଟେଲ, ଡାଲି ଚାଉଳ ଦୋକାନ ଯାଏ ସବୁ ଖୋଲା । ପଞ୍ଜାବୀ ଝିଅମାନେ ପେଣ୍ଟ ସେଲ୍‌ଓ୍ୱାର ପିନ୍ଧି ସଉଦା କରି ବାହାରିଛନ୍ତି । ମେଡ୍ରାସୀ ତରୁଣୀ ଲମ୍ବା ବେଣୀରେ ଅପର୍ଯ୍ୟାପ୍ତ ଫୁଲ ଓ ଆଖି ଧାରରେ ଘନକୃଷ୍ଣ ଗଭୀର କଜଳ ରେଖା ବୋଳି ବାଟ ଚାଲୁଛି । ପଥ ପାର୍ଶ୍ୱରେ କାମାନ୍ଧ ଯୁବଗଣ ଝିଅମାନେ ମରଦର ଭିତରେ ଆଖି ଠାରଠାରି ହେଉଛନ୍ତି । ସେମାନଙ୍କ ଖିଲଖିଲିଆ ହସ ପଥଚାରୀ ଯୁବକର ମନ ଭିତରେ ମାୟା ପୂରାଉଛି ।

ରାସ୍ତା ଧାରରେ ଢ଼'ଟା ଭିକାରି ଲୋକ ଉପାସରେ ପଡ଼ି ରହିଛନ୍ତି । ସାମନାକୁ ଶତଛିନ୍ନ ପରିଧାନର ଅର୍ଦ୍ଧାଂଶ ସେମିତି ଖୋଲା ହୋଇ ରହିଛି । ତହିଁରେ ଖାଇବା ଜିନିଷ ଦୂରର କଥା, ପଇସାଟିଏ କି ଚାଉଳ କଣାଟିଏ'ବି ପଡ଼ିନାହିଁ । ତଥାପି ତାଙ୍କ ଆଖିରେ ତୃଷ୍ଣାର ଅନ୍ତ ନାହିଁ । ସେମାନେ ସେହି ସହାନୁଭୂତିଶୀଳ, ଦୟାର୍ଦ୍ର ପଥିକର ଅପେକ୍ଷାରେ ବସିଛନ୍ତି । ଯିଏ ଚାଲି ଯାଉ, ଯାଉ ସେମାନଙ୍କ ଉଦ୍ଦେଶ୍ୟରେ ଅଟକି ଯିବ । ପାଖକୁ ଆସି ପଚାରିବ, କାଲିଠୁ କିଛି ଖାଇନା ? ନିଅ, ପେଟ ପୂରାଇ ଖାଇଯାଅ ।

କିନ୍ତୁ ସେ'ଦୟାଶୀଳ ମଣିଷ କାହିଁ ?

ହୀରାକୁଦ ମଣିଷ ଦେହ ସର୍ବସ୍ୱ ଲୁହା ପାଲଟି ଯାଇଛି । ମନକଥା ବୁଝୁଛି . କିଏ ?

ହୀରାକୁଦ ରାସ୍ତାରେ ଚାଲୁଥିବା ସ୍ତ୍ରୀ ପୁରୁଷମାନେ ନିଜକୁ କେତେ ପ୍ରକାର ସଜାଇ ଚାଲୁଛନ୍ତି । କଣ ସେମାନେ ସୁହାନ୍ତି ? ଜୀବନ ସଙ୍ଗେ

ଏ ସାଜସଜ୍ଜାର କି ସମ୍ପର୍କ ରହିଛି ? ହୀରାକୁଦ ବନ୍ଧ ନିର୍ମାଣ ପାଇଁ ହୀରାକୁଦବାସିନ୍ଦା ନିଜ ନିଜକୁ ସଜାଇ ରଖିବା କଣ ଏକାନ୍ତ ପ୍ରୟୋଜନ ?

ଚନ୍ଦାର ମାଁ ମୁଣ୍ଡ ତଳକୁ ପୋତି ଚାଲିଯାଏ । ଲୁଚନ ମେହେର ତେଣେ ଅପେକ୍ଷା କରିଥିବ । ସକାଳ ପହରୁ କଣ ଗଣ୍ଡେ ପାଟିରେ ପକାଇଥିଲା, ସେ କଣ ଏତିକି ବେଳଯାଏ ଥିବ ?

ଚକିତା ଚନ୍ଦା ଆଶ୍ଚର୍ଯ୍ୟ ଆଖିରେ ଚାରିଆଡ଼କୁ ନଜର ପକାଏ । ଏ ପ୍ରସାଧାନ, ଏ ସାଜସଜ୍ଜା ଭିତରୁ କୌଣସିଟା ହାତ ପହୁଞ୍ଚାଇ ନାହିଁ । ଆଖି ଯେତେବେଳେ ଅଛି, ଟିକିଏ ଦେଖିନେବା କଥା । ସମର୍ଥ ଅବସ୍ଥା ହୋଇଥିଲେ ଟଙ୍କେ କି ଆଠଣା ପକାଇ ଦେଇ ଗୋଟିଏ ପ୍ଲାଷ୍ଟିକ୍ ଫୁଲ କିଣି ଆଣନ୍ତା । ସେ ଫୁଲ କେବେ ବାସି ହେବାର ନୁହେ କି ମଉଳିବାର ନୁହେ । ଖାଲି ଟିକିଏ ଗନ୍ଧ ନାହିଁ । ସେ ଗନ୍ଧରୁ କଣ ମିଳିବ ଯେ !

—ଃ✻ଃ—

—ଅଠର—

ଚନ୍ଦା ଓ ତା ମାଁ ବସାକୁ ଫେରି ଆସିଲା ବେଳେ, ବେଳ ମୁଣ୍ଡ ଉପରୁ ଖସି ଯାଇଥାଏ । ତଥାପି ରହି ରହି ଝାଞ୍ଜି ପବନ ବୋହୁ-ଥାଏ । ସୂର୍ଯ୍ୟ ଅସ୍ତ ହେଲେ ଯାଇ ଥଣ୍ଡା । ନ ହେଲେ ଦିନ ତମାମ ଟିକିର ମକର ହୋଇ ଫୁଟିବା କଥା ।

ଲୁଚନ ମେହେର ବନ୍ଧା ବୁଜୁଲା ଫିଟାଇ ଶାଢ଼ୀବୁଣା ନରି-ଗୁଡ଼ିକ ଗଣି ନେଉଥିଲା । ହଠାତ୍, ଥୁନକୁ ପୋଟ୍ଟପାଟ୍ଟି ପାଖକୁ ରଖି

ଥିଲା । ଦୁଆର ମୁହଁରେ ଚନ୍ଦା ଓ ତା ମାଁର ପାଦ ଶବ୍ଦ ଶୁଣି ସେମାନଙ୍କ ଫେରି ଆସିବା କଥାଟା ଅନୁମାନ କରନେଲା ।

ଲୁଚନ ମେହେରର ଶବ୍ଦ ଶୁଣି ଅନେକ କଥା ଅନୁମାନ କରି ନେଉଛି । ଅଥଚ ଦିନ ଥିଲା, ମଙ୍ଗାଶାଳରେ ପଶି ଶାଢ଼ୀର ଫୁଲ କି ପକ୍ଷୀ ବୁଣିଲା ବେଳେ ପାଖରେ ଛିଡ଼ା ହୋଇ ଶହେ ଡ଼ାକ ଡ଼ାକଲେ'ବି ଶୁଣୁ ନଥିଲା ।

ଏ ଦୁନିଆରେ କୌଣସି କଥା ଅସମ୍ଭବ ନୁହେଁ, କି କୌଣସି ଦୃଶ୍ୟ ଅବାସ୍ତବ ନୁହେଁ । ଏ ବିଶ୍ବର ରନ୍ଧ୍ରେ ରନ୍ଧ୍ରେ ଅନେକ ଅସମ୍ଭବ, ଅପ୍ରାକୃତିକ ଘଟଣା ଘଟିଥାଏ । ତାର ସତ୍ୟତା ପ୍ରତିପାଦନ କରିବାକୁ ବିଜ୍ଞାନର କୌଣସି ଯୁକ୍ତି ଯଥେଷ୍ଟ ନୁହେଁ ।

ବିନିକାର ସର୍ବଶ୍ରେଷ୍ଠ ବୁଣାକାର ଲୁଚନ ମେହେରର ଯେଉଁଠି ଅନ୍ଧ ହେଲା ପରେ ଅବହେଳିତ ହୋଇଯାଏ, ଅଳଅଳ କନ୍ୟା ଚନ୍ଦା ସଙ୍ଗରେ ତା ମାଁ ଯେଉଁଠି ମାଟି ବୁହା ମଜଦୁରୀ କରେ, ସେଇଠି ଅସମ୍ଭବ ବୋଲି କହୁଛି ନାହିଁ । ଏଇ ଚନ୍ଦା ପୁଣି ଦିନେ ବୁଣାକାର ଲୁଚନ ମେହେରର ପାଖରେ ବସି ଲୁଗା ବୁଣାରେ ସାମାନ୍ୟତମ ବ୍ୟତିକ୍ରମ କଲେ ଆଙ୍ଗୁଠି ଦେଖାଇ ସଂଶୋଧନ କରି ଦେଉଥିଲା । ବାହାରକୁ ବାହାରିଲେ ଲାଜ ଲାଗିବ ବୋଲି ଚନ୍ଦାର ମାଁ ଘର ଭିତରୁ ଦିନେ ପାଦ କାଢ଼ୁ ନଥିଲା ।

ଆଜି ସେଦିନ ନାହିଁ କି ସେ ଦିନର କଥା ନାହିଁ । ଲୁଚନ ମେହେରର ତାର ଲୁଗାବୁଣା କଥା କହିଲେ ପଡ଼ୋଶୀ ଝିପୁଡ଼ି ବାସିନ୍ଦା ଭାବିବେ, ସେ ଗଳ୍ପ କହୁଛି ।

ସତ କଥା ସବୁ ମିଛ ଗପ ପାଲଟିଗଲା ।

କଣ କରୁଥିଲ ? ଚନ୍ଦାର ମାଁ ଆହତ କଣ୍ଠରେ ପଚାରି ଦେଲା । ଲୁଚନ ମେହେରର ଗଳ୍ପ କଥା ବୋଧହୁଏ ମନେ ପଡ଼ୁଛି । ଗଣ୍ଠିଲି ଫିଟାଇ ଲୁଗାବୁଣା ସାମାନ ସଜାଡ଼ୁଛି ।

ଲୁଚନ ଅଳ୍ପ ହସିଲା । କହିଲା, ଗୋଟିଏ ସାଜ ବିକି ଦେବି ବୋଲି ସହରକୁ ଯାଇଥିଲି ଯେ ପାରିଲି ନାହିଁ । ଲୋକେ କହିଲେ ମହଣ ଦରରେ ବିକିଦେ । ଓଜନ କଲାରୁ ଠଙ୍କାଏ ଦାମର ଓଜନ ହେଲା, ମୁଁ ଫେରି ଆସିଲି । ଏଇଠି ମଙ୍ଗା ସାମାନର ମୂଲ୍ୟ କେହି ବୁଝି ନାହାନ୍ତି ଦେଖି ହସ ମାଡ଼ୁଛି । ଅଥଚ ଏଡ଼େବଡ଼ ହୀରାକୁଦ ବନ୍ଧ ବାନ୍ଧିବେ । ଲଙ୍କାରେ ହରି ଶଙ୍ଖ !

ସେ ସବୁ ବକୁଥିଲ କାହିଁକି ଯେ ? ଚନ୍ଦା ପଚାରିଲା ।

ତରଣି କି ଚାଲିଶି ଠଙ୍କା ହୋଇ ଯାଇଥିଲେ, ଲାଦୁ କହୁଥିଲା ଠେଲା ପାନ ଦୋକାନଟିଏ ବସିଦେବ । ତମେ ବାହେଁ ମୂଲ ଲାଗିବାକୁ ଚାଲିଗଲେ, ଝିଁପୁଡ଼ି ଭିତରଟା ଖାଇ ଗୋଡ଼ାଉଛି । ଭାବିଥିଲି ପାନ ଦୋକାନ କରି ମୁଁ ବି କିଛି ରୋଜଗାର କରିବି । ତଥାପି ସଂଜ ହେଉ ....

ସଂଜ ହେଲେ କଣ କରିବ କି ? ଚନ୍ଦା ମାଁ ପଚାରି ଦେଲା ।

ଲାଦୁ କହୁଛି, ଜଣକୁ କାହାକୁ ଡାକି ଆଣିବ । ମେହେର ପୁଅ ନ ହେଲେ'ତ ଏ ମଙ୍ଗାସାମାନର ମୂଲ୍ୟ ବୁଝି ପାରିବ ନାହିଁ । ଆଜି ସମସ୍ତେ କଂ। ଦରରେ ମୂଲ କରିବେ । ଲାଦୁକୁ ଅପେକ୍ଷା କରୁଛି । ଭାଗ୍ୟ ଭଲ ଥିଲେ ବୁଝିବା ଶୁଝିବା ମେହେର ପିଲା ଆସି ଉଚିତ ଦାମ ଦେବ ।

ଚନ୍ଦା ଓ ତା ମାଁ ଦୀର୍ଘ ନିଃଶ୍ୱାସ ପକାଇ ଘର ଭିତରେ ଖାଇବା ପିଇବାର ଯୋଗାଡ଼ କଲେ ।

କ୍ରମେ ହୀରାକୁଦକୁ ସଂଜ ଅନ୍ଧାର ମାଡ଼ି ଆସିଲା । ମାତ୍ର ବାଦୁଡ଼ି ଅଚିହ୍ନା ପକ୍ଷୀର ସ୍ୱରରେ'ବ ସେହି ଶ୍ରାନ୍ତ ସଂଜର ସଂଗୀତ ମିଶିଥିଲା । ଦାନଯାକର ହାଡ଼ଫଟା ଖଟଣୀ ପରେ ହୀରାକୁଦ ମାଟିରେ ସଂଧ୍ୟାଟା ଖାଲି କାମ୍ୟ ନୁହେଁ, ପ୍ରୟୋଜନୀୟ ।

—ଃ✻ଃ—

——ଓଶ୍ରେଇଶି——

ତାଳପତ୍ର ବେଢ଼ା କୁଡ଼ିଆ ଘର ଉପରେ'ବ ଚନ୍ଦ୍ର କିରଣ ପଡ଼ିଥାଏ । ତରଳ ରୁପା ଗୁଣ୍ଡଣିଟିଏ ଢାଳି କରି ସମୁଦାୟ ହୀରାକୁଦ ସହରକୁ ସତେ ଅବା କିଏ ଧୋଇ ଦେଇଥାଏ ।

ଚନ୍ଦା ମନ ଆନନ୍ଦରେ ଝୁପୁଡ଼ି ବାହାରକୁ ଆସି ବସିଲା ।

ଦୁର୍ଗା ମଣ୍ଡପରୁ ଘଣ୍ଟା ଆଳତି ଶବ୍ଦ, ତରଙ୍ଗାୟିତ ଜ୍ୟୋତ୍ସ୍ନା ଓ ଧୀର ଶୀତଳ ପବନ ସଙ୍ଗରେ ଭାସି ଭାସି ଆସୁଛି । ଝୁପୁଡ଼ି ସଂସାରର କଳରବ ବୃଦ୍ଧି ପାଇଛି । ଝୁପୁଡ଼ି ଘର ଅଗଣାରେ ବସି କ୍ଳାନ୍ତ ଶ୍ରମିକମାନେ ଜଗନ୍ନାଥ ମେଳା କରୁଛନ୍ତି । ରହି ରହି ଦୂର-ଦୂରାନ୍ତରରୁ ଭାଗବତର ଧ୍ୱନି ଶୁଭୁଛି ।

ପିଚୁ ଢଳା ରାଜମାର୍ଗରେ ଅନେକ ଆଲୋକ, ଅନେକ କୋଳାହଳ । ଚବାହିତ ନବଦମ୍ପତି ହାତ ଧରାଧରି ହୋଇ ବୁଲୁଛନ୍ତି । ସେମାନଙ୍କ ହସରେ ଜୀବନର ଉଷ୍ଣତା ଭରି ରହିଛି ।

ହୁଏତ ମୁହାଁରେ'ବି କଳ୍ପିତ ସ୍ୱପ୍ନର ଶୁଭ ଚିହ୍ନ ଥିବ । ହୀରାକୁଦ ବନ୍ଧ ଉପରେ ଧାଡ଼ି ଧାଡ଼ି ହୋଇ ଆଲୋକ, ଧାଡି ଧାଡ଼ି ହୋଇ ଟ୍ରକ୍, ମୋଟର, ଜହ୍ନ ରାତିରେ ହୀରାକୁଦ ବନ୍ଧ ଉପରେ ଜ୍ୟୋତ୍ସ୍ନା ବିହାର କରିବା ସମ୍ଭ୍ରାନ୍ତ ଓ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ଗୋଟିଏ ଖିଆଲି ସଉକ ହୋଇ ଯାଇଛି ।

ଏଇନେ ବାମକାର ମଦନମୋହନ ମନ୍ଦିରରେ ଆଳତି ବାଜୁଥିବ । 'ଗୋପୀଦାସ' ଆଳତି ବୁଲାଇ ବୁଲାଇ ମଦନମୋହନଙ୍କୁ ଜଣାଉଥିବ, ଏ ଜୀବନଟା କାହିଁକି ବ୍ୟର୍ଥ କଲି ଦେବତା ! ମୁଁ ତମର କି ଅପରାଧ କରିଥିଲି ? ବାଲମୁକୁନ୍ଦ ସାହୁ ଓ ବୃନ୍ଦାବନ ମେହେର ମରି ଗଲେଣି । ସେମାନେ ବଂଚିଥିଲା ପର୍ଯ୍ୟନ୍ତ ନିତି ସଂଜରେ ମନ୍ଦିର ସାମନାରେ ଛିଡ଼ା ହୋଇ ଆରତଜଣଣ ଚଉତିଶା'କୁ ଆବୃତ୍ତି କରୁଥିଲେ । ଏଇନେ ନୂଆପଡ଼ାର ବ୍ରାହ୍ମଣ ପିଲା ରଘୁ ସାମନ୍ତରା ଓ ଗୌରାଙ୍ଗ ମହାନ୍ତି ଜଣାଣ କରୁଛନ୍ତି ।

ରଘୁ ସାମନ୍ତରାର ସମ୍ପତ୍ତି କେତେ ଶୀଘ୍ର କ୍ଷୟ ହୋଇଗଲା । ଅଥଚ ବାପା ଅଜା ଅମଳରେ ତାଙ୍କର ଘରଟାହିଁ ଥିଲା ସମଗ୍ର ନୂଆପଡ଼ାର ଚମକପ୍ରଦ ଘର । ମନୁଷ୍ୟର ଏମିତି କିଛି ବ୍ୟବହାରୀ ଜିନିଷ ନାହିଁ, ଯାହା ସାଆନ୍ତରା ଦୋକାନରେ ମିଳୁ ନଥିଲା । ଅଥଚ ଏଇନେ ରଘୁ ସାମନ୍ତରା 'ସାତଗଚ୍ଛିଆ' ତଳର ଜମି ବିକିବାକୁ ଗ୍ରାହକ ଖୋଜୁଛି ।

ଧନ ଓ ଜୀବନ ଉପରେ କିଏ ନିର୍ଭର କରି ଚଳିବ ?

ଝିଂପୁଡ଼ି ଘର ଭିତରୁ କେଉଁ ଏକ ଅପରିଚିତା ବିବାହିତା ସ୍ତ୍ରୀର ହସ ଶୁଭୁଛି । ହନଯାକର ଖଟଣୀ ପରେ ହୁଏତ ତାର କ୍ଳାନ୍ତ

ସ୍ୱାମୀ ଦେବତା ଟିକିଏ ଆନନ୍ଦ, ଟିକିଏ ସ୍ପର୍ଶ ପାଇବା ସକାଶେ ପତ୍ନୀର ପ୍ରେମ ଭିକ୍ଷା କରୁଥିବ । ପତ୍ନୀର ହସଧାରକ ଅର୍ଥ ଓ ରହସ୍ୟ ପୂର୍ଣ୍ଣ ।

ଚମ୍ପାର ଦେହ ଭିତରଟା ଝଲସି ଉଠିଲା । ତାର ନବ ଯୌବନ ଭିତରେ ଆଷାଢ଼ କଦମ୍ବର ସମ୍ଭ୍ରମ କିଏ ଭରିଦେଲା । ମହାଦେବର ହାତ ଧରିଥିଲେ ସେ'ବି ଏମିତି ପ୍ରେମ ଭିକ୍ଷା ଶୁଣିଥାନ୍ତା ।

ଦୁର୍ଗା ମଣ୍ଡପର ଅସ୍ଥାୟୀ ରେଲ ଲାଇନ ଉପରେ ମାଲବାହୀ ରେଲଗାଡ଼ିଟିଏ ଚାଲିଗଲା । ତାର ଆକାଶଫଟା ସାଇରନ୍ ଶୁଣି ଚମ୍ପା ଚମକି ଉଠିଲା ।

ରେଲ୍ ଲାଇନ୍ କଡ଼ରୁ କରି ହୀରାକୁଦ ବନ୍ଧର ସେହି ଆଦିବାସୀ ଯୁବକଟି ସତର୍କରେ ଚାଲି ଚାଲି ଆସୁଛି । ଚମ୍ପା ଆଖିରେ ଆଖି ମିଶିଗଲା, ପରେ ସେ ଅଳ୍ପ ହସିଦେଲା ।

ତା' ହସଟା କମ୍ପ, ଚକମାକାର ମନେ ହେଉଛି । ପାଖକୁ ଆସି ଚୁପ୍ ଚୁପ୍ କହିଲା, ତୋ ପାଖକୁ ଆସିଥିଲି ।

କାହିଁକି ? ଚମ୍ପା ଆଶ୍ଚର୍ଯ୍ୟଭରା କଣ୍ଠରେ ପ୍ରଶ୍ନ କଲା ।

କାମ ଥିଲା ।

ରାତି ଅଧରେ କି କାମ, ଶୁଣେ ?

ତୁ କ'ଣ ବୁଝି ପାରୁନୁ ?

ନାଁ ତ !

ମେଟ୍ ବାବୁ ପଠେଇଥିଲେ ।

କେଉଁ ବାବୁ ?

ସେଇ ମେଠ୍‌ବାବୁ ମ୍ୟାଁ । ଆଜ ଖରାବେଳେ ହୀରାକୁଦ ବନ୍ଧ ଉପରେ ତୋ ପକ୍ଷ ନେଇ ପଞ୍ଜାବୀ ଝିଅ ସଙ୍ଗରେ ଝଗଡ଼ା କରୁ ନଥିଲେ ? ସେଇ ମେଠ୍ ବାବୁ ।

କେଉଁଠି ଅଛନ୍ତି ?

ଏଇ ସମଲାଇ ପାହାଡ଼ ଉପରେ । ସେଇ ଯେଉଁ ପାଣି ଟାଙ୍କଟା ଦିଶୁନାହିଁ ·········

ଏଇନେ ମୁଁ ଯାଇ ପାରିବିନି ।

ଯିବୁନି ? ମେଠ୍ ବାବୁଙ୍କର ମନ ଉଣା କରିବୁ ? ଖୁବ୍ ଭଲ ଲୋକ । ଅନେକ ଟଙ୍କା ଦେବେ ।

ଚିନା ମୁହଁ ଝିଙ୍କାସି କହିଲା, ମୋ ସଙ୍ଗରେ ଲଗାନା କହୁଛୁ । ତୋ ମେଠ୍ ବାବୁଙ୍କୁ କହ ସେ ସେଇ ପଞ୍ଜାବୀ ଝିଅ ପାଖକୁ ଚାଲି-ଯିବେ । ମୁଁ ମେହେର ଝିଅ ଜାଣିଥା ।

ବଡ଼ି ବଡ଼ି କଥା କହୁଛୁ ? ମୁଁ କଣ ମାଗଣାରେ ଡ଼ାକୁଥିଲି ? ଟଙ୍କା ନେବୁ ନଙ୍କା । ଅଳ୍ପ କାମ, ବେଶୀ ଦାମ । ତୋତେ ଆଉ ଡ଼ାଲା ଭର୍ତ୍ତି ମାଟି ପଥର ବୋହିବାକୁ ପଡ଼ିବ ନାହିଁ ।

ଚିନା ଗୁମ୍ ମାରି ଛିଡ଼ାହେଲା । ଏଇଆ ଶୁଣିବ ବୋଲି କଣ ଗାଁ ଛାଡ଼ିଥିଲା ? ଏଇଆ ଦେଖିବ ବୋଲି କଣ ବିଦେଶକୁ ଆସିଥିଲା ? ବିନକା ସହରରେ ହୋଇଥିଲେ 'କତରିଆ' ପିନ୍ଧା କହୁଣୀରେ ଏମିତି କହୁଣୀଏ ଦେଇଥାନ୍ତା ଯେ, ପିଲା କାଳ କାଳକୁ ମନେ ରଖିଥାନ୍ତା ।

ତାର ମୌନ ମୁହଁକୁ ଦେଖି ଆଦିବାସୀ ଯୁବକଟି ଉତ୍ସାହିତ ହେଲା । କହିଲା, ଆମ ବାବୁ ଅନେକ ପାଠ ପଢ଼ିଛି । ତା'ପର ମେଠ୍

ହୀରାକୁଦରେ ପାଇବା ମୁସ୍କିଲ୍ । ତଥାପି ମନଟା କେଡ଼େ ମଉଜିଆ । ସେଥିପାଇଁ ଫେନ୍ ତଳ ଗୃହକର୍ତ୍ତା ଗୁଡ଼ା 'ମେଟ୍' ହୋଇଛୁ । ଥରେ ମିଶିଲେ କାଲ କାଲକୁ ମନେ ରଖିବୁ । ଯେତିକି ଟଙ୍କା ଦେବ ଦଶଟା ଜାମା, ଦଶଟା ଶାଢ଼ୀ ହେବ । ମେହେର ଝିଅ ବୋଲି ମାନ କରୁଛୁ ? କେତେ ଝିଅ ଏ ସହରରେ ମଉଜ କରୁଛନ୍ତି ଦେଖିଛୁ ?

ମୋର ସେ ମଉଜ ଦରକାର ନାହିଁ । ଚଣା ଜବାବ ଦେଲା ।

ଚଣା ଆସିବାର ବିଳମ୍ବ ହେବା ଦେଖି ତଥାକଥିତ ପଡ଼ୁଆ ମେଟ୍ ପାଖେଇ ଆସୁଥିଲା ।

'ହେଇ, ବାବୁ ଆସିଲେଣି' ଦେଖ୍ ନୁଣୀ, ଦେଖ୍ । ରଜା ପର ଚେହେରା, କଥା କଣ ? ମେଟ୍ ପଚାରିଲା ।

'ଆସିବାକୁ ମନା କରୁଚି' । ଆଦିବାସୀ ଯୁବକ ଜବାବ ଦେଲା ।

ତୁ କହ ଜାଣି ନଥିବୁ । ନ ହେଲେ ସେ ଆସନ୍ତା ନାହିଁ କହୁ କହୁ ମେଟ୍ ବାବୁ ମାଡ଼ି ଆସୁଚି । ଚଣା ହାତକୁ ଟଙ୍କାକର ନୋଟ କେଇଟି ବଢ଼ାଇ ଦେଉ ଦେଉ ତା କାନ୍ଧରେ ହାତ ରଖିଲା

ମେଟ୍‌ର ହାତ ଉତ୍ତେଜନାରେ ଥରି ଥରି ଉଠୁଚି । ବାଉଳ ଆଙ୍ଗୁଠିରେ କଣ ଖୋଜ ହେଉଚି । ଦେହଟା ସଲସଲେଇ ଉଠୁଚି ।

ଚଣା କ୍ଷିପ୍ରା ହେଲା । ମେଟ୍ ବାବୁର ହାତ ଛୁଟି ଦେଇ କହିଲା, ଦୂରେଇ ଯା କହୁଚି । ନ ହେଲେ........

କଣ କରିବୁ ? ମେଟ୍ ଅନ୍ୟ ହାତଟି ଆଣି ଚଣାର ମୁଲାୟମ ଚିବୁକ ଉପରେ ରଖିଲା । ପ୍ରଶଂସାରେ ଫାଟି ପଡ଼ି କହିଲା, ଫୁଟ ଫୁଲଟିଏ । କେତେ ସୁନ୍ଦର, କେତେ ମୁଲାୟମ ।

ଚନ୍ଦା ରାଗରେ ଲାଲ୍ ପଡ଼ି ତାର ସମସ୍ତ ଶକ୍ତିକୁ ଏକତ୍ରିତ କରି ମେଠ୍ ଯୁବକର ଗାଲ ଉପରେ ଶକ୍ତ ଗୁଏପୁଡ଼ାଟିଏ ପକାଇଲା ।

ତା'ପରେ ସାହାଯ୍ୟ ପାଇଁ ବାପାକୁ ତାର ଖୁବ୍ ଜୋରରେ ଡ଼ାକ ଛାଡ଼ିଲା ।

ସେହି ଭୟ ମିଶା କଣ୍ଠ ଶୁଣି ଲୁଚନ ମେହେର ସ୍ତ୍ରୀ କାନ୍ଧରେ ଗୋଟିଏ ହାତ ଓ ଅନ୍ୟ ହାତରେ ପାଜମାକରା ଚକ୍‌କଣ, ଗୋଲାଇ ବାଡ଼ିଟିଏ ଧରି ଝିପୁଡ଼ିରୁ ସହସା ବାହାରି ପଡ଼ିଲା । ପାଖ ଆଖର ସ୍ତ୍ରୀ ପୁରୁଷ ଗୁହୁଁ ଗୁହୁଁ ଜମା ହୋଇଗଲେ ।

ମେଠ୍ ଓ ଆଦିବାସୀ ଯୁବକଟି ଚନ୍ଦାକୁ ସଶରୀରରେ ବୋହି ନେଇ ଯିବାକୁ ଶେଷ ଚେଷ୍ଟା କରୁଥିଲେ । ଏତେ ଲୋକଙ୍କୁ ସାମନାରେ ଦେଖି ଗୋଡ଼ ହାତ ତାଙ୍କର ଅଚଳ ହୋଇ ପଡ଼ିଲା । ସବୁ ଛାଡ଼ଛୁଡ଼ ଦେଇ ସେମାନେ ପାଖ ପାହାଡ଼କୁ ଧାଇଁ ଯିବାକୁ ବସିଲେ ।

ଆଦିବାସୀ ଯୁବକଟି ଖସିଗଲା । କିନ୍ତୁ ପାଠ ପଢ଼ୁଆ ମେଠ୍ ବାବୁଟି ଧରା ପଡ଼ିଗଲା । ସେ ଚନ୍ଦାର ଅନ୍ଧ ବାପର ଗୋଡ଼ତଳେ ପଡ଼ି ମିନତି କଲା, ଏଥରକ ଛାଡ଼ି ଦିଅ । ଆଉ କେବେ ହେଲେ ଏ ଦୁଷ୍କର୍ମ କରିବି ନାହିଁ ।

ଲୁଚନ ମେହେର ପ୍ରଚୁର ରାଗି ଯାଇଥିଲା । ସେ ଜୀବନରେ ଅତି ଅଳ୍ପ ଦିନ ରାଗିଛି । କିନ୍ତୁ ସେହି ଅଳ୍ପ ଦିନ ଭିତରେ ଅନେକ ଅନର୍ଥ କରିଛି । ସବୁ କଥା ଶୁଣିବା ପରେ ପଣ କରିଥିଲା, ମରିବ ନ ହେଲେ ମାରିବ । ସେ ଜୀବିତ ଥାଉ ଥାଉ ପୁଣି ତା ବଢ଼ିଲା ଝିଅ ଦେହରେ କିଏ ହାତ ଦେବ ?

ମେଠ୍ ଯୁବକର କ୍ଷମା ପ୍ରାର୍ଥନା ଶୁଣି ତାର ଚଢ଼ା ସ୍ୱରଟିକ ନିମ୍ନଗାମୀ ହେଲା । ସେ ସେହି ଅଥର୍ବ ଆଖି ଦିଟାକୁ ଠିଆ ଠିଆ କରି କହିଲା, 'ଏ ହାଗକୁଦ ବାବୁ ! ଶୁଣି ନେଇଥା ମୁଁ ଲୁଚନ ମେହେର । ଏ ଦେହରେ ଜୀବନ ଥିଲା ପର୍ଯ୍ୟନ୍ତ ଲୁଚନ ମେହେର ଏମିତି ଅନ୍ୟାୟ ବରଦାସ୍ତ କରି ନାହିଁ କି କରିବ ନାହିଁ ।

'ହାଗକୁଦ ବାବୁ' ଲଜ୍ଜା ଓ ସମ୍ଭ୍ରମରେ ଲୁଚନ ମେହେରକୁ ନଇଁଲା ଆଖିରେ ଚାହିଁଲା । 'ମେହେର' ଶବ୍ଦଟା ତା ମନ ଭିତରେ ସିଡ୍କାର ବୁଣିଦେଲା । ଏଇ ଲୁଚନ ମେହେର କଣ ଜାତିର ଜନକ, ପୂଜ୍ୟ ଗଙ୍ଗାଧର ମେହେରଙ୍କ ବଂଶଧର ? ଏମାନଙ୍କ କାରୁକର୍ମ କରା ହାତ ବୁଣା ଶାଢ଼ୀ ଦେଶ ବିଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ? ଏମାନେ ପୁଣି ଶାଢ଼ୀ ବୁଣା ଛାଡ଼ି ହାଗକୁଦ ବାନ୍ଧର କୁଲି ହେଲେ ?

ତାର ଝିପୁଅ ସାମନାରେ ଗଦାଏ ଲୋକ ଦେଖି ଲଦୁ ମେହେର ଗୋଟା ପଣେ ଥରି ଉଠୁଥିଲା । କଣ ହୋଇପାରେ କାରଣଟା ? ଜାତିଟା ଏ ଦେଶର ଶ୍ରେଷ୍ଠ ବୁଣାକାର ହେଲେ'ବି ମନ ଭିତରେ ଏତିକ ଟିକିଏ ଗର୍ବ ନାହିଁ । ବଡ଼ ନିରୀହ ଆତ୍ମା ସେମାନଙ୍କର । ହଲିଲା ପାଣିରେ ପାଦ ପକାଇବେ ନାହିଁ । ସାଙ୍ଗ ହୋଇ ଆସୁଥିବା ମହାଦେବ ମେହେରକୁ କହିଲା, ତମେ ଆସୁଥା । ମୁଁ ଟିକିଏ ଆଗୁଆ ଯାଇ ଦେଖେ ··· ··· ···

ଲଦୁ ମେହେରକୁ ଧାଉଁଥିବା ଦେଖି ମହାଦେବ'ବି ଧାଇଁଲା । ଯଦି ସତରେ କି ଅସ୍ୱାଭାବିକ ଘଟଣା ଘଟିଯାଏ ··· ··· ···

ସେମାନେ ପହଞ୍ଚିଲା ବେଳକୁ କୋଳାହଳ କମେ ଭାଙ୍ଗି ଆସୁଛି । ସମସ୍ତେ ଲୁଚନ ମେହେରକୁ ପ୍ରଶଂସା କରି କହୁଛନ୍ତି, ମଣିଷ ନୁହେ ଦେବତାଟିଏ ! ନ ହେଲେ ସେ ମେଠ୍ ବାବୁଟାକୁ ଛାଡ଼ି ଦେଇଥାନ୍ତା ।

ସାମନାରେ ନିତାନ୍ତ ଅପ୍ରତ୍ୟାଶିତ ଭାବରେ ମହାଦେବକୁ ଦେଖି ପାରି ଶଶୀର ଦୁଲୁକା ଗୁଡିଟା ଆହୁରି ଜୋର୍‌ରେ ଦୋହଲି ଉଠିଲା । ଏଇ ତାର ସ୍ୱପ୍ନର ମହାଦେବ ! ଦିନ ରାତି ଉଜାଗର ରହି ମହାଦେବର କଥାତକ କେତେ ଭାବି ହୋଇନାହିଁ ! ଉତ୍ତେଜନାର ଆଧିକ୍ୟରେ ସେ କାନ୍ଦି ପକାଇଲା ।

—୫✳୫—

—କୋଡ଼ିଏ—

ରାତି ଅଧ ହୋଇ ଯାଇଥିଲେ'ବି ଲଦୁ ମେହେରର ଝୁପୁଡ଼ି ଯାଇ ନିଦ ପହୁଞ୍ଚି ପାରିନାହିଁ । କରଛଡ଼ା ହୋଇ କୁଡିଆ ଘରପାଖେ ଚକର କାଟୁଛି ।

କେତେ ଆନନ୍ଦର ଦିନ, ପୁଣି କି ଦୁଃଖର ଦିନଟିଏ ! !

ଲୁଚନ ମେହେର ଓ ମହାଦେବ ସାମନା ସାମନି ବସି ସୁଖ ଦୁଃଖ ହେଉଥିଲେ । ବିନକାର କିଏ କେଉଁଠି ରହିଲେ ସେମାନଙ୍କ ସମ୍ବନ୍ଧରେ ଚର୍ଚ୍ଚା ପଡ଼ିଥିଲା । ଶଶୀ ଓ ତା ମାଆ ଜୁଳୁଜୁଳୁ କରି ଚାହିଁ ରହିଥିଲେ ।

ବିନକାର ନୂଆପଡ଼ାର ଶିରି ତୁଟି ଆସୁଛି । ଅଭିମନ୍ୟୁ କି ଦାଶରଥି ଘରର କପଡ଼ା ଦୋକାନ ଆଉ ନାହିଁ । ସାଆନ୍ତରା ଘର କେତେ ଦୋକାନ ପକାଇ ନଥିଲେ । କିନ୍ତୁ ସେ'ବି ରହିଲା ନାହିଁ । ସହର ଭିତରେ ମାରଓ୍ୱାଡ଼ୀ ପଣି ପ୍ରତି ପଡ଼ାକୁ ଛିନ୍ ଭିନ୍ କରି ଦେଲେଣି । ଏକଚାଟିଆ କାରବାର ସେମାନଙ୍କର, ଘଡ଼ିକୁ ଗୋଟିଏ

ଗୋଟିଏ ଦର । ମନ ହେଲେ ଭାଉ ବଢିଲା । ବଢ଼ିଲା ଦର ସହଜରେ ଛୁଣ୍ଡୁ ନାହିଁ । ମହାନଦୀରେ ବରଷକୁ ଥରେ ଦ'ଥର ନୂଆ ପାଣି ପଶି କୂଳ ଲଙ୍ଘି ପୁଣି ବର୍ଷା ଗୁଡ଼ିଲେ କମି ଯାଉଛି । ଅଥଚ ବନ୍ଦକା ପଡ଼ାର ମାରଓ୍ୱାଡ଼ୀ ବଜାରରେ ସବୁ ଦିନ ସବୁ ଜିନଷର ଦର ଚଢ଼ା । ଗୃହସ୍ଥ ଏଇନେ ଗୋଷାଉ ନାହିଁ । ଯେଉଁ କେତେଜଣ ଉଚ୍ଚ ଶିକ୍ଷା ପାଇ ଗାଁ ଦାଣ୍ଡରେ ଚଳ-ପ୍ରଚଳ ହେଉଥିଲେ, ଏଇନେ ଗୃକଗ୍ରୀ କରିବେ ବୋଲି ବିଦେଶରେ ପଡ଼ିଛନ୍ତି । ପୁଣି ନଈ ପଟେ ଦିନକୁ ଦିନ ମାଟି କ୍ଷୟ ହୋଇ ଯାଉଛି । ଖଣ୍ଡିଆ ପଡ଼ାର ଅଧେ ଖାଇ ଗଲାଣି । 'ବେତରମାନେ' ସାହି ଗୁଡ଼ ଉଠିଯିବେ ବୋଲି ଜାଗା ଖୋଜୁଛନ୍ତି । ମେହେରମାନଙ୍କର ବେଉଷଣରେ ବସ୍ତ୍ରର କ୍ଷତି । ମଙ୍ଗା ଆବାଜରେ ପୂର୍ବର ସେହି ଜୀବନ ନାହିଁ । ସେଇଥି ପାଇଁ ଭବ ଚନ୍ଦ୍ର ଖ୍ୱାମ ମେହେର, ବଦେଶୀ ମେହେର ପରି କେଇଜଣ ଅଭିଜ୍ଞ କାରଗର ମଙ୍ଗା ଗୁଡ଼ି ସାଇକଲ ଦୋକାନ ଧରିଛନ୍ତି । ଆଜ ମୋ ଅବସ୍ଥାତ ଦେଖିଲ ।......... ଲୁଚନ ମେହେର ଶେଷ କଥା ପଦକ କହି ସାରିବା ପରେ ଦୀର୍ଘ ନିଃଶ୍ୱାସ ଗୁଡ଼ିଲା ।

ଆଉ ମହିମା ପଡ଼ାର କଥା ? ....ମହାଦେବ ମେହେର ନିଜ ଘର ଖବର ଶୁଣିବାକୁ ବ୍ୟଗ୍ରଥିଲା ।

ଖାଲି ତମର ଘରଟା ଗୁଡ଼ିଦେଲେ ବାକି କାହାରିର ଅବସ୍ଥା ଭଲ ନୁହେ । 'ଶ୍ରୀକୃଷ୍ଣ ମେହେର' ପରି ଇମା ବୁଣାକାରର ବାପ 'ଶ୍ରୀରାମ ମେହେର' ସଙ୍ଗରେ ଧାନବାଦ ଯାଇ କଣ୍ଟ୍ରାକ୍ଟରୀ ଶିଖୁଛି । ପ୍ରତି ଥେଟର୍‌ରେ ରଜା ପାର୍ଟ କରୁଥିବା ମହାପୁର ମେହେରର' ଅବସ୍ଥା ଦେଖିଲେ ଯେ କୌଣସି ମେହେର ଆଖିରେ ଲୁହ ଆସିବ । ସେ ଝୁଡ଼ି କଣ୍ଟା ହୋଇ ଗଲାଣି । 'ଗଇନୁ ମେହେର'ର ପୁଅ, ଖ୍ୱାମର

ସାଇକଲ ଦୋକାନରେ ଚାକିରୀ କଲା ବୋଲି ବଞ୍ଚିଗଲା । ନ ହେଲେ ସେ'ବି ଚଳଚଳାନ୍ତ ହୋଇ ଯାଇଥାନ୍ତା ।

ବିନକାର ମେହେର କୁଳଟା ଏମିତି କଣ କ୍ଷୟ ହୋଇଯିବେ ? ସେମାନଙ୍କର ଏତେବଡ଼ ଖ୍ୟାତି ମଉଳି ଯିବ ? ମହାଦେବ ମେହେରର କଣ୍ଠରେ ଅଶ୍ରୁ ଥିଲା । ତାର ଉଷୁମ ଲୁହ ଭରା ଆଖି ଦି'ଟା ଖୁବ୍ କରୁଣ ହୋଇ ପଡ଼ୁଥିଲା ।

ଏ ଜାତି ପ୍ରତି କାହାର ଆଗ୍ରହ ନାହିଁ ମହାଦେବ । ସରକାର ହରିଜନ ସମ୍ପ୍ରଦାୟ ପାଇଁ ଯେତିକ ସୁବିଧା, ସୁଯୋଗ କରିଛନ୍ତି ତାର ଦଶ ଭାଗରୁ ଭାଗେ ଯଦି ଏଇ ଜାତିଟା ପାଇଁ ସୁବିଧା କରି ଦିଅନ୍ତେ·········କିନ୍ତୁ ଏ ଜାତି ପାଇଁ କହିବାକୁ କିଏ ଅଛି ? ନିଜ ଭିତରୁ ଲୋକ ବାହାରି ଯଦି ଗୁଣ୍ଡ ପିଟାଇ କଥା ନ କହନ୍ତି ତାହାହେଲେ ମୋରି ପରି ଏ ଜାତିର ପ୍ରତ୍ୟେକ ଗୃହସ୍ଥ ଅନ୍ଧ, ଅକର୍ମଣ୍ୟ ହୋଇଯିବେ ପୁଅ ! ବିନକାର ମେହେର ଜାତିଟା ଲୋପ ପାଇଯିବ·········

ଲୁଚନ ମେହେର ପୁଣି ଏତେ କଥା ଜାଣିଥିଲା ! ତାକୁ ଏ ଜାତି ପ୍ରେମ କଥା ଶିଖାଇଲା କିଏ ସେ ?

ମହାଦେବ ମେହେର ଲୁଚନ ମେହେରର ହାତ ଧରି କହିଲା, ମୁଁ ଗାଁକୁ ଫେରିଯିବି । ହୀରାକୁଦର କୌଣସି ଆକର୍ଷଣ ମୋତେ ଅଟକାଇ ରଖି ପାରିବ ନାହିଁ । ଛୋଟ 'ଷ୍ଟୋର୍ କପର୍' ଚାକିରୀରୁ କଣ ଆଦାୟ ହେଉଛି ଯେ—

ଭଲ କଥା ମହାଦେବ । ଏ ଖବର ଶୁଣି ମୁଁ ସବୁଠୁ ଅଧିକ ଆନନ୍ଦ ହୋଇଛି । ତୁ ଗଲାବେଳେ ମୋର ଏଇ ଅଦରକାରୀ ମଙ୍ଗା

ସରଞ୍ଜାମତକ ନେଇଯିବୁ । ଅଧା ବୁଣା ଶାଢ଼ୀ ଖଣ୍ଡିକ'ବି ନେଇଯିବୁ । ଚମ୍ପାର ବାହାଘର ପାଇଁ ବୁଣୁଥିଲି । କିନ୍ତୁ ଅନ୍ଧ ହୋଇଗଲି । ପୂର୍ବ କରିଥିବା ଧଡ଼ି ଓ ମୁହଁର ଚାଗ ଗଣି ପୁଲ କରିବୁ । ଦେଖିବୁ ସେଇ ଶାଢ଼ୀ ଖଣ୍ଡକ ଝଳକାରେ ଏ ପର୍ଯ୍ୟନ୍ତ ବୁଣା ହୋଇଥିବା ଶାଢ଼ୀ ଭିତରେ ସର୍ବଶ୍ରେଷ୍ଠ ହେବ । ଅନ୍ତତଃ ତାହାହିଁ ମୋର ଧାରଣା ।

ସେ ଶାଢ଼ୀଟା ବୁଣି ସାରିଲେ, ତାକୁ ନିଜ ହାତରେ ଚମ୍ପାକୁ ପିନ୍ଧାଇ ଦେବାର ଅନୁମତି ଦେବତ ? ମହାଦେବ ମେହେର ଦାବୀ କଲା । ସେ ଦାବୀ କଥାର କଥା ହୋଇ ରହିଲା ନାହିଁ । ସେ ହେଲା ଆବେଗର ଭେଳା । ତହିଁରେ ଦୃଢ଼ ମନର ସବଳ ପରିପ୍ରକାଶ ଥାଏ ।

ଲୁଚନ ମେହେର ଆବେଗରେ ଫାଟି ପଡ଼ିଲା ଯେମିତି । ସେ ମହାଦେବକୁ ଆଲିଙ୍ଗନ କରି କହିଲା, ମୋର ଏତେ ସୌଭାଗ୍ୟ ମହାଦେବ ? ଆଜିଠୁ କଥା ଦେଲି, ଚମ୍ପା ଖାଲି ତାର ଅନ୍ଧ ବାପର ଝିଅ ନୁହେ, ମହାଦେବର ପତ୍ନୀ !

ଦୁର୍ଗା ମଣ୍ଡପର ଶେଷ ଆଳତି ବାଜୁଛି । ଘଣ୍ଟା ଶବ୍ଦରେ ଖଣ୍ଡମଣ୍ଡଳ ଦୁଲୁକି ଉଠୁଛି । ଲଦୁ ମେହେର ସଙ୍ଗେ ଚମ୍ପାର ମା'ବି ଆନନ୍ଦର ଅଶ୍ରୁ ପୋଛୁଛି !

ଚମ୍ପା ଲାଲ ପଡ଼ି ଯାଇଥାଏ । ମହାଦେବ ମେହେରର ଆଖି ସଙ୍ଗରେ ଆଖି ମିଶିଗଲା ପରେ ଧାଇଁ ଧାଇଁ ଚନ୍ଦ୍ର କରଣ ଭିତରେ ପଶିଗଲା ।

ସେଇଠି ସେଇ ଚନ୍ଦ୍ର କରଣରେ ସେ ମହାଦେବକୁ ଅପେକ୍ଷା କରିଥିଲା । ତାର ଆଦିମ ମନଟା କୁରୁଳି ଉଠୁଥାଏ ।

ପ୍ରଗତି ପ୍ରେସ, ବ୍ରହ୍ମପୁର (ଗଞ୍ଜାମ)